

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୨୮ ଭୁବନେଶ୍ୱର ଶୁକ୍ରବାର, ମଇ ୦୯.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.228 Bhubaneswar, Friday, May 09, 2025


# ଆରମ୍ଭ ହେଲା ମହାଯୁଦ୍ଧ







- ନିଦ ହଜାଇଲା ଭାରତର ନାଗାସ୍ତ୍ର, ହାପୋର ଡ୍ରୋନ୍
- ଚେତାବନୀ ସତ୍ତ୍ୱେ ଶୁଣିଲାନି ପାକିସ୍ତାନ, ଆକ୍ରମଣ କଲା
- ଜବାବୀ ଆକ୍ରମଣ ଆରମ୍ଭ କଲା ଭାରତୀୟ ସେନା
- ପୁରା ପାକିସ୍ତାନ ବ୍ଲାକ୍‌ଆଉଟ, ଜରୁରି ବୈଠକ ଡାକିଲେ ଶେହବାଜ

ନୂଆଦିଲ୍ଲୀ,୮/୫: ଭାରତ-ପାକିସ୍ତାନ ମଧ୍ୟରେ ଆରମ୍ଭ ହୋଇଥିବା ଆକ୍ରମଣ-ପ୍ରତିଆକ୍ରମଣ ଗୁରୁବାର ରାତି ସୁଦ୍ଧା ପ୍ରଚଣ୍ଡ ଯୁଦ୍ଧର ରୂପ ନେଇସାରିଛି। ପାକିସ୍ତାନକୁ ବାରମ୍ବାର ଚେତାବନୀ ଦିଆଯିବା ସତ୍ତ୍ୱେ ପାକିସ୍ତାନ ପକ୍ଷରୁ ଗୁରୁବାର ଜମ୍ମୁ କାଶ୍ମୀରର ବିଭିନ୍ନ ପ୍ରାନ୍ତରେ ଆକ୍ରମଣ କରାଯିବା ପରେ ଭାରତ ମଧ୍ୟ ଏବେ ଆକ୍ସନ ମୋଡ୍‌କୁ ଆସିଯାଇଛି। ଭାରତୀୟ ସେନା ଏବେ ପାକିସ୍ତାନ ଉପରେ ପ୍ରଚଣ୍ଡତାର ସହ ଜବାବୀ ଆକ୍ରମଣ କରିବା ଆରମ୍ଭ କରିଦେଇଛନ୍ତି। ରିପୋର୍ଟ ଅନୁସାରେ ଭାରତ ଏବେ ପାକିସ୍ତାନ ଲାହୋର, ଇସଲାମାବାଦ୍, ସିଆଲକୋଟ, କରାଚୀ, ଜାଲିୱାତ୍ ସମେତ ପିଓକେର ବାହାବଳନଗର ଅନେକ ସ୍ଥାନରେ ଭାରତୀୟ ସେନା ପ୍ରବେଶ କରିଛି। ଏସବୁ ସ୍ଥାନଗୁଡ଼ିକରେ ଭାରତ ଏବେ ଡ୍ରୋନ୍ ଆକ୍ରମଣ କରିବା ଆରମ୍ଭ କରିଦେଇଛି। ଏସବୁ ଅଞ୍ଚଳକୁ ଭାରତୀୟ ସେନା ଏବେ ଟାର୍ଗେଟ୍‌କୁ ନେଇଛି। ଭାରତୀୟ ସେନାର ଅପରେସନ୍ ସିନ୍ଦୂର'କୁ ନେଇ ଭୟଭୀତ ହୋଇପଡିଥିବା ପାକିସ୍ତାନ ବୁଧବାର ବିଳମ୍ବିତ ରାତିରେ ଭାରତୀୟ ସୀମାରେଖାରେ ଥିବା ଏକ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲା। ଏହାର ଜବାବ ଦେବାକୁ ଯାଇ ଗୁରୁବାର ଭୋର ସମୟରେ ଭାରତ ପାକିସ୍ତାନ ଉପରେ ଆତ୍ମଘାତୀ ଡ୍ରୋନ୍ ଆକ୍ରମଣ କରିଥିଲା। ଏହାକୁ ଅପରେସନ୍ ସିନ୍ଦୂର-୨.୦ ଭାବେ ଅଭିହିତ କରାଯାଉଥିଲା। ଭାରତର ଏହି ଆକ୍ରମଣରେ ଏଥିରେ ପାକିସ୍ତାନର ଅଧିକାଂଶ ସାମରିକ ପ୍ରତିଷ୍ଠାନଗୁଡ଼ିକ ନଷ୍ଟ ହୋଇଯାଇଥିବା ବେଳେ ଅନେକ ଆତଙ୍କବାଦୀ ନିହତ ହୋଇଥିବା କୁହାଯାଉଛି। ତେବେ ପୂର୍ବ ଥର ଭଳି ଏଥର ମଧ୍ୟ ଭାରତ ପକ୍ଷରୁ ପାକିସ୍ତାନକୁ ଚେତାବନୀ ଦିଆଯିବା ପୂର୍ବକ କୁହାଯାଇଥିଲା ଯେ, ପରିସ୍ଥିତିକୁ ପାକିସ୍ତାନ ଅଧିକ ନ ବିଗାଡିବା ଉଚିତ୍। ପହଲଗାମ ଘଟଣାର ପ୍ରତିଶୋଧ ଅପରେସନ୍ ସିନ୍ଦୂର'ରେ ନିଆଯାଇସାରିଛି। ପାକିସ୍ତାନ ଯଦି ଏହାକୁ ଆଗକୁ ନ ବଢ଼ାଏ ତେବେ ଏହା ପାକିସ୍ତାନ ପାଇଁ ମଙ୍ଗଳକାରୀ ହେବ। କିନ୍ତୁ ପାକିସ୍ତାନ ଏହାକୁ ଭୃକ୍ଷେପ କରି ଗୁରୁବାର ରାତିରେ ଜମ୍ମୁ କାଶ୍ମୀର ଉପରେ ଆକ୍ରମଣ କରିଥିଲା। ଜବାବରେ ଭାରତୀୟ ସେନା ଏବେ ଜବାବୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମେରିକା ପକ୍ଷରୁ ପାକିସ୍ତାନକୁ ତୁରନ୍ତ ଉତ୍ତେଜନା ହ୍ରାସ କରିବାକୁ କଡା ତାଗିଦ୍ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ସହ ଏସମ୍ପର୍କରେ କଥା ହୋଇଛନ୍ତି। ଅନ୍ୟପକ୍ଷେ ଆମେରିକା ଏବଂ ୟୁରୋପୀୟ ସଂସଦ କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ଏସମ୍ପର୍କରେ ଆଲୋଚନା କରିଥିବା ମଧ୍ୟ ଜଣାପଡିଛି। ତେବେ ଜୟଶଙ୍କର ଏହି ଅବସରରେ ସମସ୍ତ ପକ୍ଷଙ୍କୁ ସ୍ପଷ୍ଟ କରିଦେଇଛନ୍ତି ଯେ, ଆକ୍ରମଣର ପ୍ରତିଶୋଧ ନିଆଯିବ, ଉଚିତ୍ ଜବାବ ଦିଆଯିବ। ଅନ୍ୟପକ୍ଷେ ପାକିସ୍ତାନ ପଟୁ ହୋଇଥିବା ଆକ୍ରମଣର ଭାରତୀୟ ସେନା ଦୃଢ଼ ଜବାବ ଦେଇଛି। ବିଶେଷକରି ଜମ୍ମୁ କାଶ୍ମୀରର ଆରଏସ୍‌ପୁରା ଓ ଆର୍ଣ୍ଣିଆ ସେକ୍ଟର ସତୱାରୀ, ସାମ୍ବା ସେକ୍ଟରରେ ପାକିସ୍ତାନ କରିଥିବା ଆକ୍ରମଣକୁ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ଦ୍ୱାରା ଭାରତୀୟ ସେନା ବିଫଳ କରିଦେଇଛି। ଏସବୁ ପ୍ରାନ୍ତରେ ପାକିସ୍ତାନର ପ୍ରାୟ ୮ରୁ ଅଧିକ ରକେଟ୍/ମିସାଇଲଗୁଡ଼ିକୁ ଆକାଶମାର୍ଗରୁ ହିଁ ମାରି ଖସାଇବାରେ ସଫଳ ହୋଇଛି। ସେହିପରି ଭାରତୀୟ ବାୟୁସେନା, ପାକିସ୍ତାନର ଏକାଧିକ ଲଢୁଆ ଯୁଦ୍ଧ ଜାହାଜ ଏଫ୍-୧୬କୁ ମଧ୍ୟ ମାରି ଖସାଇଥିବା ଜଣାପଡିଛି। ଏସବୁ ମଧ୍ୟରେ ପାକିସ୍ତାନର ଆକ୍ରମଣକୁ ନେଇ ଭାରତୀୟ ସେନା ପକ୍ଷରୁ ଜମ୍ମୁ ଏୟାରପୋର୍ଟରେ ସାଇରନ୍ ବାଜିବା ସହ ଜମ୍ମୁକୁ ବ୍ଲାକ ଆଉଟ୍ କରାଯାଇଛି। ସେହିପରି ଭାରତୀୟ ଜମ୍ମୁ ସହ ଅଖନୁରରେ ବି ମଧ୍ୟ ଯୁଦ୍ଧ ସାଇରନ୍ ବଜାଇଛି ଭାରତୀୟ ସେନା। ଭାରତର ଅପରେସନ୍ ସିନ୍ଦୁର' ପରେ ପ୍ରତିଶୋଧରେ ଜର୍ଜରିତ ପାକିସ୍ତାନ ଏବେ ସୀମାରେଖାରେ ଥିବା ଭାରତୀୟ ସାମରିକ ପ୍ରତିଷ୍ଠାନ, ଅନ୍ୟାନ୍ୟ ପ୍ରତିଷ୍ଠାନ ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରୁଛି। ପାକିସ୍ତାନ ପକ୍ଷରୁ ଜମ୍ମୁ କାଶ୍ମୀରର ପ୍ରାନ୍ତୀୟ ଅଞ୍ଚଳରେ ଡ୍ରୋନ୍ ଆକ୍ରମଣ କରାଯାଉଛି। ଭାରତୀୟ ସେନା ଏସବୁର ଜବାବ ଦେଉଛି। ରିପୋର୍ଟ ଲେଖାହେବା ସୁଦ୍ଧା ଭାରତ ବର୍ତ୍ତମାନ ସୁଦ୍ଧା ୫୬ରୁ ଅଧିକ ପାକିସ୍ତାନୀ ଡ୍ରୋନ୍‌କୁ ଖସାଇସାରିଛି। ସେହିପରି ଭାରତୀୟ ନୌସେନା ମଧ୍ୟ ଏବେ ପାକିସ୍ତାନ ବିରୋଧରେ ମୋର୍ଚ୍ଚା ଆରମ୍ଭ କରିଛି। ଆରବ ସାଗରରୁ ଆଇଏନ୍‌ଏସ୍ ବିକ୍ରାନ୍ତ' ପାକିସ୍ତାନ ଉପରେ ଆକ୍ରମଣ କରିବା ଆରମ୍ଭ କରିଛି। ଭାରତର ଏପ୍ରକାର ପ୍ରଚଣ୍ଡ ଆକ୍ରମଣକୁ ଦୃଷ୍ଟିରେ ରଖି ସମଗ୍ର ପାକିସ୍ତାନକୁ ବ୍ଲାକ୍ ଆଉଟ୍ କରିଦିଆଯାଇଛି। ସେହିପରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଗତ ୨୪ ଘଣ୍ଟା ମଧ୍ୟରେ ୩ୟ ବୈଠକ କରିଛନ୍ତି। ପାକିସ୍ତାନ ମାଟିରେ ଭାରତର ଏପ୍ରକାର ସିଧାସଳଖ ଆକ୍ରମଣ ପରେ ଶେହବାଜ ଜରୁରି ବୈଠକ ଡକାଇ ନିଜ ସେନା ତଥା ରାଜନୈତିକ ଦଳଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି। ପ୍ରକାଶ, ଗୁରୁବାର ପ୍ରାତଃ ସମୟରେ ଭାରତ ପଟୁ ହୋଇଥିବା ଆକ୍ରମଣରେ ଭାରତ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆତ୍ମଘାତୀ ଡ୍ରୋନ୍ ନାଗାସ୍ତ୍ର'କୁ ବ୍ୟବହାର କରିଥିଲା। ସେହିପରି ଇସ୍ରାଏଲ ନିର୍ମିତ ଦୁର୍ଦ୍ଧର୍ଷ ଡ୍ରୋନ୍ ହାପୋରକୁ ମଧ୍ୟ ଭାରତୀୟ ସେନା ପାକିସ୍ତାନ ବିପକ୍ଷରେ ବ୍ୟବହାର କରିଥିଲା। ଏହା ପାକିସ୍ତାନରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିବା କୁହାଯାଉଛି। ପାକିସ୍ତାନର ଅନେକ ସାମରିକ ଘାଟିକୁ ଟାର୍ଗେଟ୍ କରି ଭାରତୀୟ ସେନା ଆଜି ଏହି ଡ୍ରୋନ୍ ଆକ୍ରମଣ କରିଥିଲା। ଏଥିରେ ରାୱଲପିଣ୍ଡି ଷ୍ଟାଡିୟମ୍‌ରେ ମଧ୍ୟ ଏକ ଡ୍ରୋନ୍ ମାଡ଼ ହେବା ଯୋଗୁ ସମଗ୍ର ଷ୍ଟାଡିୟମ୍ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି।

## ଅବଦୁଲ ରୌଫ ଖେଳ ଖତମ



ନୂଆଦିଲ୍ଲୀ,୮/୫: ଭାରତ ପାକିସ୍ତାନର ଆତଙ୍କବାଦୀ ଉପରେ ହମଲା କରି ପହଲଗାମ ଆତଙ୍କୀ ହମଲାର ବଦଲା ନେଇଛି। ଏହାରି ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। କୁଖ୍ୟାତ ଆତଙ୍କୀ ଅବଦୁଲ ରୌଫ ଆଜହର ଭାରତର ମିସାଇଲ ମାଡାରେ ନିହତ ହୋଇଥିବା ଜଣାପଡ଼ିଛି। ଆବଦୁଲ ରଉଫ ଆଜହର ହେଉଛି ମାସୁଦ ଆଜହରଙ୍କ ସାନ ଭାଇ ଏବଂ ଜୈଶ-ଏ-ମହମ୍ମଦର ଦ୍ୱିତୀୟ ନେତା। ଅବଦୁଲ ରୌଫ ଅପରେସନ ସିନ୍ଦୂରରେ ନିହତ ହୋଇଥିବା ଖବର ଗୁଇନ୍ଦା ସୂତ୍ରରୁ ଜଣାପଡ଼ିଛି। ଅବଦୁଲ ଆଜହର ୧୯୯୯ ମସିହାରେ ଇଣ୍ଡିଆନ୍ ଏୟାରଲାଇନ୍ସ ବିମାନ ଓଉ-୮୧୪ ଅପହରଣର ମୁଖ୍ୟ ସୂତ୍ରଧର ଥିଲା। ଦଶନ୍ଧି ଧରି ଭାରତୀୟ ଗୁଇନ୍ଦା ସଂସ୍ଥାର ରାଡାରରେ ଥିଲା ଏହି ଆତଙ୍କୀ। ଅବଦୁଲର ନିପାତ ଭାରତର ଆତଙ୍କବାଦ ବିରୋଧୀ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ବିଶେଷକରି ଜାତୀୟ ତଦନ୍ତ ସଂସ୍ଥା (NIA) ଦ୍ୱାରା ମୋଷ୍ଟୱାଣ୍ଟେଡ ତାଲିକରେ ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଥିଲା।କାନ୍ଦାହାର ଯୋଜନା ଅପହରଣ ବ୍ୟତୀତ, ଆଜହର ୨୦୦୧ ଭାରତୀୟ ସଂସଦ ଆକ୍ରମଣ, ୨୦୦୩ ନାଗ୍ରୋଟା ସେନା କ୍ୟାମ୍ପ ଉପରେ ଆକ୍ରମଣ, ପୁଲୱାମା ଆକ୍ରମଣ (୨୦୧୯) ଏବଂ ଅନ୍ୟାନ୍ୟ ସୀମାପାର ଆତଙ୍କବାଦୀ ଆକ୍ରମଣ ପଛରେ ମଧ୍ୟ ସାମିଲ ଥିଲା।

# ବେସାମରିକ ପ୍ରତିରକ୍ଷା ଅଭ୍ୟାସ ପାଇଁ ପ୍ରସ୍ତୁତି





ଭୁବନେଶ୍ୱର,୮/୫: ରାଜ୍ୟରେ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ପାଇଁ ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆଜି ଅପରାହ୍ଣରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଜିଲ୍ଲାରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସ୍ଥିତି, ସେମାନଙ୍କର ସଂଖ୍ୟା ବୃଦ୍ଧି ଓ ସାଂଗଠନିକ ସୁଦୃଢ଼ କରିବା ସହିତ ସେମାନଙ୍କ ଦ୍ୱାରା ସେବା ପ୍ରଦାନ ସଂପର୍କିତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ଜନ ଗହଳିପୂର୍ଣ୍ଣ ଶିଳ୍ପାଞ୍ଚଳ ଓ ସହରରେ ଅଧିକ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ମୁତୟନ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଶ୍ରୀ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ, ଅଗ୍ନିଶମ ବିଭାଗ ଡଃ. ସୁଧାଂଶୁ ଷଡଙ୍ଗୀ, ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ. କମଳଲୋଚନ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, ଅନୁଗୁଳ, ସମ୍ବଲପୁର, ସୁନ୍ଦରଗଡ଼ ଆଦି ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କର ସ୍ଥିତି ଓ ଆବଶ୍ୟକତା ସଂପର୍କରେ ଆଲୋଚନା କରାଯାଇ ବିଭିନ୍ନ ପରାମର୍ଶ ଦିଆଯାଇଛି । ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତି ସମୟରେ ଜନସାଧାରଣଙ୍କୁ ସାହାଯ୍ୟ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ସେମାନେ ପ୍ରାଥମିକ ଚିକିତ୍ସା, ସନ୍ଧାନ ଏବଂ ଉଦ୍ଧାର, ଅଗ୍ନିଶମ ସେବାରେ ସହାୟତା , ସ୍ଥାନାନ୍ତର ଏବଂ ପୁନରୁଦ୍ଧାର କାର୍ଯ୍ୟରେ ସାହାଯ୍ୟ କରି କ୍ଷୟକ୍ଷତିକୁ ହ୍ରାସ କରିବା, ଜୀବନ ବଞ୍ଚାଇବା ଏବଂ ସଙ୍କଟ ସମୟରେ ସାମୂହିକ ସ୍ଥିରତା ବଜାୟ ରଖିବାରେ ପ୍ରମୁଖ ଯୋଗଦାନ କରିଥାନ୍ତି । ସେହିପରି ବିପର୍ଯ୍ୟୟ ସମୟରେ ଆଗଧାଡ଼ିରେ ରହି ସାହାଯ୍ୟ କରିଆସିଥିବା ଆପଦମିତ୍ରମାନଙ୍କ ଭୂମିକାକୁ ପ୍ରଶଂସା କରାଯିବା ସହିତ ଆବଶ୍ୟକ ସମୟରେ ସେମାନଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି । ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସମେତ, ଜାତୀୟ ସେବା ସଂସ୍ଥା(ଏନଏସ୍‌ଏସ),ସମର ଶିକ୍ଷାର୍ଥୀ ବାହିନୀ, ନେହେରୁ ଯୁବକେନ୍ଦ୍ର, ସେଣ୍ଟ ଜୋନ ଆମ୍ବୁଲାନ୍ସ ଭଳି ସଂସ୍ଥା ସହ ବୈଠକ କରି ଆମର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ସମନ୍ୱୟକୁ ଅଧିକ ସୁଦୃଢ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ସେହିପରି ବିଭିନ୍ନ ଜିଲ୍ଲାର ପ୍ରମୁଖ ଶିଳ୍ପାଞ୍ଚଳ ଓ ଜନସଂଖ୍ୟ ବହୁଳ ସ୍ଥାନରେ ଜନସାଧାରଣଙ୍କୁ ସତର୍କ ମୂଳକ ସୂଚନା ଦେବାକୁ ସାଇରନ୍ ବ୍ୟବସ୍ଥା ରଖିବାକୁ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ, ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ସଂକଟ ଜନକ ସମୟକୁ ସୁଯୋଗ ଓ ଆହ୍ୱାନ ବୋଲି ମନେ କରି ନିଜକୁ ପ୍ରସ୍ତୁତ ରଖିବା ସଙ୍ଗେ ସଙ୍ଗେ ଜନ ସଚେତନତା ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି । ଏ ସଂପର୍କରେ ଗୁରୁତ୍ୱାରୋପ କରି ସେ ଜିଲ୍ଲାପାଳ,ଆରକ୍ଷୀ ଅଧିକ୍ଷକ ଓ ଅଧିକାରୀମାନଙ୍କୁ ଆବଶ୍ୟକ ପ୍ରସ୍ତୁତି ସଂପର୍କରେ ପରାମର୍ଶ ଦେଇଥିଲେ ।


## ଭୁବନେଶ୍ୱରରେ ହେବ ସାଇନ୍ସ ସିଟି: ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଭୁବନେଶ୍ୱର,୮/୫: ଓଡ଼ିଶା ସରକାର ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ସାଇନ୍ସ ସିଟି ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ଏହି ଯୋଜନାର ଲକ୍ଷ୍ୟ ବୈଜ୍ଞାନିକ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶାର ବ୍ୟାପକ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା। ଗୁରୁବାର ଦିନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ପ୍ରସ୍ତାବିତ ସାଇନ୍ସ ସିଟି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ, ଶିକ୍ଷଣ ଏବଂ ଜନସାଧାରଣଙ୍କ ସମ୍ପୃକ୍ତିର ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ସେ କହିଛନ୍ତି, ମୁଁ ସମ୍ପ୍ରତି ଗୁଜରାଟର ଅହମ୍ମଦାବାଦରେ ଥିବା ସାଇନ୍ସ ସିଟିର ଗଠନ ଏବଂ କାର୍ଯ୍ୟକାରିତା ଅଧ୍ୟୟନ କରିବା ପାଇଁ ପରିଦର୍ଶନ କରିଥିଲି। ଏହାର ମଡେଲରେ ଅନୁପ୍ରାଣିତ ହୋଇ ଏବଂ ମୁଖ୍ୟମନ୍ତ୍ରୀ ମାଝୀଙ୍କ ପରାମର୍ଶ ଅନୁସରଣ କରି, ଆମେ ଭୁବନେଶ୍ୱରରେ ସମାନ ସୁବିଧା ବିକଶିତ କରିବାକୁ ନିଷ୍ପତ୍ତି ନେଇଛୁ। ରାଜ୍ୟର ଅଭିବୃଦ୍ଧି ପାଇଁ ବୈଜ୍ଞାନିକ ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ପଦକ୍ଷେପ ଆମର ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେ କହିଛନ୍ତି ଯେ, ଅହମ୍ମଦାବାଦରେ ନିଯୁକ୍ତ ଅନେକ ଓଡ଼ିଆ ଅଧିକାରୀ ଏହି ପ୍ରକଳ୍ପକୁ ସମର୍ଥନ କରି ଏବଂ ପ୍ରସ୍ତାବିତ ସୁବିଧା ପାଇଁ ଜ୍ଞାନ ବଣ୍ଟନରେ ସହଯୋଗ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସାରା ରାଜ୍ୟରେ ବୈଜ୍ଞାନିକ ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ ଏକ ବ୍ୟାପକ ପଦକ୍ଷେପ ନିମନ୍ତେ ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ସାଇନ୍ସ ପାର୍କ, ସାଇନ୍ସ ସେଣ୍ଟର ଅବା ପ୍ଲାନେଟୋରିୟମ୍ ପ୍ରତିଷ୍ଠା କରାଯିବ। ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ବୈଜ୍ଞାନିକ ଭାବନାକୁ ଉତ୍ସାହିତ କରିବା ପାଇଁ ଆମେ ପ୍ରତ୍ୟେକ ଜିଲ୍ଲାରେ ଅତି କମରେ ଗୋଟିଏ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ତାହା ଏକ ସାଇନ୍ସ ପାର୍କ, ସାଇନ୍ସ ସେଣ୍ଟର ଅବା ପ୍ଲାନେଟୋରିୟମ୍ ଭାବେ ବିକଶିତ କରିବାକୁ ଯୋଜନା କରୁଛୁ ବୋଲି ସେ କହିଛନ୍ତି।

## ସୁପ୍ରିମ କୋର୍ଟଙ୍କ ନିଷ୍ପତ୍ତିକୁ ପ୍ରଶଂସା

ଭୁବନେଶ୍ୱର,୮/୫: ଓଡ଼ିଶାରେ ବିଶ୍ୱବିଦ୍ୟାଳୟମାନଙ୍କରେ କୁଳପତି ଓ ଅଧ୍ୟାପକ ନିଯୁକ୍ତିକୁ ନେଇ ଲାଗିଥିବା ରୋକ୍‌କୁ ସୁପ୍ରିମ କୋର୍ଟ ହଟାଇଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ରୁଜୁ ହୋଇଥିବା ମାମଲାର ଗତକାଲି ଶୁଣାଣିକରି ସୁପ୍ରିମକୋର୍ଟ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ଏହା ସହିତ ବର୍ତ୍ତମାନ ନୂଆ ସଂଶୋଧନ ଆଇନ୍ ବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଅନୁସାରେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟମାନଙ୍କରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ହୋଇପାରିବ। ସୁପ୍ରିମକୋର୍ଟଙ୍କର ଏହି ନିଷ୍ପତ୍ତିକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ କରିବା ସହିତ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ରୁଜୁ ହୋଇଥିବା ମାମଲାର ଗତକାଲି ଶୁଣାଣିକରି ସୁପ୍ରିମକୋର୍ଟ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ସୁପ୍ରିମ କୋର୍ଟଙ୍କର ନିଷ୍ପତ୍ତି ପୂର୍ବ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ଭୁଲ୍ ସାବ୍ୟସ୍ତ କରିବା ସହିତ ଏହା ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗର ନିୟମାବଳୀକୁ ଉଲଂଘନ କରୁଥିଲା ବୋଲି ସ୍ପଷ୍ଟ ପ୍ରତିପାଦିତ ହୋଇଛି। ବର୍ତ୍ତମାନ ସୁପ୍ରିମ କୋର୍ଟଙ୍କ ଦ୍ୱାରା ଅନ୍ତରୀଣ ରହିତାଦେଶ ହଟିବା ପରେ ବିଶ୍ୱ ବିଦ୍ୟାଳୟମାନଙ୍କରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଆଧାରରେ କରାଯିବ। ଖାଲି ପଡ଼ି ରହିଥିବା ପଦବୀ ଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବାପାଇଁ ପଦକ୍ଷେପ ନିଆଯିବ। ଏଥିସହିତ ପୂର୍ବ ସରକାରଙ୍କ ଐତିହାସିକ ଭୁଲ୍ ନିଷ୍ପତ୍ତି ପାଇଁ ଉଚ୍ଚଶିକ୍ଷାରେ ନିଯୁକ୍ତି ଦିଗରେ ଆସିଥିବା ସ୍ଥାଣୁତାକୁ ଦୂର କରିବା ପାଇଁ କାର୍ଯ୍ୟ କରାଯିବ। ରାଜ୍ୟରେ ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ରାଜ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଏହି ନୂତନ ଅଧିନିୟମକୁ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗର ନିୟମାବଳୀ ସହ ସମନ୍ୱୟ ରକ୍ଷା କରି ଅଣାଯାଇଛି। ବିଧାନସଭାରେ ରାତି ତମାମ୍ ଆଲୋଚନା ହେବାପରେ ବିଧେୟକ ପାରିତ ହେବା ଏବଂ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରି ଏହି ନୂତନ ଅଧିନିୟମ ଆସିବା ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ସୂର୍ଯ୍ୟୋଦୟ ହୋଇଛି ।ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ ସୁନିଶ୍ଚିତ କରିବା, ଶୈକ୍ଷିକ ସଂସ୍କୃତିକୁ ବଜାୟ ରଖିବା ସହ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯିବ। ଏଥିସହ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଏକ ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

# ପାକିସ୍ତାନ ଉପରେ ଭାରତର ପ୍ରଚଣ୍ଡ ହମଲା



ନୂଆଦିଲ୍ଲୀ,୮/୫: ପାକିସ୍ତାନର ଆକ୍ରମଣ ଜବାବରେ ପ୍ରଚଣ୍ଡ ଆକ୍ରମଣ କରିଛି ଭାରତ । ପାକିସ୍ତାନର ସିଆଲକୋଟ୍, ଲାହୋର ଓ ରାଜଧାନୀ ଇସ୍ଲାମାବାଦ ଉପରେ ଭାରତୀୟ ସେନା ଓ ବାୟୁସେନା ପକ୍ଷରୁ ପ୍ରଚଣ୍ଡ ବୋମାବର୍ଷଣ କରାଯାଉଛି । ଏହି ଆକ୍ରମଣରେ ଡ୍ରୋନର ବ୍ୟବହାର ମଧ୍ୟ କରାଯାଉଛି । ଭାରତ ପୂର୍ବରୁ ହିଁ ଲାହୋରର ଏୟାର ଡିଫେନ୍ସ ସିଷ୍ଟମକୁ ଧ୍ୱଂସ କରିସାରିଛି । ଏହାଛଡ଼ା କିଛି ସମୟ ପୂର୍ବରୁ ଭାରତ ଲାହୋରର ଆଉ ଏକ ଆୱାକସ୍ ଏୟାର ଡିଫେନ୍ସ ସିଷ୍ଟମକୁ ନଷ୍ଟ କରିଦେଇଛି । କେତେକ ରିପୋର୍ଟ ଅନୁସାରେ ଭାରତୀୟ ନୌସେନା ବି ସକ୍ରିୟ ହୋଇଯାଇଛି । ଏହା ପରେ ବନ୍ଦର ନଗରୀ କରାଚୀ ଓ ବାହାବଲପୁରରେ ସାଇରନ ବାଜି ଉଠିଛି। ଅନ୍ୟପଟେ, ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ତୁରନ୍ତ ହ୍ରାସ ପାଇଁ ଆମେରିକା ନିବେଦନ କରିଛନ୍ତି । ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓ ଭାରତର ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଓ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ କଥା ହୋଇ ଆକ୍ରମଣ ବନ୍ଦ କରିବାକୁ ନିବେଦନ କରିଛନ୍ତି ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶମ ଶ୍ରେଣୀ ଟପ୍ପର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ମାଲକାନଗିର - ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲଠାରେ ଚଳିତ ବର୍ଷ ଦଶମ ଶ୍ରେଣୀ ଟପ୍ପର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏ ୱାନ୍ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ୧୨ ଜଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସଫଳତାରେ ଜିଲ୍ଲାପାଳ ନିଜର ଖୁସି ବ୍ୟକ୍ତ କରି କହିଛନ୍ତି ଯେ ୨୦୨୪-୨୫ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶା ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ମାଲକାନଗିରି ଜିଲ୍ଲା ଆଶାନୁରୂପ ସଫଳତା ହାସଲ କରିଅଛି । ରାଜ୍ୟସ୍ତରରେ ଜିଲ୍ଲା ୧୯ ତମ ସ୍ଥାନ ହାସଲ କରିଅଛି । ଗତବର୍ଷ ତୁଳନାରେ ଚଳିତ ବର୍ଷ ସଫଳତା ହାର ବୃଦ୍ଧି ପାଇଅଛି ଓ ରାଜ୍ୟରେ ୨୫ ତମ ସ୍ଥାନରୁ ୧୯ ତମ ସ୍ଥାନକୁ ଉନ୍ନୀତ ହୋଇଅଛି ଯାହା ଜିଲ୍ଲା ପାଇଁ ଏକ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏ-ୱାନ୍ ଓ ଏ-ଟୁ ଫଳ ହାସଲ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଗତ ବର୍ଷ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା । ଏହି କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଦ୍ୱାରା ବିଭିନ୍ନ ବ୍ଲକରେ ୮ ଟି ଶିକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇଥିଲା । ପ୍ରତି ଶନିବାର ଦିନ ଭର୍ଚୁଆଲ୍ ଶ୍ରେଣୀ ପରିଚାଳନା, ପ୍ରତି ରବିବାର ଦିନ ପ୍ରତ୍ୟକ୍ଷ ଶ୍ରେଣୀ ପରିଚାଳନା, ସାପ୍ତାହିକ ସନ୍ଦେହମୋଚନ ଓ ପରୀକ୍ଷା ପରିଚାଳନା କରି ଗଠନମୂଳକ ପଦକ୍ଷେପ ଦ୍ୱାରା ଜିଲ୍ଲାର ଏହି ସଫଳତା ସମ୍ଭବ ହୋଇପାରିଛି । ଫଳସ୍ୱରୁପ ଏ-ୱାନ୍ ଓ ଏ-ଟୁ ଶ୍ରେଣୀରେ ଅଧିକ ପିଲା ସ୍ଥାନ ଅଧିକାର କରିଛନ୍ତି । ଜିଲ୍ଲାର ଏହି ସଫଳତା ଆଗାମୀ ଦିନରେ ଦଶମ ଶ୍ରେଣୀ ପରୀକ୍ଷାର୍ଥୀ ମାନଙ୍କୁ ପ୍ରେରଣା ଯୋଗାଇ ଅଧିକ ସଫଳତା ପାଇଁ ଉତ୍ସାହିତ କରିବ ବୋଲି ଶ୍ରୀ ପାଟିଲ ଏହି ଅବସରରେ କହିଛନ୍ତି । ସୂଚନା ଥାଉ କି ଜିଲ୍ଲାର ମୋଟ ୮୦୩୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ଏ ୱାନ୍ ରେ ୧୨ ଜଣ, ଏ ଟୁ ରେ ୪୬ ଜଣ, ବି ୱାନ୍ ରେ ୧୨୧ ଜଣ, ବି ଟୁ ରେ ୫୪୬ ଜଣ, ସି ରେ ୧୮୯୯ ଜଣ, ଡି ରେ ୩୫୬୯ ଜଣ ଓ ଇ ଗ୍ରେଡ୍ ରେ ୧୫୫୭ ଜଣ ସ୍ଥାନ ଅଧିକାର କରି ମୋଟ ଶତକଡା ୯୬.୪୧ ଭାଗ କୃତକାର୍ଯ୍ୟ ହୋଇଛନ୍ତି । ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ତତ୍ପରତା ଓ ସଚେତନତା, ଜିଲ୍ଲା ପ୍ରଶାସନର ମାର୍ଗଦର୍ଶନ ଓ ସହାୟତା ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଏତଦ୍ ବ୍ୟତୀତ ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ତତ୍ତ୍ୱାବଧାନ, ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପ୍ରୟାସ ଓ ଶିକ୍ଷାର୍ଥୀ ମାନଙ୍କ କଠିନ ପରିଶ୍ରମ ଓ ଏକାଗ୍ରତା ଏହି ସଫଳତା ଆଣି ଦେଇପାରିଛି । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଓସେପା ଉପ ନିର୍ଦ୍ଦେଶକ ପ୍ରଦୋଷ କୁମାର ନାୟକ ଓ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉମା ପ୍ରସାଦ ଦାସ ଉପସ୍ଥିତ ଥିଲେ । ସମଗ୍ର ଶିକ୍ଷା ଅଭିଯାନ ତରଫରୁ ଶେଷ ଶଙ୍କର ମହାଲିକ, ସତ୍ୟବ୍ରତ ମିଶ୍ର, ଶକୁନ୍ତଳା ମାଝୀ, ବିଜୟଲକ୍ଷ୍ମୀ ଚୌଧୁରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।

# ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଙ୍କ କୋଷାଗୁମୁଡା ବ୍ଲକ ଗସ୍ତ



ନବରଙ୍ଗପୁର ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ କୁ ଆଜି ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଅନୁଷ୍ଠାନିକ ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ ସେ ଅଞ୍ଚଳର ବିକାଶମୂଳକ ଉଦ୍ୟମ ଏବଂ ସମୁଦାୟ-ଆଧାରିତ କାର୍ଯ୍ୟକ୍ରମଗୁଡ଼ିକୁ ନିରୀକ୍ଷଣ କରିଥିଲେ । ମୁଖ୍ୟ ଶାସନ ସଚିବଙ୍କ ଗସ୍ତ ଆରମ୍ଭ ହୋଇଥିଲା ଫର୍ସଗୁଡ଼ାସ୍ଥିତ ବର୍ଣ୍ଣମାଳା ଉଦ୍ୟାନରୁ, ଯେଉଁଠାରେ ସେ ଏକ ଗଛ ରୋପଣ କରି ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଏହି ଅବସରରେ ତାଙ୍କ ସହ ଡିଏଫଓ ଶ୍ରୀ ସୁଭେନ୍ଦୁ ବେହେରା, ରେଞ୍ଜର ଶ୍ରୀ ପୂର୍ଣ୍ଣଚନ୍ଦ୍ର ନନ୍ଦ, ଜିଲ୍ଲାପାଳ, ସିଡିଓ, ଉପ-ଜିଲ୍ଲାପାଳ, କୋଷାଗୁମୁଡା ବିଡିଓ, କୋଷାଗୁମୁଡା ପଂଚାୟତସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ଟିସି ଶ୍ରୀ ପ୍ରୀତମ ବିଷୟୀ ଉପସ୍ଥିତ ଥିଲେ । ଏହାପରେ ସେ ଉକିୟାପାଲ୍ଲି ଜଳ ଶୋଧନାଗାର ପରିଦର୍ଶନ କରିଥିଲେ । ସେଠାରେ ସେ ଇଞ୍ଜିନିୟର, ସ୍ଥାନୀୟ ସରପଞ୍ଚ ଏବଂ ପଞ୍ଚାୟତ ସମିତି ସଦସ୍ୟମାନଙ୍କ ସହ ଆଲୋଚନା କରି, ଗ୍ରାମାଞ୍ଚଳରେ ସୁରକ୍ଷିତ ପାନୀୟ ଜଳ ଯୋଗାଣ ପାଇଁ ଚାଲିଥିବା ପ୍ରୟାସକୁ ପ୍ରଶଂସା କରିଥିଲେ । ଗସ୍ତର ଶେଷ ପର୍ଯ୍ୟାୟରେ ମୁଖ୍ୟ ଶାସନ ସଚିବ କୋଷାଗୁମୁଡା ସ୍ଥିତ ମିଶନ ଶକ୍ତି କାଫେରେ ଏକ ଆଲୋଚନା ସଭାରେ ଯୋଗ ଦେଇଥିଲେ । ସେଠାରେ ସେ ମଧ୍ୟାହ୍ନ ଭୋଜନ କରିବା ସହ ମିଶନ ଶକ୍ତିର ମହିଳା ସଦସ୍ୟ, ସିଆରପି, ଏମବିକେ ଏବଂ ବ୍ଲକ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି କାଫେଟି ବୌଦ୍ଧ ମୂର୍ତ୍ତି, ସୂର୍ଯ୍ୟଦେବ, ରାଧା-କୃଷ୍ଣ ଏବଂ ଆଦିବାସୀ କଳା ସମ୍ମିଶ୍ରଣରେ ସଜିତ, ଯାହା ସାଂସ୍କୃତିକ ଐତିହ୍ୟ ଓ ମହିଳା ସଶକ୍ତିକରଣର ଏକ ଅନୁପମ ସମାହାର ପ୍ରତିଫଳିତ କରୁଛି । ଏହି ଗସ୍ତ କୋସାଗୁମୁଡ଼ା ବ୍ଲକ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଥିଲା ଏବଂ ସମାନ୍ତରାଳ ବିକାଶ ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିବା ସ୍ଥାନୀୟ ଦଳଗୁଡ଼ିକ ପାଇଁ ବଡ଼ ଉତ୍ସାହ ପାଲଟିଛି ।

# ଆରପରିରେ ପୂର୍ବତନ ପ୍ରଧାନ ଶିକ୍ଷକ ସୋଭାନ ଖାନ : ଛାତ୍ର ଛାତ୍ରୀଙ୍କ ମହଲରେ ଗଭୀର ଶୋକ



କଳାହାଣ୍ଡି, :- କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ସଦର ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସମାଜ ସେବୀ ସୋଭାନ ଖାନ(୬୫)ଙ୍କ ଅକାଳ ବିୟୋଗରେ ସୋମବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପୁରାତନ ଛାତ୍ର ତଥା ଯୁବ ସାମ୍ବାଦିକ ଦୁର୍ଗା କୀର୍ତ୍ତି ଏବଂ ପୁରାତନ ଛାତ୍ରୀ ଅବନ୍ତି ନାଏକଙ୍କ ଆବାହନରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ପ୍ରଧାନ ଶିକ୍ଷକ ସୋଭାନ ଖାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ କ୍ୟାଣ୍ଡେ ଜାଳିବା ସହିତ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ପୁରାତନ ଛାତ୍ର ପ୍ରହରାଜ ଦୁର୍ଗା, ଟୁନା ପରିଛା, ହିତେଶ କୁମାର ନାଏକ, ଗୋମୟ ରଞ୍ଜନ ନାଏକ, ମହେଶ ଧଙ୍ଗଡା ମାଝୀ, ସୂର୍ଯ୍ୟା ନାଏକ, ବୈକୁଣ୍ଠ ବାଗ, ହାସିନ୍ ନାଏକ, କ୍ଷେତ୍ରମଣି ପାତ୍ର, ଅମିତ୍ ନାଏକ, ସପ୍ନିଲ୍ ପାଣିଗ୍ରାହୀ, ରୋସନ୍ ନାଏକ, ଲଳିତ ରଣା ପ୍ରମୁଖ ଯୋଗଦେଇ କୋକ ସଭାରେ ଭାଗ ନେଇଥିବା ବେଳେ ପୁରାତନ ଛାତ୍ରୀଙ୍କ ମଧ୍ୟରେ ଡ଼ଲି ନାଏକ, ସାରଦା ନାଏକ, ଖିତେଶ୍ୱରି ନାଏକଙ୍କ ସମେତ ବିଦ୍ୟାଳୟର ରାତ୍ର ଜଗୁଆଳି, ପୁରାତନ ଛାତ୍ରଛାତ୍ରୀ, ଥୁଆମୂଳ ରାମପୁର ଗ୍ରାମବାସୀ ତଥା ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇ ଶ୍ରଦ୍ଧାଞ୍ଜାପନ କରିବା ସହିତ ମୃତ ଶ୍ରୀ ଖାନଙ୍କ ସ୍ମୃତିଚାରଣ କରିଥିଲେ । ସୂଚନା ଯୋଗ୍ୟ ଯେ, ଗତ ରବିବାର ଭବାନୀପାଟଣା ସ୍ଥିତ ବାସଭବନରେ ତାଙ୍କ ପରଲୋକ ଘଟିଥିଲା । ରବିବାର ତାଙ୍କ ଝିଅର ବାହାଘର ଥିଲା । ବିବାହ କାର୍ଯ୍ୟକ୍ରମ ସରିବାର ଏକ ଘଣ୍ଟା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେବା ବେଳେ ତାଙ୍କ ମୃତ୍ୟୁ ଘଟିଥିଲା । ସନ୍ଧ୍ୟାରେ ଭବାନୀପାଟଣା ଠାରେ ହିଁ ତାଙ୍କୁ କବର ଦିଆଯାଇଥିଲା । ପ୍ରାୟ ବର୍ଷେ ହେବ ସୋଭାନ୍ ଖାଁ ରକ୍ତହୀନତା ହେତୁ ବିଭିନ୍ନ ସମୟରେ ଅସୁସ୍ଥ ହୋଇପଡୁଥିଲେ । ତାଙ୍କୁଦରକାର ବେଳେ ରକ୍ତ ଦିଆଯାଉଥିଲା । ତାଙ୍କର ମୃତ୍ୟୁ ହେତୁ ବରାତି ମଧ୍ୟ ଫେରି ପାରିନଥିଲେ । ଏପ୍ରିଲ ୨୩ ତାରିଖରେ ତାଙ୍କର ଏକମାତ୍ର ପୁତ୍ରଙ୍କ ଦେହାନ୍ତ ହୋଇଥିଲା । ଅଳ୍ପ ଦିନ ବ୍ୟବଧାନରେ ବାପ ପୁଅଙ୍କ ମୃତ୍ୟୁକୁ ନେଇ ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି । ଏହି ଖବର ପାଇବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ । ସେ ଜଣେ ମେଳାପୀ ଓ ଛାତ୍ରବତ୍ସଳ ଉତ୍ସର୍ଗୀକୃତ ଶିକ୍ଷକଭାବେ ଶିକ୍ଷକ ମହଲରେ ପରିଚିତ ଥିବା ବେଳେ ତାଙ୍କ ମୃତ୍ୟୁରେ ଛାତ୍ରଛାତ୍ରୀ, ଶିକ୍ଷକ ମହଲ, ଥୁଆମୂଳ ରାମପୁର ଅଞ୍ଚଳ ତଥା ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି କ୍ଷ

# ଓ ଏସ ଏଲ ଗ୍ରୁପ୍ ଦ୍ୱାରା ୨୦୦୦ ୟୁନିଟ୍ ରକ୍ତ ସଂଗ୍ରହ



ପାରାଦୀପ,ପବିତ୍ର ଅକ୍ଷୟ ତୃତୀୟା ଦିବସରେ ଓ ଏସ ଏଲ ଗ୍ରୁପ୍ ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ମହିମାନନ୍ଦ ମିଶ୍ରଙ୍କର ୭୨ତମ ଜନ୍ମତିଥି ଖୁବ୍ ଉତ୍ସାହର ସହିତ ପାଳନ କରାଯାଇଥିଲା ।ଏହି ଉପଲକ୍ଷେ ଓ ଏସ ଏଲ ଗ୍ରୁପ୍ କମ୍ପାନୀ ଗୁଡ଼ିକର କର୍ମଚାରୀ, ଅଧିକାରୀ, ଶୁଭେଚ୍ଛୁବୃନ୍ଦ,ଅନେକ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଶ୍ରୀ ମିଶ୍ରଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରିଥିଲେ ।ଏହି ଦିନକୁ ଅଧିକ ସ୍ମରଣୀୟ କରିବାକୁ ଓଏସ ଏଲ ଗ୍ରୁପ୍ ର ସମସ୍ତ କର୍ମଚାରୀ ନିଜ ନିଜ ଶାଖା, ଅଫିସ୍ ଏବଂ କମ୍ପାନୀ ପରିସରରେ ବିଶାଳ ରକ୍ତଦାନ ଶିବିରମାନ ଆୟୋଜନ କରିଥିଲେ ।ଏହି ମେଗା ରକ୍ତଦାନ ଶିବିର ରେ ୨୦୦୦ ୟୁନିଟ୍ ରୁ ଉର୍ଦ୍ଧ ରକ୍ତ ସଂଗ୍ରହ ହୋଇଥିଲା ଯାହାକି ଏକ ରେକର୍ଡ ସୃଷ୍ଟି କରିଛି ।ରକ୍ତଦାନ ଶିବିର ଗୁଡ଼ିକ ରେଡକ୍ରସ, ସେଣ୍ଟଜନ୍ସ,ଆମ୍ବୁଲାନ୍ସ,ସରକାରୀ ଓ ବେସରକାରୀ ହସ୍ପିଟାଲର ଅଭିଜ୍ଞ ଟିମ୍ ମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା ।କର୍ମଚାରୀ ମାନେ ଏତେ ସଂଖ୍ୟାରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବାରୁ ଓଏସ୍ ଏଲ ଗ୍ରୁପ୍ ର ପରିଚାଳନା କର୍ତୃପକ୍ଷ ସନ୍ତୁଷ୍ଟ ପ୍ରକାଶ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଶିକ୍ଷାବିତ ସାବନ ଖାଁ ଙ୍କ ଅକାଳ ବିୟୋଗ

କଳମପୁର- କଳମପୁର ବ୍ଲକ ମିନଗୁର ଗ୍ରାମର ଶିକ୍ଷାବିତ ତଥା ସମାଜସେବୀ ସୋଭାନ ଖାଁ (୬୫) ଭବାନୀପାଟଣା ସ୍ଥିତ ନିଜ ବାସଭବନରେ ପରଲୋକ ଘଟି ଯାଇଛି । ରବିବାର ତାଙ୍କ ତାଙ୍କ ଝିଅର ବାହାଘର ଥିଲା । ବିବାହ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବାର ଏକ ଘଣ୍ଟା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେବା ବେଳେ ତାଙ୍କ ମୃତ୍ୟୁ ଘଟିଛି । ସନ୍ଧ୍ୟାରେ ଭବାନୀପାଟଣା ଠାରେ ହିଁ ତାଙ୍କୁ କବର ଦିଆଯାଇଥିଲା । ପ୍ରାୟ ବର୍ଷେ ହେବ ସ୍ୱର୍ଗତ ସୋଭାନ ଖାଁ ରକ୍ତହୀନତା ହେତୁ ବିଭିନ୍ନ ସମୟରେ ଅସୁସ୍ଥ ହୋଇ ପଡୁଥିଲେ । ତାଙ୍କୁ ଦରକାର ବେଳେ ରକ୍ତ ଦିଆଯାଉଥିଲା । ତାଙ୍କର ମୃତ୍ୟୁ ହେତୁ ବରାତି ମଧ୍ୟ ଫେରି ପାରିନଥିଲେ । ଏପ୍ରିଲ ୨୩ ତାରିଖରେ ତାଙ୍କର ଏକମାତ୍ର ପୁତ୍ରଙ୍କ ଦେହାନ୍ତ ହୋଇଥିଲା । ଅଳ୍ପ ଦିନ ବ୍ୟବଧାନରେ ବାପ ପୁଅଙ୍କ ମୃତ୍ୟୁକୁ ନେଇ ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି । ଏହି ଖବର ପାଇବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ବିୟୋଗରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବେଧଡକ ରେ ଚାଲିଛି ବେଆଇନ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର

କଳମପୁର, ବେସରକାରୀ ଭାବରେ କୌଣସି ଶିକ୍ଷନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ସରକାରୀ ସ୍ୱୀକୃତି ନିତାନ୍ତ ଆବଶ୍ୟକ ବୋଲି ସରକାର ନିୟମ କରିଥିବା ବେଳେ କ୍ଷ କଳାହାଣ୍ଡି ଜିଲ୍ଲା କଳମପୁର ସହର ମଧ୍ୟରେ ସହ ସହ ମହିଳା ମାନଙ୍କୁ ନେଇ ଚାଲିଛି ଅସ୍ୱୀକୃତି ପ୍ରାପ୍ତ ବେସରକାରୀ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର କ୍ଷ ସରକାରୀ ନିୟମାନୁସାରେ କୌଣସି ଏକ ଘରୋଇ ଶିକ୍ଷା କେନ୍ଦ୍ର ଆରମ୍ଭ କରିବା ପୂର୍ବରୁ ସମସ୍ତ ସରକାରୀ ନିୟମ ମାନି ସରକାରଙ୍କ ଠାରୁ ସ୍ୱୀକୃତି ନେବାକୁ ପଡିଥାଏ କିନ୍ତୁ ଏହି ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ସରକାରଙ୍କ ବିନା ଅନୁମତି ରେ ସକାଳ ୮ ଘଣ୍ଟା ସମୟରୁ ସନ୍ଧ୍ୟା ୫ ଘଣ୍ଟା ସମୟ ପର୍ଯ୍ୟନ୍ତ କଳମପୁର ସହର ମଧ୍ୟରେ ଏକ କୋଠରୀ ରେ ସିଲେଇ ପ୍ରଶିକ୍ଷଣ ଦିଆଯାଉଥିବା ସୂଚନା ମିଳୁଛି କ୍ଷ ସୂଚନାନୁସାରେ ତାଲିମ ନେଉଥିବା ସମସ୍ତ ମହିଳା ମାନଙ୍କୁ ତାଲିମ ଶେଷ ପରେ ସିଲେଇ ପ୍ରମାଣ ପତ୍ର ଦେବା ସହ ଚାକିରୀର ବ୍ୟବସ୍ଥା ଥିବା ନେଇ ପ୍ରଶିକ୍ଷକ ଗୋବିନ୍ଦ ବାଗ ପ୍ରଲୋଭନ ଦେଖାଇ ମହିଳା ମାନଙ୍କୁ ନେଇ ବେଧଡକ ଭାବରେ ସହର ମଧ୍ୟରେ ଚଳାଉଛନ୍ତି ପ୍ରଶିକ୍ଷଣ କେନ୍ଦ୍ର କ୍ଷ ଦୁର୍ଭାଗ୍ୟ ବଶତଃ ପ୍ରଶିକ୍ଷଣ କେନ୍ଦ୍ରରେ କୌଣସି ମହିଳାଙ୍କ ପ୍ରତି ଯଦି କୌଣସି ଅଘଟଣ ଘଟେ ତେବେ କିଏ ଦାୟୀ ରହିବ ଓ ଏଭଳି ବେନିୟମ କାର୍ଯ୍ୟ ପ୍ରତି ପ୍ରଶାସନ କାହିଁକି ଅଙ୍କୁଶ ଲଗାଉ ନାହିଁ ବୋଲି ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି କ୍ଷ

# ୪ଟି ବୋମା ନିଷ୍କ୍ରିୟ କଲା ପୁଲିସ, କମ୍ବିଂ ଜୋରଦାର

ମୁନିଗୁଡା, ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଥାନା ଅର୍ନ୍ତଗତ ଜଗଦଳପୁର ଅଞ୍ଚଳରେ ୩ ଟିଫିନ୍ ବୋମା ଓ ଗୋଟିଏ ପ୍ରେସର ବୋମା ନିଷ୍କ୍ରିୟ କରିଛି ପୁଲିସ । ଏନେଇ ସୂଚନା ଦେଇଛନ୍ତି ଏସପି ସ୍ୱାଥି ଏସ.କୁମାର । ଏହି ଘଟଣା ବର୍ତମାନ ଜିଲ୍ଲାରେ ଚହଳ ସୃଷ୍ଟି କରିଛି । ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଗୁଇନ୍ଦା ଅପରେସନ ସେଲର ସୂଚନା ଆଧାରରେ ଏସପିଙ୍କ ନେତୃତ୍ୱରେ ଆଜି ସକାଳୁ ଜିଲା ଡିଭିଏଫ, ବମ୍ ସ୍କ୍ୱାର୍ଡ଼ ଏବଂ ସିଆରପିଏଫ୍ ମିଳିତ ଭାବେ କମ୍ବିଂ ଅପରେସନ କରିଥିଲେ । କମ୍ବିଂ ସମୟରେ ଜଗଦଲପୁର ଗାଁ ନିକଟସ୍ଥ ଦୁଇଟି ସ୍ଥାନରେ ବୋମା ଖଞ୍ଜାଯାଇଥିବା ଜଣାପଡ଼ିଥିଲା । ଗୋଟିଏ ପ୍ରେସର ବୋମା ସମେତ ୩ ଟି ଟିଫିନ୍ ବୋମା ଖଞ୍ଜାଯାଇଥିଲା । ଉକ୍ତ ୪ଟି ବୋମାକୁ ପୁଲିସ ଓ ସିଆରପିଏଫ୍ ?ର ବମ୍ ସ୍କ୍ୱାର୍ଡ଼ ମିଳିତ ଭାବେ ନିଷ୍କ୍ରିୟ କରିଥିଲେ । ଜିଲ୍ଲାରେ ଗତବର୍ଷ ମାନଙ୍କରେ ମାଓବାଦୀ କାର୍ଯ୍ୟକଳାପ ରହିନଥିବା ବେଳେ ବିଭିନ୍ନ ସ୍ଥାନରେ ବ୍ୟାନର ଓ ପୋଷ୍ଟର ଦେଖିବାକୁ ମିଳୁଥିଲା । ହେଲେ ଏବେ ୪ ଟି ବୋମା ଉଦ୍ଧାର ହୋଇଥିବା ଘଟଣାରୁ ଜିଲ୍ଲାରେ ମାଓବାଦୀ କାର୍ଯ୍ୟକଳାପ ସକ୍ରିୟ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି । ଏନେଇ ଏସପି ସ୍ୱାଥି ଏସ.କୁମାରଙ୍କୁ ପଚାରିବାରୁ ଗୁଇନ୍ଦା ସୂଚନା ଅନୁସାରେ ମାଓବାଦୀ ପକ୍ଷରୁ ଏହି ବୋମା ଖଞ୍ଜାଯାଇଥିଲା ବୋଲି କହିଛନ୍ତି । ବର୍ତମାନ ଜିଲ୍ଲାରେ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି ବୋଲି କହିଛନ୍ତି ଏସପି ।

# ଜାତିଆଣ ଭେଦାଭାବ ମନ୍ତବ୍ୟ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ଯୁବକ ହଟହଟା

ବଙ୍ଗୋମୁଣ୍ଡ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଞ୍ଚଳର ଜଣେ ଅସାମାଜିକ ଯୁବକ ଜାତିଆଣ ଭେଦାଭାବ ମନ୍ତବ୍ୟ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛନ୍ତି । ସୂଚନା ଯୋଗ୍ୟ ଯେ ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଗନ୍ଧ୍ରାବନ୍ଦ ଗାଁ'ର ଜୟପ୍ରକାଶ ସାହୁଙ୍କ ପୁଅ ଘନଶ୍ୟାମ ସାହୁ ଓରଫ ମୁନା ସାହୁ (୨୩) ବର୍ଷ ତାଙ୍କ ଏକ ସୋସିଆଲ ମିଡ଼ିଆ ଏକାଉଣ୍ଟରୁ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ (ଡ଼ମ) ଲୋକର ଲମ୍ବ କଥା ବୋଲି ପୋଷ୍ଟ କରିଥିଲେ । ଯାହା ବର୍ତ୍ତମାନ ହ୍ୱାଟସଫ ରୁ ହ୍ୱାଟସଫ ଘୁରି ବୁଲୁଥିବା ବେଳେ ଅନୁସୂଚିତ ଜନଜାତିର ଯୁବକ ମାନଙ୍କ



ମଧ୍ୟରେ ରାଗର ଧୂଆଁ ବାହାରୁଛି । ଏନେଇ କେଉଁ ପରିସ୍ଥିତିରେ ଏପରି ମନ୍ତବ୍ୟ ପୋଷ୍ଟ କରିଥିଲେ ତାହା ଜାଣିବା ପାଇଁ ଆମେ ଯୋଗାଯୋଗ କରି ଥିଲୁ କିନ୍ତୁ ଫୋନ ବନ୍ଦ ଥିବାରୁ ମୁନା ସାହୁଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ । ସେପଟେ କଣ୍ଟାବାଞ୍ଜି, ମୁରିବାହାଲ, ବଙ୍ଗୋମୁଣ୍ଡା, ତୁରେକେଲା, ବେଲପଡ଼ା ପାଟଣାଗଡ଼ ଭାଲୁମୁଣ୍ଡା ଅଞ୍ଚଳର ଯୁବକ ମାନେ ଆକ୍ରୋଶ ରେ ଥିବା ବେଳେ ଆଇନଜୀବୀ ଦିନେଶ କୁମାର ତାଣ୍ଡି ଏପରି ଅସାମାଜିକ ବ୍ୟକ୍ତିଙ୍କୁ କୌଣସି ପ୍ରକାରରେ କ୍ଷମା କରିବା ଉଚିତ ନୁହଁ ବୋଲି କହିଥିଲେ । ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି ସୂଚନା ଦେଇଥିଲେ ଅନ୍ୟ ପକ୍ଷରେ ଭାଜପା ନେତା ଶ୍ରୀ ଥବିର ବାଗ ମଧ୍ୟ ପ୍ରକାଶ କରିଛନ୍ତି ଯେ ଥାନାରେ ଜାତିଆଣ ଆକ୍ଷେପ ଭେଦଭାବ ମାମଲା ରୁଜୁ କରାଯିବ ବୋଲି ସୂଚନା ଦେଇଛନ୍ତି । ସେହିପରି କଣ୍ଟାବାଞ୍ଜି ଅଞ୍ଚଳର ଯୁବକ ମାନେ ମଧ୍ୟ ଥାନାର ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି । ଅନ୍ୟ ସମାଜର କର୍ମକର୍ତ୍ତାମାନେ ମଧ୍ୟ ଏପରି ଏକ ଜାତିକୁ ଆକ୍ଷେପ କରି କିଛି ଭୁଲ ମନ୍ତବ୍ୟ ଦେଉଥିବା ବ୍ୟକ୍ତି ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଉଚିତ ବୋଲି କହିଛନ୍ତି । ଅଞ୍ଚଳରେ ଭାଇ ଚାରାକୁ ଖରାପ କରୁଥିବା ବ୍ୟକ୍ତିମାନେ କ୍ଷମା ଯୋଗ୍ୟ ନୁହଁନ୍ତି,ଏଭଳି ବ୍ୟକ୍ତି ବିଶେଷ ଆଗକୁ ଯାଇ ଆହୁରି ଅଧିକ ଭାଇ ଚାରାକୁ ସର୍ବନାଶ କରିପାରନ୍ତି ତେଣୁକରି ଏ ଦିଗରେ ପୁଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି

# ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ ର ବିରାଟ ଜନ ଆନ୍ଦୋଳନ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ବର୍ଷିଲେ କମିଟି

ନୂଆପଡ଼ା ଅନିର୍ଦ୍ଧିଷ୍ଟ କାଳପାଇଁ ଧାରଣାଜାରି ଜଙ୍ଗଲ ଅଧିକାର ଆଇନ ବାଟବଣା ଜଙ୍ଗଲ ଜମିକୁ ଦଖଲ କରି ପାରମ୍ପରିକ ଭାବରେ ପୁରୁଷାନୁକ୍ରମେ ଚାଷ ବାସ କରି ପରିବାର ପ୍ରତିପୋଷଣ କରୁଥିବା ଅନୁସୂଚିତ ଜନଜାତି ଓ ପାରମ୍ପରିକ ବନବାସୀ ମାନଙ୍କ ହକ ଓ ନ୍ୟାଯ୍ୟ ଦାବି ହାସଲ ପାଇଁ ବାରମ୍ବାର ଆନ୍ଦୋଳନ କରି ଆସୁଥିବା ବେଳେ ସରକାର ତଥା ପ୍ରଶାସନିକ ଅଧିକାରୀ ମାନଙ୍କ ଅହେତୁକ ମନୋଭାବ ସାଙ୍ଗକୁ ଦୁର୍ନୀତି ଖୋର ମନୋବୃତ୍ତି ପାଇଁ ସମସ୍ୟାରେ ବୁଡି ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ନିଜର ହକ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହିଭଳି ସମସ୍ୟାକୁ ନେଇ ନୂଆପଡ଼ା ଜିଲ୍ଲା ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ ବୋଡ଼େନ ଶାଖା ଦ୍ୱାରା ବିଭିନ୍ନ ସମସ୍ୟାକୁ ୮ ଦଫା ଦାବୀ ନେଇ ବିରାଟ ରେଲି ସାଙ୍ଗକୁ କୃଷି କାର୍ଯ୍ୟାଳୟ,ବୋଡ଼େନ ବନ ବିଭାଗ ଓ ତହସିଲ ଅଫିସ ଘେରାଉ କରାଯିବା ସହ ଧାରଣା ଅବ୍ୟାହତ ରହିଛି । ଏଠାରେ ସୂଚନାଯୋଗ୍ୟ ଯେ,ନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ବସବାସ କରୁଥିବା ଅନେକ ପରିବାର ଜଙ୍ଗଲ ଜମି ଉପରେ



ନିର୍ଭରଶୀଳ ଜଙ୍ଗଲ ଜମି ଉପରେ ପୁରୁଷାନୁକ୍ରମେ ଚାଷ ବାସ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଜଙ୍ଗଲର ଲଘୁବନଯାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି । ଏହି ଜମିର ମାଲିକାନା ପାଇଁ ସରକାରଙ୍କ ଦ୍ୱାରା ଅଣା ଯାଇଥିବା ଜଙ୍ଗଲ ଅଧିକାର ଆଇନ ୨୦୦୬- ଓ ସଂଶୋଧିତ ଆଇନ - ୨୦୧୨ ଉପରେ କାର୍ଯ୍ୟକାରୀ କରାଯାଉ ନାହିଁ ଏପରିକି ସରକାରଙ୍କ ପ୍ରଦତ୍ତ ଆଇନ ସଠିକ ଭାବରେ କାର୍ଯ୍ୟକାରୀ କରାଯାଉ ନ ଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ଅଣ ଆଦିବାସୀଙ୍କୁ ପଟ୍ଟା ପ୍ରଦାନ ଦିଗରେ ପଦକ୍ଷେପ ନିଆଯାଇ ନାହିଁ । ସରକାରଙ୍କ ଆଇନ ଅନୁଯାୟୀ ଗ୍ରାମ ସଭାର ସର୍ବ ମାନ୍ୟତା ରହିଥିବା ବେଳେ ଗ୍ରାମ ସଭାକୁ ବନ ବିଭାଗ ଓ ତହସିଲ ବିଭାଗ ଏହାକୁ ଗ୍ରହଣ କରୁ ନାହିଁ । ଏପରିକି ବନ ବିଭାଗ ମାପ କାର୍ଯ୍ୟ ରେ ସାମିଲ ରହୁ ନ ଥିବା ବେଳେ ଅନେକ କାରଣ ଦର୍ଶାଇ ଟାଳଟୁଳ ନୀତି ଅବଲମ୍ବନ କରୁଛି । କୌଣସି ପଡ଼ା ଗ୍ରାମ କୁ ରାଜସ୍ୱ ମାନ୍ୟତା ପ୍ରଦାନ କରାଯାଉ ନାହିଁ । ଏପରିକି ପାଟଦରାହ ଗ୍ରାମରେ ବନ ବିଭାଗର ଚାରା ରୋପଣ କାର୍ଯ୍ୟ ରେ ଶ୍ରମିକ ମାନଙ୍କୁ ପ୍ରାୟ ୧୫ ଲକ୍ଷ ଟଙ୍କାର ଶ୍ରମିକ ମାନଙ୍କୁ ନ ଦେଇ ହଡ଼ପ କରାଯାଇଛି । ଏହା ଉପରେ ବାରମ୍ବାର ଅଭିଯୋଗ କରି ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ସେହିପରି ବୋଡ଼େନ ବ୍ଲକର କୃଷି କାର୍ଯ୍ୟାଳୟ ପକ୍ଷରୁ ଜମି ଜଙ୍ଗଲ ପଟ୍ଟା ପାଇଥିବା ନିରୀହ ଆଦିବାସୀଙ୍କୁ ବୀମା ବାବଦ ରେ ଜଣ ପିଛା ୫ଶହ ଟଙ୍କା ନେଇ ଶୋଷଣ କରିଛନ୍ତି । ଏପରି ଅନେକ ସମସ୍ୟା ନେଇ ବୋଡ଼େନ ବ୍ଲକ ର ବରଗଛ ଛକ ନିକଟରେ ସମାବେଶ ହୋଇ ବିରାଟ ରେଲି ରେ କୃଷି କାର୍ଯ୍ୟାଳୟ ପରେ ବନ ବିଭାଗ ଓ ତହସିଲ ଅଫିସ ଘେରାଉ କରାଯିବା ପରେ କୌଣସି ସମାଧାନ ନ ହେବାରୁ ବୋଡ଼େନ ତହସିଲ ଅଫିସ ରେ ଅନିର୍ଦ୍ଧିଷ୍ଟ କାଳ ପାଇଁ ଧାରଣା ଜାରି ରହିଛି । ଏହି ସମାବେଶ ରେ ନୂଆପଡ଼ା ଜିଲ୍ଲା ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ ଜିଲ୍ଲା ଆବାହକ ମେଘନାଦ ଖର୍ସେଲ,ଖୁଟୁରାମ ସୁନାନୀ,ହୀରାଲାଲ ମାଝୀ,ସୌଦାଗର ସାହୁ,ଯୁଧିଷ୍ଠିର ସାହୁ,ଶୁଭ୍ରାଂଶୁ କୁମାର ନାଏକ,ହନୁରାମ ମାଝୀ,ସଚିନ ମାଝୀ,ଉଦ୍ଧବ ମାଝୀ,ବାବାଜୀ ମାଝୀ,ବ୍ରଜ ମାଝୀ,ତୁଳସୀ ରାମ ମାଝୀ,ରତ୍ନାକର ମାଝୀ,ରୁଦ୍ର ମାଝୀ,ଡିଙ୍ଗର ମାଝୀ,ରଘୁନାଥ ମାଝୀ,ଦ୍ରୋଣ ମାଝୀ,ଅମର ମାଝୀ ସମେତ ଶତାଧିକ ଜଙ୍ଗଲ ଜମି କମିଟିର ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଉପସ୍ଥିତ ରହିଥିଲେ ।

# କୋଣାର୍କରେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ପାଳିତ

ସ୍ଥାନୀୟ କିଙ୍ଗସ୍ କୋକୋ ଇକୋ ରିସର୍ଟ ପରିସରରେ କୋଣାର୍କ ଜ୍ଞାନ ମଞ୍ଚ ପକ୍ଷରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଅଛି। ଅଦ୍ୱୈତ ବେଦାନ୍ତ ବିଶାରଦ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡଃ ହରମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ପୁରୀର ବିଶିଷ୍ଟ ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ର, ପ୍ରଫେସର କ୍ଷୀରୋଦ ରାୟ ମହାପାତ୍ର, ଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡ ସଭାପତି ଡ଼ ଦୁର୍ଗା ପ୍ରସାଦ ମିଶ୍ର, ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ , ଐତିହାସିକ ଡଃ ସନ୍ତୋଷ ମିତ୍ର ପ୍ରମୁଖ ଯୋଗଦେଇ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ହିଁ ଭାରତବର୍ଷର ପ୍ରଥମ ଏକତ୍ୱର ବାର୍ତ୍ତାବହ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୀବନ, ଦର୍ଶନ, ଉପନିଷଦ, ଶ୍ରୀମଦ ଭଗବଦ୍ ଗୀତା ଓ ବ୍ରହ୍ମସୂତ୍ର ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଆଜି ଯଦି ସମଗ୍ର ଭାରତବର୍ଷରେ ସନାତନ ବୈଦିକ ଧର୍ମର ଅମୃତ ଧାରା ବହି ଚାଲିଛି ତାର ସମସ୍ତ ଶ୍ରେୟ ଭଗବାନ ସ୍ୱରୂପ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କର ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଡଃ ମିନତୀ ମିଶ୍ର ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ରଚନାରୁ କିଛି ଶ୍ଳୋକ ଆବୃତ୍ତି କରିଥିଲେ। ଜ୍ଞାନ ମଞ୍ଚ ପକ୍ଷରୁ ପ୍ରଫେସର ଶରତଚନ୍ଦ୍ର ପ୍ରଧାନ , ଟ୍ରଷ୍ଟି ସଦସ୍ୟ ବରିଷ୍ଠ ସମାଜସେବୀ ହରିଶ୍ଚନ୍ଦ୍ର ଦାଶ ଓ ଗବେଷକ ସଞ୍ଜୟ ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶ୍ରୀକ୍ଷେତ୍ରରୁ ଉଡିବ ବିମାନ, ମଞ୍ଜୁରୀ ପ୍ରଦାନ କଲେ କେନ୍ଦ୍ର ସରକାର

ପୁରୀ : ଶ୍ରୀକ୍ଷେତ୍ର ପୁରୀରେ ନୂତନ ବିମାନବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏଥିଲାଗି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ନୋ ଅବଜେକ୍ସନ ସାର୍ଟିଫିକେଟ୍ ମିଳିଥିବା ଜଣାପଡିଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ମଧ୍ୟ ନୂତନ ବିମାନବନ୍ଦର ପ୍ରତିଷ୍ଠା ଲାଗି ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ଦେଇସାରିଛି । ୨୦୨୩ ସେପ୍ଟେମ୍ବରରେ ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଅନୁମତି ଦେଇଥିଲା । ଓଡ଼ିଶା ସରକାର ପ୍ରକଳ୍ପର ଅଗ୍ରଗତି ନେଇ ପୂର୍ବରୁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଆଗତ କରିଥିଲେ । ଏହି ବିମାନବନ୍ଦର ନିମନ୍ତେ ଜମି ଅଧିଗ୍ରହଣ, ରାଜ୍ୟର ଭାଗ ସମେତ ପ୍ରକଳ୍ପର ଆନୁସଙ୍ଗିକ କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାର ସମ୍ମତି ଜଣାଇଥିଲେ । ତେବେ ଏହି ନୂତନ ବିମାନବନ୍ଦର ଭାରତୀୟ ବିମାନ ନିୟାମକ ପ୍ରାଧିକରଣ କିମ୍ବା ପିପିପି ମୋଡରେ ହେବ ତାହା ଏଯାବତ୍ ସ୍ଥିର ହୋଇନାହିଁ । ସୂଚନାଯୋଗ୍ୟ ରାଜସ୍ଥାନ କୋଟାରେ ମଧ୍ୟ ନୂତନ ବିମାନବନ୍ଦର ନିର୍ମାଣ ନିମନ୍ତେ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି ।

# ଯାଜପୁର କେନ୍ଦୁଝରରୋଡ଼ ରେ, ରେଳ କର୍ମଚାରୀଙ୍କ ପାଇଁ "ଇ-କ୍ଲିନିକ୍" ସୁବିଧାର ଉଦଘାଟନ




ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍ ଏସ ବାଜ୍ୱା, ଯାଜପୁର - ଯଖପୁରା ସେକ୍ସନରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ପାଇଁ ଯାଜପୁର କେନ୍ଦୁଝରରୋଡ଼ ରେ, "ଇ-କ୍ଲିନିକ୍" ସୁବିଧାର ଉଦଘାଟନ କରିଛନ୍ତି। ଏହି ଇ-କ୍ଲିନିକ୍ ଦ୍ୱାରା, ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାରର ସଦସ୍ୟମାନେ ଅନଲାଇନ୍ ମୋଡ୍ ମାଧ୍ୟମରେ ଚିକିତ୍ସା ସହାୟତା ପାଇପାରିବେ। ଏହି ପ୍ରକାରର ଇ-କ୍ଲିନିକ୍ ସୁବିଧା ଭାରତୀୟ ରେଳବାଇରେ ପ୍ରଥମ ଥର ପାଇଁ ଆରମ୍ଭ କରାଯାଇଛି । ଏହି ଇ-କ୍ଲିନିକ୍ ସୁବିଧା ଆଉଟସୋର୍ସିଂ ମାଧ୍ୟମରେ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଆରମ୍ଭ କରାଯାଇଛି ଏବଂ ଏହା ଯାଜପୁର-ଜଖପୁରା ସେକ୍ସନରେ କାର୍ଯ୍ୟରତ ୬୮୫ ଜଣ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାରଙ୍କ ଚିକିତ୍ସା ଆବଶ୍ୟକତା ପୂରଣ କରିବ, ଯେଉଁଥିରୁ ୫୩୫ ଜଣ ରନିଂ ଷ୍ଟାଫ୍ ଅଛନ୍ତି। ପୂର୍ବରୁ ଏହି ସେକ୍ସନର ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସେମାନଙ୍କର ଚିକିତ୍ସା ପାଇଁ ଭଦ୍ରକର ରେଳ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଯାଉଥିଲେ।ଇ-କ୍ଲିନିକ୍ ସୁବିଧାରେ ଅନେକ ବୈଶିଷ୍ଟ୍ୟ ରହିଛି ଯେପରିକି ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଟଗଓଉ କାର୍ଡ ପଞ୍ଜୀକରଣ ପରେ ଅନଲାଇନ୍ ମୋଡ୍ ?ରେ ଡାକ୍ତର ଏବଂ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିପାରିବେ। ପଞ୍ଜୀକୃତ ସଦସ୍ୟଙ୍କ ପାଇଁ ଇ-ପରାମର୍ଶ ୨୪ଢ୭ ଉପଲବ୍ଧ ହେବ। ରୋଗୀମାନେ ଇ-କ୍ଲିନିକ୍ ?ରେ ଫାର୍ମାସିଷ୍ଟଙ୍କଠାରୁ ପ୍ରେସକ୍ରିପସନ୍ ହୋଇଥିବା ଔଷଧ ପାଇପାରିବେ। ଇ-କ୍ଲିନିକ୍ ?ରେ ପାଥୋଲୋଜିକାଲ୍ ପରୀକ୍ଷା ସୁବିଧା ମଧ୍ୟ ଉପଲବ୍ଧ।ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍ ଏସ ବାଜ୍ୱା, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଏପରି ଏକ ଅନନ୍ୟ ପଦକ୍ଷେପ ଗ୍ରହଣ କରିଥିବାରୁ ଖୋର୍ଦ୍ଧା ରୋଡ୍ ଡିଭିଜନର ଚିକିତ୍ସା ବିଭାଗକୁ ଅଭିନନ୍ଦନ ଜଣାଇଥିଲେ ଏବଂ ଏହି ସେକ୍ସନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଇ-କ୍ଲିନିକ୍ ସୁବିଧାର ପୂର୍ଣ୍ଣ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, (ଅପରେସନ) ଶ୍ରୀ ପି.କେ.ବେହେରା, ଖୋର୍ଦ୍ଧା ରୋଡର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର ସବିତା ଶତପଥୀ ଏବଂ ଡିଭିଜନର ଅନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭାରତୀୟ ରେଳବାଇ ଡିଜିଟାଲ୍ ଘଣ୍ଟା ଡିଜାଇନ୍ ପ୍ରତିଯୋଗିତା ବିଜେତାଙ୍କୁ ମିଳିବ ୫ ଲକ୍ଷ ଟଙ୍କା ପୁରସ୍କାର

ଭାରତୀୟ ରେଳବାଇ ନୂତନ ଡିଜିଟାଲ୍ ଘଣ୍ଟା ଡିଜାଇନ୍ କରିବା ପାଇଁ ଏକ ଦେଶବ୍ୟାପୀ ପ୍ରତିଯୋଗିତା ଘୋଷଣା କରିଛି ଯାହା ଦେଶର ସମସ୍ତ ରେଳ ଷ୍ଟେସନରେ ସ୍ଥାପନ କରାଯିବ । ରେଳବାଇ ସୃଜନଶୀଳ ଲୋକଙ୍କଠାରୁ ଘଣ୍ଟା ଡିଜାଇନ୍ ପ୍ରତିଯୋଗିତା ପାଇଁ ଆମନ୍ତ୍ରଣ କରିଛି । ଏହି ପ୍ରତିଯୋଗିତା ପ୍ଲାଟଫର୍ମ ଏବଂ ଷ୍ଟେସନରେ ବ୍ୟବହୃତ ଡିଜିଟାଲ୍ ଘଣ୍ଟାକୁ ମାନକୀକରଣ କରିବା ପାଇଁ ଲକ୍ଷ୍ୟ ରଖିଛି ଏବଂ ଏହା ତିନୋଟି ବର୍ଗର ଅଂଶଗ୍ରହଣକାରୀଙ୍କ ପାଇଁ ମୁକ୍ତ ରହିବ ଯେଉଁମାନେ କି ବୃତ୍ତିଗତ, କଲେଜ/ବିଶ୍ୱବିଦ୍ୟାଳୟ ଛାତ୍ର ଏବଂ ସ୍କୁଲ ଛାତ୍ର । ଜଣେ ଶ୍ରେଷ୍ଠ ବିଜେତା, ଯାହାର ଡିଜାଇନ୍ ଭାରତୀୟ ରେଳବାଇରେ ବ୍ୟବହାର ପାଇଁ ଚୟନ କରାଯିବ ସେ ?୫ ଲକ୍ଷର ଟଙ୍କାର ପ୍ରଥମ ପୁରସ୍କାର ପାଇବେ । ଏହା ସହିତ, ତିନୋଟି ବର୍ଗର ପ୍ରତ୍ୟେକଙ୍କ ପାଇଁ ?୫୦,୦୦୦ ର ପାଞ୍ଚଟି ସାନ୍ତ୍ୱନା ପୁରସ୍କାର ରହିବ । ଅଂଶଗ୍ରହଣକାରୀମାନଙ୍କୁ ମେ ୧ ରୁ ମେ ୩୧ ତାରିଖ ମଧ୍ୟରେ ଅନଲାଇନରେ ସେମାନଙ୍କର ଡିଜାଇନ୍ ଦାଖଲ କରିବାକୁ ପଡିବ । ଶ୍ରୀ ଦିଲୀପ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସୂଚନା ଏବଂ ପ୍ରଚାର), ରେଳବାଇ ବୋର୍ଡଙ୍କ ଅନୁଯାୟୀ, ଅଂଶଗ୍ରହଣକାରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କର ମୌଳିକତାର ପ୍ରମାଣପତ୍ର ସହିତ କୌଣସି ୱାଟରମାର୍କ କିମ୍ବା ଲୋଗୋ ବିନା ଉଚ୍ଚ ରିଜୋଲ୍ୟୁସନରେ ଦାଖଲ କରିବାକୁ ପଡିବ । ଅଂଶଗ୍ରହଣକାରୀମାନଙ୍କୁ ଏକାଧିକ ଡିଜାଇନ୍ ଦାଖଲ କରିପାରିବେ ଏବଂ ପ୍ରତ୍ୟେକ ପ୍ରବେଶ ସହିତ ଡିଜାଇନ୍ ପଛରେ ଥିବା ବିଷୟବସ୍ତୁ ଏବଂ ଧାରଣା ବ୍ୟାଖ୍ୟା କରୁଥିବା ଏକ ସଂକ୍ଷିପ୍ତ ଧାରଣା ନୋଟ୍ ରହିବା ଆବଶ୍ୟକ । ଦାଖଲ ହୋଇଥିବା ସମସ୍ତ ଡିଜାଇନ୍ ମୂଳ ହେବା ଜରୁରୀ ଏବଂ କୌଣସି ବୌଦ୍ଧିକ ସମ୍ପତ୍ତି ଅଧିକାର କିମ୍ବା କପିରାଇଟ୍ ଉଲ୍ଲଂଘନ ନ କରିବା ଆବଶ୍ୟକ । ସ୍କୁଲ ବର୍ଗରେ, ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଯୋଗ୍ୟ ଏବଂ ସେମାନଙ୍କୁ ଏକ ବୈଧ ସ୍କୁଲ ପରିଚୟପତ୍ର ଅପଲୋଡ୍ କରିବାକୁ ପଡିବ । କଲେଜ ବର୍ଗରେ ବର୍ତ୍ତମାନ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା କଲେଜରେ ନାମ ଲେଖାଇଥିବା ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ ।

# ବାଜପୁର ପାଇଲା 'ସାରସ୍ୱତ ତୀର୍ଥକ୍ଷେତ୍ର' ମାନ୍ୟତା ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁରେ ପହଞ୍ଚିଲା 'ଅଖିଳଚକ୍ର-ଓଡ଼ିଶା'



ଖୋର୍ଦ୍ଧା, : ଯାଜପୁର ଅଞ୍ଚଳର ଲବ୍ଧପ୍ରତିଷ୍ଠିତ 'ଅଖିଳଚକ୍ର-ଓଡ଼ିଶା' ପକ୍ଷରୁ ଖୋର୍ଦ୍ଧା ପଞ୍ଚାୟତ ସମିତି ଅନ୍ତର୍ଗତ ବାଜପୁର ଗ୍ରାମକୁ ଶୁକ୍ରବାର 'ସାରସ୍ୱତ ତୀର୍ଥକ୍ଷେତ୍ର' ମାନ୍ୟତା ପ୍ରଦାନ କରାଯାଇଛି। ମହାନ୍ ସ୍ୱାଧୀନତା ସଂଗ୍ରାମୀ, କବିଗୋ ?ରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ୫୭ତମ ବଳିଦାନ ଦିବସ ଅବସରରେ ଆୟୋଜିତ ସମାରୋହରେ ଏହି ମାନ୍ୟତା ପ୍ରଦାନ କରାଯାଇଛି । ଫଳରେ ଏଥିନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ପ୍ରାରମ୍ଭରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ଜନ୍ମପୀଠ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ରେ 'ସାରସ୍ୱତ ତୀର୍ଥକ୍ଷେତ୍ର' ଫଳକ ଅଖିଳଚକ୍ର-ଓଡ଼ିଶାର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର ଓ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସମ୍ପାଦକ ହରେକୃଷ୍ଣ ପଣ୍ଡା ଅନାବରଣ କରାଯାଇଥିଲା। ପରେ ପଣ୍ଡିତ ମିଶ୍ରଙ୍କ ବ୍ୟବହୃତ ଘଣ୍ଟା, ଖଟୁଳି, କଠଉ, ଖଟ ଆଦିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ର ଓ ଶିକ୍ଷକରତ୍ନ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବାଜପୁର ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପନ କରାଯାଇଥିବା ଆଜାଦି କା ଅମୃତ ମହୋତ୍ସବ ସ୍ମୃତି ଫଳକରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଜପୁର ଯୁବକ ସଂଘ ପରିସରରେ ଆୟୋଜିତ ସଭାରେ ମଖ୍ୟଅତିଥି ରୂପେ ? ?ପ ଆକାଶବାଣୀ ଗୀତିକାର ବସନ୍ତ ଦାସ, ମୁଖ୍ୟବକ୍ତା ରୂପେ ଗୋ ?ରାଙ୍ଗ ସ୍ୱାଇଁ, ସମ୍ମାନିତ ବକ୍ତା ରୂପେ ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ଟ୍ରଷ୍ଟି ଡ଼.ଧୀରେନ୍ଦ୍ର ନନ୍ଦ ଓ ସମ୍ମାନିତ ଅତିଥି ରୂପେ ଗୋ ?ରାଙ୍ଗ ସ୍ୱାଇଁ, ରବୀନ୍ଦ୍ର ପରିଡ଼ା, ସମାଜସେବୀ ଅକ୍ଷୟକୁମାର ଦାଶ ଓ ସୁକାନ୍ତି ପଟ୍ଟନାୟକ ଏବଂ ନିରାକାର ଦାସ ପ୍ରମୁଖ ଯୋଗଦେଇ ସାରସ୍ୱତ ତୀର୍ଥକ୍ଷେତ୍ରର ମାନ୍ୟତା କାହିଁକି ବାଜପୁରକୁ ପ୍ରଦାନ କରାଗଲା, ତା ଉପରେ ଆଲୋଚନା କରିଥିଲେ। ବିଜେପି ନେତା ରାଜୀବ ଷଡ଼ଙ୍ଗୀ ବାଜପୁରରେ ଏକ ଐତିହାସିକ ତୋରଣ ପ୍ରତିଷ୍ଠା କରାଯିବାକୁ ଦାବି କରିଥିଲେ। ଏହି ଅବସରରେ ପରିଷଦର ସଦସ୍ୟ ସାରଙ୍ଗଧର ମହାପାତ୍ର, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମନୋରମା ନନ୍ଦ, ଏଲ୍ଆଇସିର ବରିଷ୍ଠ ଅଧିକାରୀ ଭାଗିରଥି ମଙ୍ଗରାଜ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇ ଉକ୍ତ ଗ୍ରାମକୁ ସ୍ୱାଧୀନତା ସଂଗ୍ରାମର ସ୍ମାରକ ରୂପେ ଘୋଷଣା କରାଯିବାକୁ ଅନୁରୂପ ଦାବି କରିଥିଲେ। ଶେଷରେ କା ?ମେଲ ଇଂରାଜୀ ବିଦ୍ୟାଳୟ ଛାତ୍ର ସୋ ?ଭବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଲ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର : ଶ୍ରମିକ ଦିବସରେ ଭୁବନେଶ୍ୱରସ୍ଥିତ ବ୍ରହ୍ମେଶ୍ୱର ପାଟଣାରେ ଥିବା ଜଗନ୍ନାଥ ଆଶ୍ରମରେ ଅଲ୍ ଓଡ଼ିଶା ୧୦୮




ଆମ୍ବୁଲାନ୍ସ କର୍ମଚାରୀ ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ କର୍ମକର୍ତା କ୍ରିଷ୍ଣାଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମଗ୍ର ୩୦ଟି ଜିଲ୍ଲାରୁ ସଂଘର ବରିଷ୍ଠ କର୍ମକର୍ତାମାନେ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା, ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦୀର୍ଘ ୧୨ ବର୍ଷ ଧରି ଓଡ଼ିଶାରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ୫ ବର୍ଷିଆ ଟେଣ୍ଡର ହିସାବରେ ଥିବା ଠିକା ସଂସ୍ଥାମାନଙ୍କ ଦ୍ୱାରା ନିଯୁକ୍ତି ପାଇ ଦୈନିକ ୧୨ ଘା ସିଫ୍ଟ ଡ୍ୟୁଟି କରି ଲୋକମାନଙ୍କୁ ସେବା ଯୋଗାଉଥିଲେ ମଧ୍ୟ ସମ୍ପୃକ୍ତ ଠିକା ସଂସ୍ଥା ୮ ଘଟାର ପାରିଶ୍ରମିକ ଦେଇ କର୍ମଚାରୀମାନଙ୍କୁ ପ୍ରତାରଣା କରୁଥିବା ଖବର ସରକାରଙ୍କୁ ଜଣାଇଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏପରିକି ଓଭର ଟାଇମ୍ ପାରିଶ୍ରମିକ ମିଳୁନାହିଁ ଏବଂ ଡ୍ୟୁଟି ସମୟରେ କୌଣସି କର୍ମଚାରୀ ମୃତ୍ୟୁବରଣ କଲେ ତାଙ୍କ ପରିବାରକୁ କୌଣସି ଆର୍ଥିକ ସହାୟତା ଯୋଗାଇ ଦିଆଯାଉ ନାହିଁ ବୋଲି ସଂଘ ତରଫରୁ ଅଭିଯୋଗ କରାଯାଇଅଛି। ସଂସ୍ଥା ପାଖରେ କର୍ମଚାରୀମାନେ ନିଜର ସମସ୍ୟା ଜଣାଇଲେ ବିନା କାରଣରେ ବାରମ୍ବାର ଛଟେଇ କରିବାର ଧମକ ଦିଆଯାଉଛି ଏବଂ କିଛି କର୍ମଚାରୀଙ୍କୁ ମଧ୍ୟ ଅନ୍ୟାୟ ଭାବେ ଛଟେଇ କରାଯାଇଛି। ଏଣୁ ସଂଘ ତରଫରୁ ଆଗାମୀ ଦିନରେ ଏକ ଟ୍ରେଡ ୟୁନିୟନ ମାଧ୍ୟମରେ ସରକାରଙ୍କ ପାଖରେ ସମସ୍ତ ଦାବି ସମସ୍ୟା ଓ ଠିକା ସଂସ୍ଥାର ଅନ୍ୟାୟ ଅନୀତି ସମ୍ବନ୍ଧରେ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ନିଷ୍ପ□ ନିଆଯାଇଛି। ଏଥିପାଇଁ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଏକ ଟ୍ରେଡ ୟୁନିୟନ ରାଜ୍ୟ ସରକାରଙ୍କ ୧୯୨୬ ନିୟମ ଅନୁସାରେ ପଞ୍ଜିକୃତ କରିଛନ୍ତି ଯାହାର ନମ୍ବର ହେଉଛି କେଏଚ୍‌ଡବ୍ଲୁ / ଆରଟିଓ / ୨୦୨୫ / ୦୦୦୧୫୭ ମୁଖ୍ୟ କାର୍ଯ୍ୟାଳୟ ଡୁମୁଡୁମା, ହାଉସିଂ ବୋର୍ଡ଼ ଫେଜ୍-୨, ଡିଡିଏଲ-୮୨୯, ଥାନା ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯ ଠିକଣାରେ ପଞ୍ଜିକୃତ ହୋଇଛି ବୋଲି ସଂଘର ସଭାପତି ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ ଘୋଷଣା କରିଛନ୍ତି। ଆଗାମୀ ଦିନରେ ଏହି ଟ୍ରେଡ ୟୁନିୟନ ମାଧ୍ୟମରେ ସବୁ ସମସ୍ୟାର ଆଲୋଚନା କରାଯିବା ସହିତ ସରକାରଙ୍କୁ ଅବଗତ କରାଯିବ।

# ଆଦିଶଙ୍କରଙ୍କ ଜନ୍ମ ସମୟକୁ ନେଇ ଏକ ଜାତୀୟ କର୍ମଶାଳା ହେବ


# ରାଜ୍ୟସ୍ତରୀୟ ଆଦିଶଙ୍କର ଜୟନ୍ତୀରେ ପ୍ରଦ୍ୟୁମ୍ନ ଶତପଥୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର, : ଆଦିଶଙ୍କର ବେଦାନ୍ତ ପ୍ରତିଷ୍ଠାନମ୍ ପକ୍ଷରୁ ରାଜ୍ୟସ୍ତରୀୟ ଭଗବତପାଦ ଆଚାର୍ଯ୍ୟ ଆଦିଶଙ୍କରଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠାନର ଅଧ୍ୟକ୍ଷ, ପୂର୍ବତନ କୁଳପତି ଶ୍ରୀ ନରେନ୍ଦ୍ର କୁମାର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପୂର୍ବତନ ପ୍ରଶାସକ ଶ୍ରୀ ସହଦେବ ଜୟସିଂହ କହିଲେ ଯେ, ଆଜି ମଧ୍ୟ ଭଗବତ ପାଦ ଆଦିଶଙ୍କରଙ୍କ ଜନ୍ମକାଳକୁ ନେଇ ଅନେକଙ୍କ ମନରେ ସନ୍ଦେହ ରହିଛି। ଏ ବିଷୟରେ ବିଶିଷ୍ଟ ଐତିହାସିକ ଓ ସଂସ୍କୃତ ବିଦ୍ୱାନଙ୍କୁ ନେଇ ଏକ ଜାତୀୟ କର୍ମଶାଳା ଭୁବନେଶ୍ୱରଠାରେ କରିବାକୁ ସେ ପ୍ରସ୍ତାବ ଦେଇଥିଲେ।ସମ୍ମାନିତ ଅତିଥି ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ଆଚାର୍ଯ୍ୟ ଆଦିଶଙ୍କରଙ୍କୁ ଜଣେ କାଳଜୟୀ ମହାପୁରୁଷ ବୋଲି ବର୍ଣ୍ଣନା କରିଥିଲେ। ଛାତ୍ର ଓ ଯୁବକମାନଙ୍କ ଭିତରେ ଆଦିଶଙ୍କରଙ୍କ ଅବଦାନ ଉପରେ ବହୁଳ ଭାବେ ପ୍ରଚାର



ପ୍ରସାର ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ।ଆଦିଶଙ୍କରଙ୍କ ଜୀବନବ୍ୟାପୀ ସାଧନା ଉପରେ ନିରନ୍ତର ଲେଖନୀ ଚାଳନା କରୁଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଶିଷ୍ଟ ସଂଗଠକ ତଥା ସୁବା□ର ସମ୍ପାଦକ ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀଙ୍କୁ ଆଦିଶଙ୍କର ପ୍ରତିଭା ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯିବା ଅବସରରେ ସେ କହିଥିଲେ ଯେ, ଆମେ ଆଜି ସନାତନୀ ହିନ୍ଦୁ କହି ଯେଉଁ ଗର୍ବ ଅନୁଭବ କରୁଛେ, ତାହା କେବଳ ଆଚାର୍ଯ୍ୟ ଭଗବତପାଦ ଆଦିଶଙ୍କରଙ୍କ ପାଇଁ ସମ୍ଭବ ହୋଇଛି। ଆଜକୁ ୨୦୦ ବର୍ଷ ତଳେ ଭାରତବର୍ଷର ଭୌଗୋଳିକ ଅବସ୍ଥା କିପରି ଥିବ, ଏକ ୧୬ ବର୍ଷର ବାଳକ ଖାଲି ପାଦରେ ସାରା ଭାରତବର୍ଷ ଭ୍ରମଣ କରି ଭାରତବର୍ଷର ୪ ଭାଗରେ ୪ଗୋଟି ପୀଠ ସ୍ଥାପନ କରିଥିଲେ। ପ୍ରକୃତରେ ସେ ଥିଲେ ଭଗବାନ ଶିବଙ୍କର ଅବତାର।କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣରେ ଆଦିଶଙ୍କର ବେଦାନ୍ତ ପ୍ରତିଷ୍ଠାନମ ଏକ ରେଜେଷ୍ଟ୍ରିଭୁକ୍ତ ଅନୁଷ୍ଠାନ, ରାଜ୍ୟ ରାଜଧାନୀରେ ଦୀର୍ଘ ୩୦ ବର୍ଷ ହେବ କାର୍ଯ୍ୟ କରିଆସୁଛି ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସର ସଭାପତି ଶ୍ରୀ ସୀତାବଲ୍ଲଭ ମହାପାତ୍ର ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ଆଦିଶଙ୍କରଙ୍କ ରଚିତ ସମସ୍ତ ଗ୍ରନ୍ଥକୁ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁନଃ ପ୍ରକାଶ କରି ସୁଲଭ ମୂଲ୍ୟରେ ବିକ୍ରୟ କରିବାକୁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଏକ ପ୍ରସ୍ତାବ ଦିଆଯିବାକୁ ସେ କହିଥିଲେ। କୋଷାଧ୍ୟକ୍ଷ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଦେବା ସହ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ଆଦିଶଙ୍କରଙ୍କର ଏକ ପ୍ରତିମୂ□ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯିବ ବୋଲି କହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ସଂସ୍କୃତି ସୁରକ୍ଷା ଅଭିଯାନର ସଂଯୋଜକ ଶ୍ରୀ ଅରବିନ୍ଦ ତ୍ରିପାଠୀ ଓ ଚିରଞ୍ଜିବୀ ସେଠୀ ପରିଚାଳନା କରିଥିଲେ।

# ସୃଷ୍ଟିଧର ପରିଡ଼ାଙ୍କ 'ମୁଠାଏ ସ୍ୱପ୍ନ' ଲୋକାର୍ପିତ



ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ତଥା ଦୈନିକ ଓଡ଼ିଆ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ସଦ୍ୟ ପ୍ରକାଶିତ ନୂତନ ଗଳ୍ପ ସଂକଳନ "ମୁଠାଏ ସ୍ୱପ୍ନ" ପୁସ୍ତକକୁ ଶୁକ୍ରବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜ ପରିସରରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି।ଏହି ଉପଲକ୍ଷେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲେଖକ ଶ୍ରୀ ପରିଡ଼ା 'ମୁଠାଏ ସ୍ୱପ୍ନ'ର ପୁସ୍ତକ ରଚନାର ପୃଷ୍ଠଭୂମି ଏବଂ ସାମ୍ପ୍ରତିକ ସମାଜିକ ରାଜନୈତିକ ଅବସ୍ଥାରେ ପ୍ରଭାବିତ ସାହିତ୍ୟର ବାସ୍ତବ ସ୍ଥିତି ବାବଦରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଶ୍ରୀ ପଟ୍ଟନାୟକ ଲେଖକ ଶ୍ରୀ ପରିଡ଼ାଙ୍କ ସାହିତ୍ୟ ସାଧନା ଅଧିକ ସମୃଦ୍ଧ, ଶାଣିତ ଏବଂ ବିକଶିତ ହେଉ ବୋଲି କାମନା କରିବା ସହ ଓଡ଼ିଶାର ଜନ ଜୀବନକୁ ଉନ୍ନତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ବ୍ଲକ ଓ ଗ୍ରାମା□ଳରେ ପାଠାଗାର ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ରହିଥିବାରୁ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବାଉରୀବନ୍ଧୁ ମହାରଣା, ବିପିନ ସିଂ, ବିମଳ ଭଞ୍ଜଦେଓ, ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ବିଜୟ ପଣ୍ଡା, ପାର୍ଥସାରଥୀ ଜେନା, ମାଧବାନନ୍ଦ ବେହୁରା, ସନତ ମିଶ୍ର, ବିଭୂତି ଭୂଷଣ କର, କିଶୋର ମଙ୍ଗରାଜ, ପ୍ରିୟରଞ୍ଜନ ସାହୁ, ସନାତନ ଦଳବେହେରା, ସର୍ବେଶ୍ୱର ବର୍ଦ୍ଧନ, ବଳରାମ ପ୍ରସାଦ ନନ୍ଦ, ଉମେଶ ରାୟ, ବିଶ୍ୱଜିତ ଜେନା, ଉମେଶ ସାମନ୍ତରାୟ, ମନୋଜ ବେହେରା, ସୁକାନ୍ତ ମହାନ୍ତି, ମହେଶ୍ୱର ରଥ, ଗିରିଧାରୀଲାଲ ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ।

## ସଂପାଦକୀୟ

# ନିଶ୍ଚିହ୍ନ

ଆଗାମୀ ଦଶ ବର୍ଷ ମଧ୍ୟରେ ପୃଥିବୀର ଛଅଟି ସହର ସମୁଦ୍ର ଜଳରେ ନିମଗ୍ନ ହେବ। ତନ୍ମଧ୍ୟରୁ ଭାରତର କୋଲକତା ଅନ୍ୟତମ। କ୍ଲାଇମେଟ୍ ସେଣ୍ଟ୍ରାଲ୍ ନାମକ ସଂସ୍ଥା ଏହି ସୂଚନା ପ୍ରଦାନ କରିଛି। ଭାରତର ମାଙ୍ଗାଲୋର, କାଣ୍ଡଲା, ମରମୁଗାଓ, ପାରାଦ୍ୱୀପ, ମୁମ୍ବାଇ, କୋଚି ଓ ଭବନଗର ଧୀରେ ଧୀରେ ସମୁଦ୍ର ଜଳରେ ନିମଗ୍ନ ହେଉଛି। ୨୦୫୦ ସୁଦ୍ଧା ଏହି ସହରଗୁଡ଼ିକ ସମ୍ପୂର୍ଣ୍ଣରୂପେ ସମୁଦ୍ର ଗର୍ଭକୁ ଚାଲିଯିବ ବୋଲି ଉପଗ୍ରହ ତଥ୍ୟକୁ ବିଶ୍ଳେଷଣ କରି ନାସା ତା'ର ରିପୋର୍ଟରେ ପ୍ରକାଶ କରିଛି। ଅସମ୍ଭବ ନୁହେଁ ! ଆମ ଆଖି ଆଗରେ ତ ସାତଭାୟା ନିଶ୍ଚିହ୍ନ ହୋଇଗଲା। ବିଳମ୍ବ ହେଲେ ବି ଏବେଠୁଁ ସତର୍କ ନହେଲେ କେବଳ ଭାରତ ନୁହେଁ ପୃଥିବୀର ଅନ୍ୟାନ୍ୟ ଦେଶର ଉପକୂଳବର୍ତୀ ଅଂଚଳ ଦିନେ ନା ଦିନେ ସମୁଦ୍ର ଜଳରେ ନିମଗ୍ନ ହୋଇଯିବ। ଆମେ ଉତରାଖଣ୍ଡରେ ଖଣ୍ଡପ୍ରଳୟ କିଛି ବର୍ଷ ହେଲା ଦେଖି ଆସୁଛନ୍ତି। ୧୯୯୯ ର ମହାବାତ୍ୟା ଦେଖିଥିଲେ। କିଛି ଦିନ ତଳେ ଆନ୍ଧ୍ରର ତିରୁପତିରେ ବର୍ଷା ବିପ୍ଳାତ ଦେଖିଲେ। ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅସମ୍ଭବ ପ୍ରକାରେ ହେଉଛି। ଯମୁନା ନଦୀରେ ବିଷାକ୍ତ ଫେଣ ବରଫଖଣ୍ଡ ଭଳି ଭାସିଆସୁଛି। ବିଶ୍ୱରେ ସବୁଠାରୁ ବେଶି ପ୍ରଦୂଷିତ ସହର ମଧ୍ୟରୁ ଭାରତରେ ୨୨ଟି ଅଛି। ଭାରତରେ ବେଶି ପ୍ରଦୂଷିତ ନଦୀର ସଂଖ୍ୟା ୩୫୧ ହୋଇଥିବା ସ୍ଥଳେ ଓଡ଼ିଶାରେ ଏହା ୧୯ରେ ପହଂଚିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ବାୟୁ ପ୍ରଦୂଷଣ ଯୋଗୁଁ ଭାରତରେ ବାର୍ଷିକ ୨୦ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟୁଛି ଏବଂ ଏହା ବିଶ୍ୱର ଶତକଡ଼ା ୧୮ ଭାଗ। ପ୍ରଶ୍ନ ଉଠୁଛି – ଏହି ପ୍ରଦୂଷଣ ପାଇଁ ଆମେ କାହାକୁ ଦାୟୀ କରିବା ? ସରକାରଙ୍କୁ ନା ଶିଳ୍ପପତିଙ୍କୁ ନା ସାଧାରଣ ଜନତାଙ୍କୁ ? ଦେଶରେ ତ ଏନ୍‌ଜିଟି, ପିସିବି, ଆଇଏମ୍‌ଡି, ଆଇପିସିସି, ଏନ୍‌ଏପିସିସି ଭଳି ଅନେକ ସଂସ୍ଥା ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଅଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟଟିଏ ବି ଅଛି। ଏମାନେ ସବୁ କରୁଛନ୍ତି କ'ଣ ? ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି ଏମାନେ ସବୁ ସୁଖନିଦ୍ରାରେ ଶୋଇଛନ୍ତି। ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ଜଙ୍ଗଲ ଧ୍ୱଂସକୁ ଜଳବାୟୁଠାରୁ ଅଲଗା କରି ବିଚାର କରାଯାଇ ପାରିବ ନାହିଁ। ସେ ମିଥେନ୍ କିମ୍ବା ଅଙ୍ଗାରକାମ୍ଳର ନିର୍ଗମନ ହେଉ ଅଥବା ସବୁଜ କୋଠରୀ ପ୍ରଭାବ ହେଉ, ସବୁଗୁଡ଼ିକ ଜଳବାୟୁକୁ ପ୍ରଭାବିତ କରୁଛି। ତେଣୁ ଜଳବାୟୁ ପରିବର୍ତନ କଥା ଚିନ୍ତା କରିବା ପୂର୍ବରୁ ଜଳ ଓ ବାୟୁର ପ୍ରଦୂଷଣ ସାଙ୍ଗକୁ ଜଙ୍ଗଲ କ୍ଷୟ କଥା ବି ଚିନ୍ତା କରିବା ନିହାତି ଆବଶ୍ୟକ। ସ୍କଟ୍‌ଲ୍ୟାଣ୍ଡର ଗ୍ଲାସ୍‌ଗୋଠାରେ ଜଳବାୟୁ ସଂକ୍ରାନ୍ତୀୟ ଶିଖର ସମ୍ମିଳନୀ କୋପ୍-୨୬ ଦୁଇ ସପ୍ତାହ ଧରି ଚାଲିଲା। ୬ ବର୍ଷ ତଳେ ପ୍ୟାରିସ୍‌ରେ ହୋଇଥିବା ଶିଖର ସମ୍ମିଳନୀର ଚୁକ୍ତି ଏଯାଏଁ କାର୍ଯ୍ୟକାରୀ ହୋଇ ନଥିବାରୁ ପ୍ରାୟ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ। ସର୍ବାଧିକ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଦାୟୀ ଚୀନ୍, ଆମେରିକା, ଭାରତ ଓ ଋଷର ପ୍ରତିନିଧିମାନେ ଚିରାଚରିତ ଢଙ୍ଗରେ ସମୟ ସୀମା ଘୋଷଣା କରିଦେଲେ। ଆମେରିକା କହିଲା ୨୦୫୦ ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନ ଶୂନକୁ ଆଣିବ, ଚୀନ୍ କହିଲା ୨୦୬୦ ମସିହା ସୁଦ୍ଧା ଶୂନକୁ ଆଣିବ ଏବଂ ଭାରତ କହିଲା ୨୦୭୦ ମସିହା ସୁଦ୍ଧା ଶୂନକୁ ଆଣିବ। ଜଣେ ଅନ୍ୟ ଜଣକୁ ଟପିଗଲେ। ଭାରତର ରାଜନୈତିକ ଦୃଶ୍ୟପଟରେ କେତେ ସକାଳ ସଞ୍ଜ ଯାଇସାରିବଣି। ମୋଦିଜୀଙ୍କ ପ୍ରତିଜ୍ଞା ସେଯାଏଁ ଜୀଇଁ ଥିଲେ ତ। ଟ୍ରମ୍ପ୍ ପ୍ରଶାସନ ପ୍ୟାରିସ୍ ଚୁକ୍ତିରୁ ଗଲା ଭଳି ଭାରତ ଯେ ଦୃଢ଼ ନିଶ୍ଚିତ ହୋଇ ରହିବ ତାହାର ଗ୍ୟାରେଂଟି କିଏ ଦେବ ? ଏହି ଚାରିଟି ରାଷ୍ଟ୍ର ଦ୍ୱାରା ଘୋଷିତ ଦୀର୍ଘ ସମୟ ସୀମା ବିଶ୍ୱବାସୀଙ୍କ ମନରେ ଆଶାର ସଂଚାର କରିବା ଅପେକ୍ଷା ବେଶି ନିରାଶା ସୃଷ୍ଟି କରିଛି। ଏକବିଂଶ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିଅସ୍‌କୁ ହ୍ରାସ କରିବା ପ୍ୟାରିସ୍ ଚୁକ୍ତିରେ ସ୍ଥାନ ପାଇଥିଲା। ତାପମାତ୍ରା ହ୍ରାସ ପାଇବା ତ ଦୂରର କଥାଗତ ପାଂଚ ବର୍ଷ ମଧ୍ୟରେ ୧.୫ ଡିଗ୍ରୀ ବୃଦ୍ଧି ପାଇଛି ବୋଲି ଦେଖାଗଲା। ସୁତରାଂ ବଡ଼ ବଡ଼ ରାଷ୍ଟ୍ରର ବଡ଼ ବଡ଼ କଥାକୁ କିଏ ବିଶ୍ୱାସକୁ ନେବ ? ଦୁଇ ସପ୍ତାହ ଧରି ଚାଲିଥିବା କୋପ୍-୨୬ ସମ୍ମିଳନୀରେ ଜଙ୍ଗଲ କ୍ଷୟ ବନ୍ଦ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୩୦ ସୁଦ୍ଧା ଗଛକଟା ବନ୍ଦ କରି ବୃକ୍ଷ ରୋପଣ କରିବାକୁ ୧୦୦ଟିରୁ ଉର୍ଦ୍ଧ୍ୱ ଦେଶ ସହମତି ପ୍ରକାଶ କରିଥିଲେ। କିନ୍ତୁ ବିକାଶ ଓ ଶିଳ୍ପାୟନକୁ ଦେଖିଲେ ଏହି ପ୍ରତିଶ୍ରୁତି ଯେ ନିଷ୍ଫଳ ହେବ, ଏହା ଜଳ ଜଳ ହୋଇ ଦେଖାଯାଉଛି। ଜୀବାଶ୍ମ ଇନ୍ଧନ ଓ ଗ୍ୟାସ୍ ବ୍ୟବହାର ବନ୍ଦ କରିବାକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରିବାକୁ ସମ୍ମିଳନୀରେ ଏକ ମେଂଟ ଗଠନ କରାଯାଇ ଦାୟିତ୍ୱ ନ୍ୟସ୍ତ କରାଗଲା। ମାତ୍ର ଏହାକୁ କେଉଁ ରାଷ୍ଟ୍ର ଗ୍ରହଣ କରିବ ? ସର୍ବାଧିକ କୋଇଲା ବ୍ୟବହାରକାରୀ ରାଷ୍ଟ୍ର ଚୀନ୍ ଓ ଆମେରିକା ତ ଚୁକ୍ତିରେ ସ୍ୱାକ୍ଷର କଲେ ନାହିଁ, ଅନ୍ୟାନ୍ୟ ରାଷ୍ଟ୍ର ସେହି ଆଳରେ ଚୁକ୍ତିକୁ ଫାଇଲ୍ ଭିତରେ ଚାପି ଦେବେ। ବିକଶିତ ରାଷ୍ଟ୍ରଗୁଡ଼ିକର ବେପରୁଆ ମନୋବୃତି ଯୋଗୁଁ ବିକାଶଶୀଳ ରାଷ୍ଟ୍ର ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଜଳବାୟୁର ପ୍ରତିକୂଳ ପ୍ରଭାବକୁ ପ୍ରତିହତ କରିବାକୁ ବିକଶିତ ରାଷ୍ଟ୍ରମାନେ ଯେତେ ପରିମାଣରେ ଆର୍ଥିକ ଅନୁଦାନ ଦେବା କଥା, ତାହା ଦେଉ ନାହାଁନ୍ତି। ଫଳରେ ବିକାଶଶୀଳ ରାଷ୍ଟ୍ରମାନେ ଆବଶ୍ୟକ ପଦକ୍ଷେପ ନେଇ ପାରୁ ନାହାଁନ୍ତି। ଜଳବାୟୁ ସୁରକ୍ଷା କର୍ମୀ ଗ୍ରେଟା ଥନ୍‌ବର୍ଗ ସମ୍ମିଳନୀକୁ ନେଇ ନୈରାଶ୍ୟ ପ୍ରକାଶ କରିଛନ୍ତି। ସମ୍ମିଳନୀରେ ହୋଇଥିବା ନିଷ୍ପତି ସନ୍ତୋଷଜନକ ନୁହେଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଗ୍ଲାସ୍‌ଗୋ, ଲଣ୍ଡନ, ପ୍ୟାରିସ୍, ଜୁରିଚ୍, ଇସ୍ତାନବୁଲ ଓ କୋପେନ୍‌ହେଗେନ୍‌ରେ ଲକ୍ଷ ଲକ୍ଷ ଲୋକ ସମବେତ ହୋଇ ବିକ୍ଷୋଭ କରିଥିଲେ। ସେମାନେ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି। ଜଳବାୟୁ ପରିବର୍ତନ ଜୀବନ ଜୀବିକାକୁ ଗଭୀରଭାବେ ପ୍ରଭାବିତ କରୁଛି। ଏଥିଯୋଗୁଁ ଅଗାମୀ ଦଶ ବର୍ଷ ମଧ୍ୟରେ ୧୩ କୋଟିରୁ ଉର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯିବେ ବୋଲି ବିଶ୍ୱବ୍ୟାଙ୍କ୍ ତାର ରିପୋର୍ଟରେ ପ୍ରକାଶ କରିଛି। ଶିଶୁମାନଙ୍କଠାରେ ହେଉଥିବା ରୋଗର ଶତକଡ଼ା ୯୦ ଭାଗ ଏହି ଜଳବାୟୁ ପରିବର୍ତନ ଯୋଗୁଁ ହେଉଛି ବୋଲି ୟୁନିସେଫ୍ ପ୍ରକାଶ କରିଛି। ବିଦ୍ୟାଳୟର ପାଠ୍ୟକ୍ରମରେ ଜଳବାୟୁ ପରିବର୍ତନ ସ୍ଥାନ ପାଇବା ଉଚିତ ବୋଲ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ବେଶ୍ ଭଲ କଥା। କିନ୍ତୁ ଉତର ପିଢ଼ିଙ୍କୁ ତାଲିମ ଦେଉ ଦେଉ ପୂର୍ବ ପିଢ଼ି ଯେ କବର ନେଇ ସାରିଥିବେ , ଏକଥା ଗୁରୁତର ସହ ବିଚାର କରିବା ଉଚିତ। ତାପମାତ୍ରା ନିୟନ୍ତ୍ରଣ କରିବାକୁ ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନେବା ପ୍ରତ୍ୟେକ ରାଷ୍ଟ୍ରର କର୍ତବ୍ୟ। ପଚାଶ-ଶହେ ବର୍ଷ ଅବଧି ନୁହେଁ ସ୍ୱଳ୍ପ ସମୟ ସୀମା ମଧ୍ୟରେ ଲକ୍ଷ୍ୟ ସ୍ଥିର କରି ତାକୁ କାର୍ଯ୍ୟକାରୀ କଲେ ଜଳବାୟୁ ପରିବର୍ତନ ଜନିତ ବିଭୀଷିକାକୁ ବହୁ ମାତ୍ରାରେ ନିୟନ୍ତ୍ରଣ କରାଯାଇ ପାରିବ।

# ଶାନ୍ତିର ପଥ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମଗ୍ର ମାନବ ଜାତି ପାଇଁ ତ୍ରାଣକର୍ତା ଭାବେ ତାଙ୍କ ଅଗଣିତ ଆଶ୍ରିତମାନଙ୍କ ଜୀବନକୁ ଦିବ୍ୟପଥରେ ନେବା ପାଇଁ ମାର୍ଗଦର୍ଶନ କରିଛନ୍ତି। ସତସଙ୍ଗର ପ୍ରତିଷ୍ଠାତା ଯୁଗପୁରୁଷୋତମ ଭଗବାନ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ – ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ – ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି – ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ – ଆଉ ତୁମର ମୂର୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହିମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତୀଙ୍କୁ ଅଧିକାର କରିହିଁ ପରବର୍ତୀଙ୍କର ଆବିର୍ଭାବ। ୧୯୪୧ ମସିହା ଡିସେମ୍ବର ୭ ତାରିଖ ଆଲୋଚନା ପ୍ରସଙ୍ଗର ପ୍ରଥମ ଖଣ୍ଡରେ ଉଦ୍ଧୃତ ହୋଇଛି। ଶ୍ରୀ ଶ୍ରୀ ଠାକୁର – ଶାନ୍ତିର ପଥ ହେଲା ଇଷ୍ଟ ବା ସଦ୍‌ଗୁରୁଙ୍କ ଠାରେ ଅଚ୍ୟୁତ ନିଷ୍ଠା କଞ୍ଜୁଷ ଭଳି ସବୁଦିଗରୁ, ସବୁ ପ୍ରକାର ଭାବେ। ପ୍ରବୃତି ପଛରେ ଧାଏଁ, ତାର ଗୋଟେ ସଙ୍ଗେ ଗୋଟେର ମେଳ ନାହିଁ, ତେବେ ବେଳେବେଳେ ଗୋଟେ ଗୋଟେ ନେଇ ଅଭିଭୂତ ହୋଇଥାଏ ଆଉ ସତାକୁ ଶୀର୍ଣ୍ଣ କରେ। କିନ୍ତୁ ନିସ୍ତାର ପାଇବାକୁ ହେଲେ ଆମ ମାନଙ୍କର ବାହାରେ ଗୋଟେ କିଛି ଥିବା ଦରକାର। ଜଳର ସ୍ରୋତ ଆମ ମାନଙ୍କୁ ଟାଣି ନେଇଯାଏ। ପହଁରା ଜାଣେନା, ପ୍ରବଳ ସ୍ରୋତ। ତେଣୁ ବାହାରେ ଡଙ୍ଗାରେ ଶକ୍ତ ଖୁଂଟ ଯଦି ଗୋଟେ ଥାଏ ଏବଂ ତା ସଙ୍ଗେ ଶକ୍ତ ଦଉଡି ଦ୍ୱାରା ଅଚ୍ଛେଦ୍ୟଭାବେ ଯଦି ବନ୍ଧା ଯାଇଥାଏ ତେବେ ହିଁ ପାଣିଟାକୁ ଉପଭୋଗ କରିପାରେ, ପହଁରିପାରେ ଅକ୍ଳେଶରେ। ଖୁଂଟ ସେହି ଇଷ୍ଟ – ସତାସମ୍ବର୍ଦ୍ଧନୀ – ସମ୍ବନ୍ଧୀୟ ଜ୍ଞାନ ଯିଏ ଆଚରଣ କରି ଲାଭ କରିଛନ୍ତି। ତାଙ୍କ ଉପରେ ଅଚ୍ୟୁତ ଟାଣ ଦରକାର, ଦଉଡି ଛିଣ୍ଡିଲେ ହେବନି। ଆମ ମାନଙ୍କ ଭିତରେ ଅଛି ସୁରତ, ଅଛି ସଂସକ୍ତିର ଆକୃତି, ଅଛି ଆସକ୍ତି।

# ବିକାଶ ପଛଘୁଂଚା

**ବାଦଲ ଭୂୟାଁ**

ଦେଶର ପ୍ରାୟ ୩୦ ଭାଗ ଖଣିଜ ସଂପଦ ଓଡ଼ିଶାରେ ରହିଛି। ଖଣିଜ ସଂପଦ ପାଇଁ ଆମ ଦେଶ ଓ ବିଦେଶ ଆମ ରାଜ୍ୟ ଉପରେ ନିର୍ଭର କରନ୍ତି। ଓଡ଼ିଶାରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ରାଜ୍ୟରେ ଥିବା ୪୮୦ କି.ମି. ସୁଦୀର୍ଘ ମନୋରମ ସମୁଦ୍ର ଉପକୂଳ ଓ ଏସିଆ ମହାଦେଶର ସର୍ବ ବୃହତ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଗୌରବ ବହନ କରୁଛି। ବିଶ୍ୱ ବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ଦୁର୍ଲଭ ଅଲିଭ୍ ରିଡ୍‌ଲେ କଇଁଛ ମାନଙ୍କ ଏନ୍ତୁଡ଼ିଶାଳ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶାଳ ସାମୁଦ୍ରିକ ଅଭୟାରଣ୍ୟ, ହେନ୍ତାଳ ବଣ ଆଦି ଓଡ଼ିଶାର ଗର୍ବ ଓ ଗୌରବ। ସେହିପରି ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ। ଦାରିଦ୍ର୍ୟର ଉତ୍ପାତ ବେଶୀ। ଅଧିକାଂଶ ଶିଶୁ ପୃଷ୍ଟିହୀନତାର ଶିକାର। ଶିଶୁ ଓ ମାତୃ ମୃତ୍ୟୁହାର ସର୍ବାଧିକ ଇତ୍ୟାଦି। ନବୀନ ବାବୁ ୫ ଥର ମୁଖ୍ୟମନ୍ତ୍ରୀ ଆସନରେ ବସି ଲଗାତାର ୨୦ ବର୍ଷ ଧରି ଓଡ଼ିଶା ଶାସନ କରି ଆସୁଛନ୍ତି। ହେଲେ ଏହି ଲମ୍ବା ସମୟ ମଧ୍ୟରେ ଓଡ଼ିଶାରେ ସେଭଳି କିଛି ବିକାଶ ହୋଇନଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

ବାସ୍ତବରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବା ରାଜ୍ୟ ନେତୃତ୍ୱର ଅପାରଗତା ଯୋଗୁ ରାଜ୍ୟର ବିକାଶ ଆଗେଇ ପାରୁନାହିଁ। ଓଡ଼ିଶାର ଗରିବ ଲୋକମାନଙ୍କର ଜୀବନ ଯନ୍ତ୍ରଣାକୁ ପ୍ରଶାସନ ହୁଏତ ବୁଝି ପାରୁନାହିଁ। ଗରିବ ଲୋକର ଉନ୍ନତି ପାଇଁ ସେମିତି କିଛି ସଶକ୍ତ ଯୋଜନା କରାଯାଉ ନାହିଁ କି କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ଠିକ୍ ଭାବେ ଲୋକଙ୍କ ପାଖରେ ପହଂଚାଉ ନଥିବା ବାରମ୍ବାର ଅଭିଯୋଗ ହେଉଛି। ଖଣି, ପାଣି, କୋଇଲା ମହାଦୁର୍ନୀତି ଓ ଚିଟଫଣ୍ଡ ଠକେଇ, ଦାନ ମାଝୀ, ନଗଡ଼ା, ମାଲକାନଗିରି ଓ କଟକ ଶିଶୁ ମୃତ୍ୟୁ ଘଟଣା ଓଡ଼ିଶାର ଭାବମୂର୍ତିରେ ଆଂଚ ଆଣିଥିବା କୁହାଯାଇପାରେ। ଓଡ଼ିଶାର ବିକାଶ କେମିତି ଚାଲିଛି, ଏସବୁ ତା'ର ଉଦାହରଣ ମାତ୍ର। ଛଅ ବର୍ଷ ତଳେ ନରେନ୍ଦ୍ର ମୋଦିଙ୍କ ସରକାର କେନ୍ଦ୍ରୀୟ ଶାସନ ଦାୟିତ୍ୱ ନେବା ପରଠାରୁ ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଦୃଷ୍ଟି ଦେବା ଆରମ୍ଭ କରିଥିଲେ। ଉପା ସରକାର ତୁଳନାରେ ମୋଦିଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାର ଅନେକ ଗୁଣ ଅନୁଦାନ ଦେଉଛନ୍ତି ଓଡ଼ିଶାକୁ। ମୋଦି ସରକାର ଆସିବା ପରେ ଓଡ଼ିଶାର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଆସୁଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦୀନ ଦୟାଲ୍ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା, ମନରେଗା ଯୋଜନା, ଶ୍ୟାମା ପ୍ରସାଦ ମୁଖାର୍ଜୀ ମିସନ୍, ଉଜ୍ଜ୍ୱଳ ଯୋଜନା, ଗ୍ରାମାଂଚଳରେ ବିଜୁଳି ସଂଯୋଗ, ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଆଦିରେ ପର୍ଯ୍ୟାପ୍ତ ଅନୁଦାନ ଆସିଛି। ୬୦% ରୁ ଅଧିକ ଗାଁରେ ଶୌଚାଳୟ ନିର୍ମିତ ହୋଇଛି। କୋଇଲା ବଂଟନ କ୍ଷେତ୍ରରେ ନିୟମ ପରିବର୍ତନ ଯୋଗୁ ରାଜ୍ୟକୁ ବହୁ ଅଧିକ ରାଜସ୍ୱ ମିଳିବାର ସୁଯୋଗ ସୃଷ୍ଟି ହୋଇଛି। ବ୍ରହ୍ମପୁରରେ ଆଇଜର ଓ ସମ୍ବଲପୁରରେ ଆଇଆଇଏମ୍ ପ୍ରତିଷ୍ଠା ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଏମ୍‌ସିଏଲ୍ ଦ୍ୱାରା ତାଳଚେର ଓ ଏନ୍‌ଟିପିସି ଦ୍ୱାରା ସୁନ୍ଦରଗଡ଼ରେ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ହେବ। ସେହିପରି ୬୦% ରୁ ଉର୍ଦ୍ଧ୍ୱ ଘରେ ରୋଷେଇ ଗ୍ୟାସ୍ ପହଂଚା ଯାଇଛି। ଓଡ଼ିଶାରୁ ବିଜେପିର ୮ ଜଣ ଲୋକସଭାକୁ ଯାଇଛନ୍ତି। ୨ଜଣ ଓଡ଼ିଆ କେନ୍ଦ୍ରୀୟ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ପ୍ରଧାନ (ମଧ୍ୟ ପ୍ରଦେଶରୁ ରାଜ୍ୟସଭା ସଦସ୍ୟ) କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଥିବାବେଳେ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରମନ୍ତ୍ରୀ ପଦ ପାଇଛନ୍ତି। ଏହା ମଧ୍ୟ ଓଡ଼ିଶାରେ ଭାଜପାର ସ୍ଥିତିକୁ ମଜଭୁତ କରିବାରେ ସହାୟକ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦେଶବାସୀଙ୍କୁ ମୁଗ୍ଧ କରିଛି। ବାସ୍ତବତା ଦେଖାଗଲେ, ଓଡ଼ିଶାର ଅର୍ଦ୍ଧାଧିକ ମତଦାତା ଭିତିରିଆ ବିଜେପି ସମର୍ଥକ। କିନ୍ତୁ ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେପି ସଂଳ ହୋଇପାରୁ ନାହିଁ। ମୋଦିଙ୍କ ହାୱା ସତ୍ତ୍ୱେ ୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି କାହିଁକି ବିଫଳ ହେଲା, ସେଥିନେଇ ବିଜେପି ସମର୍ଥକ ମାନଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଜେପି କ୍ଷମତା ଦଖଲ ପାଇଁ କ'ଣ ସେଭଳି ଉଦ୍ୟମ କଲାନାହିଁ ? ବିଜେପି ଅନେକ ବିକାଶ ମୂଳକ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତା ମାନେ ପ୍ରତ୍ୟାଖାନ କରୁଛନ୍ତି କାହିଁକି ? ତେବେ ଭୋଟ୍ ପରିଚାଳନାଗତ ତୃଟି ଯୋଗୁ ଯୁବ ଗୋଷ୍ଠୀର ଭୋଟ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା ବୋଲି ରାଜନୀତିକ ସମୀକ୍ଷକ ମାନେ ମତ ଦେଇଥିଲେ। ଅନ୍ୟ ପକ୍ଷରେ ଦଳର କିଛି ଖାସ୍ ସମର୍ଥକ ଓ ଶୁଭେଚ୍ଛୁଙ୍କୁ ଗୁରୁତ୍ୱ ଦିଆଯିବାର ଥିଲା। ବିଜେଡ଼ି ବିରୋଧରେ ଗଦା ଗଦା ଅଭିଯୋଗ ଥାଇ ମଧ୍ୟ ବିଜେପି ଫେଲ୍ ମାରିବା ଆଶ୍ଚର୍ଯ୍ୟର କଥା। ନିର୍ବାଚନ ପୂର୍ବରୁ ବିଜେପି ଦଳ ଓ ବିଜେପି ସରକାରଙ୍କ ଦ୍ୱାରା କୋଟିକୋଟି ଟଙ୍କାର ବିଜ୍ଞାପନ ଦିଆଯାଇ ମତଦାତାଙ୍କୁ ବିଜେପି ପ୍ରତି ଆକର୍ଷିତ ପାଇଁ ଚେଷ୍ଟା କରାଯାଇଥିଲା। ଅନ୍ୟପକ୍ଷରେ ଉଦ୍ଦେଶ୍ୟ ମୂଳକ ଭାବେ କିଛି ଗଣମାଧ୍ୟମକୁ ବିଜ୍ଞାପନ ଦିଆଯାଇନଥିବା ଅଭିଯୋଗ ହୋଇଥିଲା। ସେ ଯାହାହେଉ ଓଡ଼ିଶାରେ ବିଜେପିର ନିର୍ବାଚନ ନେତୃତ୍ୱ ନେଉଥିବା ନେତାମାନେ ସଫଳ ହୋଇ ପାରିନଥିଲେ। ରାଜନୀତିକ ଜ୍ଞାନରେ ନିପୁଣ ଓ ଲୋକପ୍ରିୟ ନେତାମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବାର ଆବଶ୍ୟକତା ଥିଲା ବୋଲି ରାଜନୀତିକ ବିଶେଷଜ୍ଞ ମାନେ ମତ ଦେଇଥିଲେ।

୨୦୧୯ ମସିହା ମଇ ୩୦ ତାରିଖରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ସଂସଦର ପ୍ରଥମ ଅଧିବେସନ ବେଳେ ଧନ୍ୟବାଦ୍ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କେତେକ ବିଜୟୀ ସାଂସଦ ଧନ୍ୟବାଦ୍ ପ୍ରସ୍ତାବ ଉପରେ ନିଜର ଭାଷଣ ଦେଲେ। ଯେତେବେଳେ ଓଡ଼ିଶାର ନବ ନିର୍ବାଚିତ ସାଂସଦ ପ୍ରତାପ ଷଡ଼ଙ୍ଗୀ(ନନା) ନିଜର ଅଭିଭାଷଣ ପାଇଁ ମଂଚକୁ ଆସିଲେ, ଉପସ୍ଥିତ ନେତାମାନେ ଏପରିକି ଓଡ଼ିଶାର ଅଧିକାଂଶ ଲୋକେ ମଧ୍ୟ ତାଙ୍କର ଭାଷଣ ପ୍ରତିଭା ସଂପର୍କରେ ଜାଣିନଥିଲେ। ମାତ୍ର ତାଙ୍କର ଇଂରାଜୀ, ହିନ୍ଦି, ଓଡ଼ିଆ, ବଙ୍ଗଳା ଓ ସଂସ୍କୃତ ଭଳି ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ସମସ୍ତଙ୍କୁ ଅଭିଭୂତ କରି ଦେଇଥିଲା। ସେ ନିଜ ଭାଷଣରେ ଏପରି ପ୍ରସଙ୍ଗ ଉଠାଇଥିଲେ, ଯାହା ଶୁଣି ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଉପସ୍ଥିତ ସମସ୍ତେ ଅତ୍ୟନ୍ତ ଖୁସି ହୋଇଥିଲେ। ବାସ୍ତବରେ କେବଳ ସେ ଜଣେ ସଫଳ ରାଜନେତା କି ସୁସଂଗଠକ ନୁହନ୍ତି, ବରଂ ସେ ପ୍ରବଚନ ଜଗତ ପାଇଁ ଜଣେ ଜ୍ଞାନୀ ଓ ଧୂରୀଣ ବ୍ୟକ୍ତି ବୋଲି ଜଣାପଡ଼ିଥିଲା। ସବୁବେଳେ ନନା ଲାଗନ୍ତି ନିର୍ଲିପ୍ତ ସନ୍ୟାସୀଟିଏ ଭଳି ! ଈଶ୍ୱରୀୟତାର ପ୍ରଲେପ ସ୍ପଷ୍ଟ ବାରି ହୋଇଯାଏ ତାଙ୍କ ଭିତରେ ! ହୁଏତ ସେ ଜୀବନର ଆରମ୍ଭରୁ ବୁଝିଛନ୍ତି ମଣିଷ ଜନ୍ମ ଓ ଜୀବନର ବାସ୍ତବ ଉଦ୍ଦେଶ୍ୟ, ମଣିଷ ଭିତରର ଭାବଅଭାବ ଏବଂ ଆବଶ୍ୟକତାକୁ ! ଜଣାପଡ଼ନ୍ତି ଯେମିତ ସେ ଲୋଭ, ମୋହ, ମାୟା, ବିଳାସର ବହୁ ଉର୍ଦ୍ଧ୍ୱରେ ! ସ୍ଥିତପ୍ରଜ୍ଞ ସାଧୁଟିଏ ଭଳି ! ତାଙ୍କ ଠାରେ ଦେଖାଯାଏ ନାହିଁ କୌଣସି ସ୍ୱତନ୍ତ୍ର ବେଶପୋଷାକ, ଚାଲିଚଳନୀ କି ଆଭିଜାତ୍ୟ ! ତାଙ୍କର ସାଧାରଣ ପୋଷାକ, ଚାଲିଚଳନୀ ଓ କଥାବାର୍ତା ଭିତରେ ଲୁକ୍‌କାୟିତ ମାନବୀୟ ଭାବ ଓ ଗୁଣ ଆକର୍ଷିତ କରେ ସାଧାରଣ ଲୋକଙ୍କୁ ଏବଂ ଅଭିଭୂତ ହୋଇଯାଆନ୍ତି ସମସ୍ତେ। ସାଧାରଣ ଲୋକଙ୍କ ସହିତ ନନାଙ୍କର ମିଳନ ସମୟର ଦୃଶ୍ୟ ସ୍ୱଚକ୍ଷୁରେ ଦେଖିଲେ, ଜାଣି ହେବ ଜଣେ ନେତା ଓ ସାଧାରଣ ମଣିଷ ଭିତରର ବାସ୍ତବ ସଂପର୍କର ରହସ୍ୟକୁ !

ଓଡ଼ିଶାରେ ବିଜେପି ଶାସନ ଗାଦିକୁ ଆସିବାକୁ ହେଲେ, ପ୍ରତାପ ଷଡ଼ଙ୍ଗୀଙ୍କ ଭଳି ରାଜନୀତିକ ଜ୍ଞନରେ ନିପୁଣ ତଥା ଦୃଢ଼ ନେତୃତ୍ୱର ଆବଶ୍ୟକତା ରହିଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଉଛି। ଅନ୍ୟଥା ଓଡ଼ିଶାରେ ବିଜେପି ଡ଼ଙ୍ଗା ବୁଡ଼ି ନଯାଉ ବୋଲି ଚର୍ଚ୍ଚା ହୋଇ ଆସୁଛି। ଓଡ଼ିଶାରେ ବିଜେପି ଧୀରେ ଧୀରେ ଆଗକୁ ମାଡ଼ି ଚାଲିଥିଲେ ମଧ୍ୟ ଦୃଢ଼ ନେତୃତ୍ୱ ଅଭାବରୁ ଦଳ ମଜଭୁତ ହୋଇ ପାରୁନଥିବା ଚର୍ଚ୍ଚା ହେଉଛି। ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରତାପ ବାବୁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନେଲେଣି। ହୁଏତ ଆଜି ପର୍ଯ୍ୟନ୍ତ ଜାତୀୟ ରାଜନୀତିରେ ପରିଚିତ ଅଳ୍ପ କେତେଜଣ ଓଡ଼ିଆଙ୍କ ଭିତରେ ପ୍ରତାପ ବାବୁ ଅନ୍ୟତମ। ସେହିପରି ଦଳୀୟ ସଭାପତି ସମୀର ମହାନ୍ତିଙ୍କ ଭଳି ବିଜେପିର କେତେକ ଆଗ ଧାଡ଼ିର ତୁଙ୍ଗ ନେତା ମଧ୍ୟ ନିଜର ପ୍ରଚଣ୍ଡ ରାଜନୀତିକ କରିସ୍ମା ବଳରେ ସାଧାରଣ ଲୋକଙ୍କ ନିକଟତର ହେବାରେ ଲାଗିଛନ୍ତି। ଦଳୀୟ ନେତା ମାନଙ୍କର ନିଷ୍ଠାପର କାର୍ଯ୍ୟ ରାଜ୍ୟରେ ବିଜେପି ସଂଗଠନକୁ ମଜଭୁତ କରାଇବାରେ ନିଶ୍ଚୟ ସହାୟକ ହେବ। ହୁଏତ ଆସନ୍ତା ନିର୍ବାଚନରେ ସାରା ଓଡ଼ିଶାକୁ ପଦ୍ମରେ ସଜେଇ ଭାଜପା ଇତିହାସ ରଚିବା ଅସମ୍ଭବ ନୁହେଁ।

# ଚାକିରି କରିବ ପୁଲିସ, ମାଛ ଖାଇବ ଇଲିଶି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଚୋର ଅର୍ଥ, ଅନ୍ୟର ଶ୍ରମରୁ ଅର୍ଜିତ କରିଥିବା ଅର୍ଥକୁ ଲୁଟ କରିବା ବ୍ୟକ୍ତି। ଏଥିରେ ରାଜ କୋଷାଗାରର ଅର୍ଥ, ପ୍ରଜାଙ୍କର ଗୃହରେ ଗଛିତ ଥିବା ଅର୍ଥ ପ୍ରଜା ହୁଅନ୍ତୁ ବା ତାଙ୍କର ପୁଅଝିଅ ଯେ ଭୋଟର ହୋଇ ନାହାଁନ୍ତି। ଭବିଷ୍ୟତକୁ ଭୋଟର ହେବେ ସେମାନଙ୍କ ଠାରୁ ବି ଲୁଟ କରାଯାଏ। ଶିଶୁଟିଏ ତାର ଅଙ୍ଗରେ ଥିବା ଅଳଙ୍କାର ତାର ନାମରେ ଜମାଥିବା ଅର୍ଥ ତାର ଭବିଷ୍ୟତ ସମ୍ପତି ବି ଲୁଟ ହୁଏ। ଚୋର ଅନେକ ପ୍ରକାର ଚୋରୀ ଅନେକ ପ୍ରକାର ଚୋର ଭୟ ନାଶ ପାଇଁ ଲୋକେ ନିରାପତା ପାଇଁ ନିଜେ ନିଜେ ସ୍ୱୟଂ ଗୃହରେ ଜାଗ୍ରତ ରହିବା ପାଳି କରି ଜଗି ରାତ୍ରୀ ପୁହାଇବା ରହିଥିଲା। ଏଥିପାଇଁ ଶୟନ ନିଶାକୁ ବଦଳାଇ କେହି ବାହାରକୁ ବାହାରିବା ପଥ ଘର ରନ୍ଧ୍ରକରି ଘର ଭିତରେ, ବଡ଼ ପାଟିରେ ପୁରାଣ ପାଠ, ଶାସ୍ତ୍ର ଅଧ୍ୟୟନ କରୁଥିଲେ ନିଶାପ୍ରଦ କଉଡି ଖେଳ ପଶା, ପରି ଖେଳ ଖେଳି ଏକ ଆମୋଦପୂର୍ଣ୍ଣ କୋଳାହଳରେ ଜାଗ୍ରତ ରହୁଥିଲେ ଚୋର ମାନେ ଜାଗ୍ରତ ଚେତନାଶୀଳ ପରିସ୍ଥିତି ଜାଣିଲେ ଚୋରି କରିବାକୁ ସାହାସ କରନ୍ତି ନାହିଁ। ପୁଣି ଜଣକୁ ଜଣେ ବା ପ୍ରତିବେଶୀ ସହାୟକ ସହିତ ଏକ ଜନରବକୁ ଅନ୍ୟମାନେ ସାହାଯ୍ୟ ପାଇଁ ଧାଇଁ ଆସିଲେ ଚୋରର ଆଶୁଦଣ୍ଡରେ ଦଫାରଫା ହୋଇପାରେ। ଏଥିପାଇଁ ଚୋର ମାନେ ଆତ୍ମରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ଲଙ୍କାଗୁଣ୍ଡ ପରି ଅବଲମ୍ବନର ଆଶ୍ରାରେ ଥାନ୍ତି।

ଗତିବିଧି, ଠଉରାଇ ଚୋରୀ କରିବାକୁ ଠାଉରିଆ ଚୋରୀ କୁହାଯାଏ। ଦିବା ମିତ୍ରତା ବା ବହୁଦିନ ବୋଲକରା ପ୍ରିୟ ସମ୍ବନ୍ଧ ରଖି ଧନ ଦୌଲତର ଠିକଣା ଜାଣି ପରେ ବିଶ୍ୱାସରେ ବିଷ ଦେଇ ଚୋରୀ କରାଯିବା ଜଣାପଡ଼େ। 'ପଂଚତନ୍ତ୍ର' ପୁସ୍ତକରେ ଜରଦଗବ ଶାଗୁଣା ଦୀର୍ଘକର୍ଣ୍ଣ ବିଡାଳ ଉପାଖ୍ୟାନ ଅଛି। ଏଥିରେ ଚୌକିଦାରକୁ କେମିତି ଚୋର କରି ଚୋର ଚାଲିଯାଏ ଏଥିରେ ତାର ସୁନ୍ଦର ବୟାନ ଅଛି। ବେଳେ ବେଳେ ସତରେ ଚୌକିଦାର ଚୋର ହୋଇଥାଏ। ଆମର ବିରାଟୀ ବୈଷ୍ଣବ ଉପାଖ୍ୟାନ ଅଛି। ଅନେକ ଯୁଦ୍ଧ ମଧ୍ୟରେ 'କବିଯୁଦ୍ଧ' ଏକ ଯୁଦ୍ଧ ଅଛି ଏଥିରେ ଯାତ୍ରାରୋବରେଳି ମେଳାରେ ଯାନବାହାନ ସିନେମାହଲରେ କେହି କହିବା ବୁଝାପଡ଼େ ପକେଟମାରୁକୁ ସାବଧାନ ବା ସେଠାରେ ସାଇନବୋର୍ଡ଼ ଏପରି ଲେଖା ଦେଖିବାକୁ ମିଳେ, ଏଥିରେ କର୍ଣ୍ଣପାତ ଦୃଷ୍ଟିପାତ ମାତ୍ରେ ସ୍ୱ ସ୍ୱ ଅର୍ଥ ରଖିବା ସ୍ଥାନକୁ ଲୋକେ ଅତରଛରେ ଦରାଣ୍ଡି ପକାନ୍ତି ଏଥିରେ ପ୍ରକୃତ ଚୋର ପକେଟମାର ନଜର କରି କି ବୁଦ୍ଧି କଲେ ଏ ଅର୍ଥ ହାତ ଛପେଇ କରି ନେଇ ହେବ ତାର ଯୋଜନା କରନ୍ତି। ଅକଳିରେ ପକାଇ ଅନେକ ଲୁଟ ମୋକା ପାଆନ୍ତି। ଫଳ ପନିପରିବା ଚାଷୀ କେତେ ଜଗିବେ। ମାଛ ପୋଖରୀ କଣ ସର୍ବଦା ନଜରରେ ରହିବ ? ଘର ଭିତରେ ସର୍ବଦା ଝରକା କବାଟ ରନ୍ଧ କରି ରହିହେବ। ଏହାର ଗଫଲତିରେ ଚୋର ତାର କାରନାମା କରେ। ଯୌବନ ଯୁବତୀଙ୍କର ଯେତେବେଳେ ଆସେ ଠିକ୍ ସେତିକିବେଳେ ଲୁଟ ହେବା ଅବସ୍ଥା ବି ଉଦୟ ହୁଏ। ବିଭିନ୍ନ ପ୍ରକାର ଚାଟୁବାକ୍ୟ ସହାୟକର ହାତ ବଢ଼ାଇ ଯୁବତୀଙ୍କୁ ଛଳନାରେ ସର୍ବଦା ଲୁଟ କରାଯାଏ। ପୁଣି ଏକାନ୍ତରେ ଅବଳାର ଦୁର୍ବଳ ବେଳା ଦେଖି ବଳାତ୍କାର କରି ମହାଲୁଟ କରାଯାଏ। ଏସବୁ ଏକ ଏକ ଚୋରୀ ନଜିର, ମାତ୍ର ଚକ୍ଷୁଥାଇ ଅନ୍ଧ କରି ଚୋରୀ କରାଯାଏ। ଚୋରକୁ ନିରୁପାୟ ହୋଇ ସଲାମ କରି ଧନ ଯୌବନ ସମ୍ପଦ ବି ଦେବାକୁ ହୁଏ। ଏମିତିକା ଜାଲ ଚୋର ବିଛାନ୍ତି ସେଥିରେ ନୀରିହ ପଡ଼ନ୍ତି ପୁଣି ସେଥିରେ ସହାୟକ କେହି ନଥାନ୍ତି। ବିଭିନ୍ନ ରାଜକାର୍ଯ୍ୟରେ କର୍ମଚାରୀ ପ୍ରଜାଙ୍କର କାମ ପାଇଁ ମଜୁରୀରେ ମୋଟା ଦରମା ପାଆନ୍ତି ମାତ୍ର ଫାଇଲର କାର୍ଯ୍ୟକୁ ଏମିତି ଛଳନାରେ କରନ୍ତି ଯହିଁରେ କିଛି ଅର୍ଜନ ପାଇଁ କାର୍ଯ୍ୟକୁ ଆସିଥିବା ବ୍ୟକ୍ତି ବାରମ୍ବାର ଦୌଡ଼ି ଦୌଡ଼ି ହତାଶ ହୋଇ ନିରୁପାୟ ହୋଇ ଲାଂଚଅଁଘୁଷ ଲାଂଚ ଦିଏ। ପରିଚିତ ଉପରବାଲାର ଦ୍ୱାହି ଦେଲେ ଫାଇଲ ମିସ୍ ହେବ କାମ ଏକ ଦିନର ଲାଗିବ ବର୍ଷ ବର୍ଷ ଆହୁରି ଲମ୍ବିବ ସମୟ, ସେ ଅଫିସର ଅଫିସର ମଧ ନିରୁପାୟ ହୋଇପାରନ୍ତି। ଏ ଚୋରୀ ହେବା ସମସ୍ତେ ଜାଣନ୍ତି ମାତ୍ର ଏ ପାଇଁ ଏ ପର୍ଯ୍ୟନ୍ତ ସାଧପଥ ନାହିଁ। ଶତକଡ଼ା ୯୯.୯୯ ଭାଗ ସୁନାରେ ଅଳଙ୍କାର କରାଯାଇ ନପାରେ ଏହା ୨୪ କ୍ୟାରେଟର ସୁନା ଏଥିରେ ୨ କ୍ୟାରେଟ ଖାଦ ମିଶାଇବା ଦ୍ୱାହି ସମସ୍ତେ ଦିଅନ୍ତି। ସୁନାଟି ଲୁଚାଇ ଲୋକେ କିଣନ୍ତି। ଏ ଚୋରିଷ୍ଠା କାର୍ଯ୍ୟକୁ ଆହୁରି ସ୍ୱାହା ଚୋରୀ ୧୬-୧୭ କ୍ୟାରେଟର ସୁନାକୁ ୨୨ କ୍ୟାରେଟ ଷ୍ଟାମ୍ପ କ୍ରୟ ଦ୍ରବ୍ୟ ଅନ୍ୟତ୍ର ସାଥି କରାଯାଏ ନାହିଁ ଆବଶ୍ୟକ ବହୁପରେ ତାପରେ ଜାଣିଲେ ବି ଉପାୟ ନଥାଏ। ଏମିତି ଚୋରୀ ପାଇଁ ଉପାୟ କାହାର, ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ନାମଜାଦା ଚୋରମାନେ ଡାକି ବଜାରୀ ଚୋରୀ କରନ୍ତି। କୁହେଳି କରିବା ବିଦ୍ୟାରେ ଏମାନେ ହୁଏତ ଧୁରୀଣ। ଆମ କଟକରେ ବିହାରୀ ନାୟକ ବୋଲି ଜଣେ ଚୋର ଥିଲା। ସେ ଏପରି କରିବା ଶୁଣାଯାଏ। ମାତ୍ର ଏ ଚୋରମାନେ କାୟା ବିସ୍ତାର ଭିନ୍ନ ରୂପରେ ଏବେ ହୋଇଗଲେଣି। ପାଟି ଚାନ୍ଦା, ଦାଦାବଟି, ପ୍ରକାଶ୍ୟରେ ନେଉଛନ୍ତି ଏମାନଙ୍କର ପ୍ରକୋପ ଏତେ ଯେ ଏଥିରେ ମୂଳଠାରୁ ଚୁଳଯାଏ ସମସ୍ତେ ଜାଣନ୍ତି ମାତ୍ର ସମସ୍ତେ ଦେଖାଣାହାରୀ ଯେମିତି ସେମାନେ ଘଟଣାକୁ ପ୍ରଥମେ ଶୁଣୁଛନ୍ତି ତାପାଇଁ ଦେଖିବା କହି କାଳକ୍ଷେପଣ, ଆକ୍ରାନ୍ତ ପାଇଁ ଆଉକିଛି ସନ୍ତ୍ୱନା ନାହିଁ। ଅନ୍ୟର ଅଧିକାର କ୍ଷୁର୍ଣ୍ଣ କରି ଆୟ କରିବା ରାଜକର ରାଜଦଣ୍ଡର ଦ୍ୱାହିରେ ନିଜର ପକେଟକୁ ଅର୍ଥ ଆସିବା ବିଷୟ ଚିନ୍ତା କରିବା, ମାଟ୍ରିକ ପରୀକ୍ଷାରେ କପି ଚଳନୀୟ ନୁହଁ ମାତ୍ର ଡକ୍ଟରେଟ ହାସଲ ପାଇଁ ବିଭିନ୍ନ ବହିର ନାମ ଉଦ୍ଧାର କରି ଥେସିସ୍ ଲେଖିବା ଏକ ମାମଲାରେ ଅନ୍ୟ ସେପରି ରାୟର ନଥି ସଂଯୋଗ କରି ଆଇନର ରାୟ ଦିଗକୁ ସବଳ କରିବା। ଏପରି ହେବା ବୁଝାପଡ଼େ ଏଥିରେ ଦିଗ ଗୁଡ଼ିକ ସମ୍ମାନନୀୟ ପଥ ଧରାଯାଉଛି। ଏକାପରି ଧାରାରେ ବଡ଼ ବଡ଼ କାର୍ଯ୍ୟ ହାସଲ ଚାଲିଛି। ଏପାଇଁ ସବସେ ଟ୍ରପ ଭଲ କୁହାଯାଉଛି। ବୁଦ୍ଧି ଶାଣିତ ନ ହେଲେ କପି ବିଦ୍ୟା ଅପମାନିତ ଦିଗକୁ ଚାଲି ଯାଉଛି। କପି ବିଦ୍ୟା ହିଁ ଚୋରୀ ବିଦ୍ୟାରେ ଗଣାଯାଇଥାଏ।

ଚିତ୍ରଗୁପ୍ତ କରଣ ଅର୍ଥ ରାଜନଥି ଲିପିକାର। ଏମାନେ ଅସନ୍ତୋଷ ଅର୍ଥ ଶନିଦଶା ପ୍ରବେଶ। ପାପ କରିବା ଅର୍ଥ ଧର୍ମବିଧି ରାଜବିଧି ଲଙ୍ଘନ, ପୁଣ୍ୟ କରିବା ଅର୍ଥ ବହୁଜନ ହିତାୟଃ, ଧର୍ମବିଧି, ରାଜବିଧିର ସପକ୍ଷ, ଏଥିରେ ଚିତ୍ରଗୁପ୍ତ ନାଚାର। ଭଲ ଲେଖିବାକୁ ବାଧ କାରଣ ଦେବଚକ୍ଷୁ ତା ଉପରେ ରହିଥାଏ। ସନ୍ୟାସୀମାନେ ଗୃହୀ ଠାରୁ ଏବେ ବଡ଼ ସଂସାରୀ ଉତମ ଭୋଜନ, ଉତମ ପୋଷାକ, ଉତମ ଯାନ, ଉତମ ବାସଗୃହରେ। ଏସବୁ କେମିତି ସମ୍ଭବ। ତଥାକଥିତ ଶିଷ୍ୟମାନେ ଭୁଲକାମକୁ କେମିତି ଠିକ୍ କରିବେ ଏ ଭାବନା ପାଇଁ ତାଙ୍କର କଳା ଆୟର ଭାଗ ବଂଟନରୁ ଏ ଅବସ୍ଥା ଉପୁଜୁଛି। ଅବଶ୍ୟ ସିଦ୍ଧ ଅଛନ୍ତି ସେ ତାଙ୍କ ବିଭୁତି ବଳରେ ନ ହେବା କାର୍ଯ୍ୟ କରାଇପାରନ୍ତି। ଗ୍ରହ ମାନଙ୍କର ଚାରି ପ୍ରକାର ନିତିରେ ଭାଗ ଅଛି। ତିନି ପ୍ରକାର ଗୁଣରେ ଭାଗ ଅଛି। ହାତର ରେଖା ହାତ ଦ୍ୱାରା ଖରାପ କାର୍ଯ୍ୟ, ଭଲକାର୍ଯ୍ୟରେ ବଦଳୁଛି, ସ୍ୱ ସ୍ୱ କର୍ମମୟ ପରିସ୍ଥିତିର ବାଧା ପାଇଁ ନିଜର ଆଚରଣ ଓ ରାଜକାନୁନକୁ ଖୋଜି ଏପରି ଆଚରଣ ବଦଳ ଓ ରାଜାକାନୁନକୁ ମାନିଲେ ଘଟଣା ସପକ୍ଷରେ ଆସିବ। ତାମସିକ ଗୁଣ ରାଜସିକ ଗୁଣ ଚାଡ଼ିଲେ ସଂସାରରେ ସମସ୍ତେ ବନ୍ଧୁ ମାତ୍ର ସେ ଗୁଣ ଧରି ସମସ୍ତେ ଶତ୍ରୁ ବୋଧ ହୁଅନ୍ତି। ସୁନା ପ୍ରମାଣ ନ ହେବା ଯାଏ, ସୁନା ଡାକରେ ଆସେନାହିଁ। ସୁନା ପାଇଁ ଅଗ୍ନୀ ଏସିଡ଼ ପରୀକ୍ଷା ତାପରେ ବୁରେଟ ପିପେଟ ଟେଷ୍ଟ ଏମିତି କେତେ ଜଞ୍ଜାଳ ପରେ ସୁନା ପୁଣି ମୂଲ୍ୟାୟନକୁ ଚିହ୍ନଟକୁ ଆସେ ନ ହେଲେ ସେ ପର୍ଯ୍ୟନ୍ତ ତାହା ଦେଖିବାକୁ ସୁନାପରି ପିତଳ ସୁନା ରଙ୍ଗ ଏକାପରି କଲେଇ ରଙ୍ଗିଆ ନକଲି ସୁନା, ଆମାଲଗାମ ପଦ୍ଧତିରେ ସୁନା ଯେକୌଣସି ଧାତୁରେ ପୁଟ ଦେଇ କରି ହେବ। ଏ ପାଇଁ ଚୋରୀମାନେ ଚୋର ଠାରୁ ସିଜ ହେଲେ ବି ପୋଲିସ ବାବୁମାନେ ମାଲରେ ସୁନା ପରି ଦୃଶ୍ୟ ଧାତୁ ଦ୍ରବ୍ୟ ତାର ଓଜନ ସହିତ ଲିଷ୍ଟ କରନ୍ତି ତାଙ୍କ ବାଣୀ ସୁନା ସାର୍ଟିଫିକେଟରେ ନଥାଏ। ସେ ପେନାଲକୋର୍ଟ ଲଗାନ୍ତି ହେଲେ ଅଦାଲତରେ ଓକିଲ ବାବୁମାନେ ଯୁକ୍ତିକରି କୋର୍ଡ ଗୁଡ଼ିକୁ ଭ୍ରମରେ ଲଗାଯିବା ବୃଥା ଲଗା, ସର୍ବଦା ଜାହିରିକରି ଅଭିଯୁକ୍ତକୁ ମୁକ୍ତ କରିଦିଅନ୍ତି। ପୁଣି ଏପରି କୋର୍ଡ ପୋଲିଶ ଥାନାରେ ଲଗାଯାଏ ଅଭିଯୁକ୍ତ ଜୀବନରେ ବହୁବର୍ଷ ଜେଲରେ କଟିପାରେ ଯଦି ଅପରାଧିର ଲୋକବଳ ପୋଲିସଙ୍କୁ ଧମକ ଚମକ ପଦବୀର କାରନାମା ଦେଖାନ୍ତି ଓ ଅପରାଧି ପ୍ରକୃତ ବିପଦପୂର୍ଣ୍ଣ କାର୍ଯ୍ୟ ବାରମ୍ବାର କରୁଛି ତାର କଥା ନିଅରାରେ ରଖାଯାଏ। ସେ ଭୋଗି ପାରେ। ମାତ୍ର ଅନେକ ସମୟରେ ଅପର କଥାରେ ସ୍ୱାର୍ଥ ରଖି ବୃଥା ଦଣ୍ଡ କରିଦିଆଯାଏ ଏଥିରେ ଏପାଇଁ କୁହାଯାଇଛି ଚାକିରି କରିବ ପୁଲିସ, ମାଛ ଖାଇବ ଇଲିଶି। ଏକଥା ମୋଗଲ ମରହଟ୍ଟା ବ୍ରିଟିଶ ଶାସନରେ ଥିଲା ଏବେ କମ ହେଲେ ବି ପୁରା ସଂସ୍କାର ହୋଇନାହିଁ।

# ଜନ୍ମ ହେଲେ ଯମଜ ଶିଶୁ କନ୍ୟା, ହେଲେ ବୟସରେ ବର୍ଷେ ପାର୍ଥକ୍ୟ !



ଅନେକ ସମୟରେ ଶୁଣିଥିବେ କି, ଦୁଇ ଯମଜ ଭାଇ ବା ଭଉଣୀଙ୍କର ଜନ୍ମଦିନ ଦୁଇଟି ଅଲଗା ଅଲଗା ମାସରେ ପଡ଼ିଥାଏ। କିନ୍ତୁ ଆଜି ଆମେ ଆପଣଙ୍କୁ ଯାହା କହିବାକୁ ଯାଉଛୁ, ଏଥିରେ ଦୁଇ ଯମଜ ଭଉଣୀଙ୍କ ଜନ୍ମଦିନ ଅଲଗା ମାସରେ ନୁହେଁ, ଅଲଗା ଅଲଗା ବର୍ଷରେ ହୋଇଛି। ଉକ୍ତ ଘଟଣାଟି ଆମେରିକାର ଟେକ୍ସାସରେ ଘିଟିଛି। ଏଠାରେ କେଲି ଜୋ ଓ କ୍ଲିଫ୍‌ଙ୍କର ଯାଆଁଳା ଝିଅ ଦୁଇଟି ଅଲଗା ବର୍ଷରେ ଏବଂ ଦୁଇଟି ଅଲଗା ତାରିଖରେ ଜନ୍ମ ହୋଇଥିଲେ। ଏହି ବିଷୟରେ ଜାଣୁଥିବା ଲୋକେ ବି ଆଶ୍ଚର୍ଯ୍ୟ ହେଉଛନ୍ତି। କେଲି ଜୋ ନିଜର ଯମଜ ଶିଶୁ କନ୍ୟାଙ୍କ ନାଁ ଏନି ଜୋ ଓ ଏଫି ରୋଜ୍ ରଖିଛନ୍ତି। ସେମାନଙ୍କ ମଧ୍ୟରେ ଏନି ଜୋଙ୍କର ଜନ୍ମ ୩୧ ଡିସେମ୍ବର ୨୦୨୨ ରାତି ୧୧ଟା ୫୫ ମିନିଟ୍‌ରେ ହୋଇଥିବା ବେଳେ ଅନ୍ୟ ଶିଶୁ କନ୍ୟାଙ୍କର ଜନ୍ମ ୧ ଜାନୁୟାରୀ ୨୦୨୩ରେ , ୧୨ଟା ୧ ମିନିଟ୍‌ରେ ହୋଇଥିଲା। କେଲି ଜୋ ଏହି ଖୁସିକୁ ଫେସବୁକ୍‌ରେ ସେୟାର କରିଛନ୍ତି । ସେ ନିଜର ଶିଶୁ କନ୍ୟା ଓ ପତିଙ୍କର ଫଟୋ ପୋଷ୍ଟ କରିଛନ୍ତି। ନିଜର ପୋଷ୍ଟରେ କେଲି ଲେଖିଛନ୍ତି , କ୍ଲିଫ୍ ଓ ମୁଁ ଏହି ଖୁସି ଖବର ବାଣ୍ଟିବା ସହ ବହୁତ ଗର୍ବ ଅନୁଭବ କରୁଛୁ। କେଲି ଉଭୟ ଶିଶୁକନ୍ୟାଙ୍କର ଜନ୍ମ ସମୟ ସେୟାର କରିଛନ୍ତି। କେଲି ନିଜର ପୋଷ୍ଟରେ ଲେଖିଛନ୍ତି , ଉଭୟ ଶୁଶୁକନ୍ୟା ସୁସ୍ଥ ଓ ଠିକ୍ ଅଛନ୍ତି। ତାଙ୍କ ମୁତାବିକ , ଶିଶୁକନ୍ୟା ଦୁଇଜଣଙ୍କର ଓଜନ ୫.୫ ପାଉଣ୍ଡ ଅଛି । କେଲି କହିଛନ୍ତି , ସେ ଓ ତାଙ୍କର ସ୍ୱାମୀ କ୍ଲିଫ୍ ନିଜର ଶିଶୁକନ୍ୟାଙ୍କ ଜନ୍ମରେ ବହୁତ ଅଧିକ ଖୁସି ଅଛନ୍ତି। କେଲି ସିବିଏସ ନ୍ୟୁଜ୍‌କୁ କହିଛନ୍ତି , ଯେବେ ଦୁଇ ଶିଶୁ ଗର୍ଭରେ ଥିଲେ ତ ଆମେ ସବୁବେଳେ ମଜା କରୁଥିଲୁ। ନିର୍ଦ୍ଦିଷ୍ଟ ସମୟରେ ସେମାନେ ଜନ୍ମ ହେବେ ବୋଲି ଆମର ଅନୁମାନ ଥିଲା । ଆମେ ପରସ୍ପରକୁ କହୁଥିଲୁ କି , ନ୍ୟୁ ଇୟର ଇଭ୍ ବା ନ୍ୟୁ ଇୟରରେ ଏମାନଙ୍କର ଜନ୍ମଦିନ ହୁଅନ୍ତା କି। ଦେଖ ଏମିତି ହିଁ ହୋଇଗଲା।

# ସ୍ୱାସ୍ଥ୍ୟ ପାଇଁ ହିତକାରକ ଛତୁ

ଛତୁ ସ୍ୱାସ୍ଥ୍ୟ ପାଇଁ ହିତକାରକ। ମେଦବହୁଳତା ରୋଗୀଙ୍କ ପାଇଁ ଛତୁ ଅତ୍ୟନ୍ତ ଉପାଦେୟ। ଛତୁ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣ ହୋଇଥାଏ। ଛତୁରେ ଅନେକ ପୋଷକ ତତ୍ୱ ସହ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ଛତୁର ଅନେକ ଗୁଣ ରହିଛି। ଛତୁରେ ଅନେକ ମହତ୍ୱପୂର୍ଣ୍ଣ ମିନେରାଲ ଓ ଭିଟାମିନ୍ ରହିଛି। ଏଥିରେ ଭିଟାମିନ୍ ବି, ଡି, ପୋଟାସିୟମ, ଆଇରନ, ସେଲେନିୟମ ପର୍ଯ୍ୟାପ୍ତ ପରିମାଣରେ ରହିଛି। ଛତୁରେ ଥିବା କୋଲିନ୍ ନାମକ ତତ୍ୱ ପାଇଁ ଭାରତରେ ଉତ୍ପାଦନ ହେଉଥିବା ଦୁଇ ପ୍ରକାର ପ୍ରସିଦ୍ଧ ଛତୁ ହେଲା ହ୍ୱାଇଟ୍ ବଟନ୍ ମଶରୁମ୍ ଓ ଇଷ୍ଟର ମଶରୁମ୍। ଛତୁରେ ଆନ୍‌ଟି ଅକ୍ସିଡାଣ୍ଟ କ୍ଷତିକାରକ ମୁକ୍ତ ରେଡିକାଲରୁ ରକ୍ଷା କରିଥାଏ। ଏହା ଏକ ଆନ୍‌ଟି ବାୟୋଟିକ୍ ଯାହା ମାଇକୋବାୟଲ୍ ଏବଂ ଫଙ୍ଗଲ୍ ସଂକ୍ରମଣରୁ ଭଲ କରିଥାଏ। ତେବେ ଛତୁ ଲାଭଦାୟୀ ହୋଇଥିଲେ ମଧ୍ୟ ଏହାକୁ ସେବନ କରିବା ସମୟରେ ଟିକିଏ ସାବଧାନ ରହିବା ଆବଶ୍ୟକ। ଅଧିକ ଛତୁ ସେବନ କରିବା



ଅନୁଚିତ୍। କାରଣ ଏହାଦ୍ୱାରା ଏଜର୍ଲି ହୋଇଥାଏ। ଗର୍ଭାବସ୍ଥାରେ ମହିଳା ଓ ଛୋଟ ପିଲାଙ୍କୁ ଛତୁ ସେବନ କରିବା ଉଚିତ୍ ନୁହେଁ। ବାସି ଛତୁ ଫୁଡ ପଏଜନିଙ୍ଗ୍‌ର କାରଣ। ଯେଉଁମାନେ ମେଦ କମ୍ କରିବାକୁ ଚାହୁଁଛନ୍ତି ସେମାନେ ଛତୁ ଖାଇବା ଉଚିତ୍। ଏଥିରେ ଥିବା ଲୀନ ପ୍ରୋଟିନ୍ ଓଜନ କମ୍ କରିବାରେ ସାହାର୍ଯ୍ୟ କରିଥାଏ। ଛତୁରେ ଥିବା ଏଞ୍ଜାଇମ୍ କୋଲେଷ୍ଟ୍ରଲ ସ୍ତର କମ୍ କରିଥାଏ। ଏଥିରେ ଉଚ୍ଚ ପୋଷକ ତତ୍ୱ ରହିଛି ଯାହା ହୃଦୟକୁ ସୁସ୍ଥ ରଖେ। ଛତୁରେ ବହୁ ମାତ୍ରାରେ ଫଲିକ ଏସିଡ୍ ରହିଛି। ଛତୁ ସେବନ ଦ୍ୱାରା ପେଟ ଜନିତ ସମସ୍ୟା ଦୂର ହୋଇଥାଏ। ଏଥିରେ ପର୍ଯ୍ୟାପ୍ତ ପରିମାଣରେ ଫାଇବର ଏବଂ କାର୍ବୋହାଇଡ୍ରେଟ୍ ରହିଛି। ଏହା ପାଚନ, କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ଛତୁ ଭିଟାମିନ୍ ଡିର ଏକ ବିଶେଷ ସ୍ରୋତ। ଛତୁ ହାଡ଼ ମଜଭୁତ୍ କରିବାରେ ସାହାର୍ଯ୍ୟ କରିଥାଏ। ନିୟମିତ ଛତୁ ଖାଇଲେ ୨୦ ପ୍ରତିଶତ ଭିଟାମିନ୍ ଡି ପ୍ରାପ୍ତ ହୋଇଥାଏ।

# ପୁଣି ପ୍ରେମରେ ପଡ଼ିଲେ ସ୍ୱରା



ବଲିଉଡର ବିନ୍ଦାସ ଅଭିନେତ୍ରୀ ସ୍ୱରା ଭାସ୍କର। ପ୍ରାୟତଃ ସେ କିଛି ନା କିଛି ଖବରକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ହେଲେ ଏବେ ସେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ସେ କୁଆଡେ ପୁଣିଥରେ ପ୍ରେମରେ ପଡିଛନ୍ତି। ଏ କଥା ଆମେ କହୁନୁ, ସେ ଇନ୍‌ଷ୍ଟାଗ୍ରାମରେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ଶେଆର କରିଥିବା ରୋମାଣ୍ଟିକ ଫଟୋକୁ ଦେଖି ଏଭଳି କିଛି ଖବର ଚର୍ଚ୍ଚା ହେଉଛି ।ଫଟୋରେ ସ୍ୱରା ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ନଜର ଆସିଛନ୍ତି। ସ୍ୱରା ଯେଉଁ ବ୍ୟକ୍ତିଙ୍କ ସହ ରୋମାଣ୍ଟିକ ହୋଇଛନ୍ତି ତାଙ୍କ ଚେହେରା ମଧ୍ୟ ସଠିକ୍ ଭାବେ ଦେଖାଯାଉନି। ଫଟୋରେ ଦୁହେଁ ପରସ୍ପରକୁ ପ୍ୟାମ୍ପର କରୁଥିବା ନଜର ଆସିଛନ୍ତି। ଏହି ଫଟୋକୁ ଦେଖିବା ପରେ ସ୍ୱରାଙ୍କ ଜୀବନରେ ପୁଣି ଥରେ ପ୍ରେମ ଫେରିଆସିଥିବା ଆଶଙ୍କା କରାଯାଉଛି। ସ୍ୱରା ଖୋଦ୍ ଏହି ଫଟୋକୁ ନିଜ ଇନ୍‌ଷ୍ଟାଗ୍ରାମରେ ଶେଆର କରିଛନ୍ତି। କ୍ୟାପସନରେ ଲେଖିଛନ୍ତି, 'ଏହା ପ୍ରେମ ହେଇପାରେ।' ଫଟୋରେ ସ୍ୱରା ଓ ମିଷ୍ଟ୍ରି ମ୍ୟାନ୍ ଦୁହେଁ ମୁଣ୍ଡ ନୁଇଆଁ ରହିଥିବା ନଜର ଆସିଛନ୍ତି। ଏହି ଫଟୋ ସାମ୍ନାକୁ ଆସିବା ପରେ ସ୍ୱରାଙ୍କୁ ଲୋକେ ଶୁଭେଚ୍ଛା ଜଣାଇବା ଆରମ୍ଭ କରିଦେଇଛନ୍ତି। ତେବେ ଏହି ବ୍ୟକ୍ତି ଜଣକ କିଏ ତାହା ଜାଣିବା ପାଇଁ ୟୁଜର୍ସଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଛି। ସେପଟେ ଆଉ କିଛି ସୋଶାଲ ମିଡିଆ ୟୁଜର୍ସ ଫଟୋକୁ ନେଇ ସ୍ୱରାଙ୍କୁ ଟାର୍ଗେଟ୍ କରିଛନ୍ତି। ଭୁଲ କାମ କଲେ ଏଭଳି ମୁହଁ ଲୁଚାଇବାକୁ ପଡେ ବୋଲି ଜଣେ ୟୁଜର୍ସ କହିଛନ୍ତି। ତେବେ ସ୍ୱାରା ଯେଉଁ ବ୍ୟକ୍ତିଙ୍କୁ ଡେଟ୍ କରୁଛନ୍ତି ସେ କିଏ ? ଏହାର ଖୁଲାସା କେବଳ ଅଭିନେତ୍ରୀ ହିଁ କରିପାରିବେ।

# ସଫଳ କୃତି



ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ନାୟିକା କୃତି ସାନନ୍। ତାଙ୍କ ହାତରେ ଏବେ ୬ଟି ଫିଲ୍ମ ରହିଛି। ସବୁ ଫିଲ୍ମରେ ଭିନ୍ନ ଭିନ୍ନ ଧରଣର ଚରିତ୍ର ସେ ନିର୍ବାହ କରିଛନ୍ତି। ଭେଡିୟା ଭଳି ହରର କମେଡିଠୁ ଗନପତ୍ ଭଳି ଆକ୍ସନ୍ ଫିଲ୍ମ ପର୍ଯ୍ୟନ୍ତ ଭିନ୍ନ ସ୍ୱାଦର କାହାଣୀରେ କୃତି ନଜର ଆସିବେ। ଏ ସବୁଥିରେ ସେ ଲିଡ୍ ନାୟିକା ଭୂମିକା ନିର୍ବାହ କରିଛନ୍ତି। ଏନେଇ କୃତି କହିଛନ୍ତି ମୋ କାମ ଖୁବ୍ ଉତ୍ସାହଜନକ, କାରଣ କୌଣସି ସେଟ୍ କିମ୍ବା କୌଣସି ଫିଲ୍ମରେ ସମାନତା ନାହିଁ। ଭିନ୍ନ ଭିନ୍ନ ବିଷୟ ଆଧାରିତ ଫିଲ୍ମରେ ଅଭିନୟ କରୁଥିବାରୁ କଳାକାର ଭାବେ ନିଜ ଦକ୍ଷତାର ଭିନ୍ନ ଦିଗ ଅନ୍ୱେଷଣ କରିବାରେ ସହାୟକ ହେଉଛି। ହରର କମେଡି ଭେଡିୟା, ଗନପତ୍‌ର ଆକ୍ସନ୍, ପୌରାଣିକ ଫିଲ୍ମ ଆଦିପୁରୁଷ ସହିତ ବଚ୍ଚନ ପାଣ୍ଡେ ଭଳି ମନୋରଂଜନଧର୍ମୀ ପ୍ରୋଜେକ୍ଟରେ ମୁଁ କାମ କରୁଛି। ଏସବୁ ଭିନ୍ନ ଭିନ୍ନ ବିଷୟର ହୋଇଥିବାରୁ କାମ କରିବାକୁ ଖୁବ୍ ମଜା ଲାଗୁଛି। ସବୁ ଫିଲ୍ମର ସେଟ୍ ଓ ମୋ ଚରିତ୍ରର ଭିନ୍ନ ଭିନ୍ନ। ତେଣୁ କାମକୁ ମୁଁ ବେଶ ଉପଭୋଗ କରୁଛି। କୃତି ଏବେ ବରୁଣ ଧୱନଙ୍କ ସହ ଅରୁଣାଚଳପ୍ରଦେଶରେ ଫିଲ୍ମ ଭେଡିୟାର ସୁଟିଂରେ ବ୍ୟସ୍ତ ଅଛନ୍ତି। ହମ୍ ଦୋ ହମାରେ ଦୋ ଭଳି ହଟ୍‌କେ କମେଡି ଫିଲ୍ମ ମଧ୍ୟ ତାଙ୍କ ହାତରେ ରହିଛି। ଏଥିରେ ତାଙ୍କୁ ରାଜକୁମାର ରାଓଙ୍କ ସହ ଦେଖିବାକୁ ମିଳିବ। ଫିଲ୍ମ ମିମିରେ ମଧ୍ୟ ଦର୍ଶକ ତାଙ୍କୁ ଏକମାତ୍ର ଲିଡ୍ ଲେଡି ଭାବେ ଦେଖିବାକୁ ପାଇବେ। ଭିନ୍ନ ସ୍ୱାଦର ଫିଲ୍ମର ଅଂଶ ହୋଇ କୃତି ଖୁବ୍‌ଶୀଘ୍ର ବଲିଉଡ୍‌ରେ ଭର୍ସାଟାଇଲ୍ ଆକ୍ଟ୍ରେସ୍‌ର ଟାଇଟଲ୍ ପାଇବେ, ଏଥିରେ ସନ୍ଦେହ ନାହିଁ।

# ସବୁଠୁ ବୟସ୍କା ମହିଳା

ବିଶ୍ୱର ସବୁଠାରୁ ବୟସ୍କ ମହିଳା ଜାପାନରେ ନୁହେଁ ଭାରତରେ ଅଛନ୍ତି। ହିମାଚଳ ପ୍ରଦେଶର ବିଲାସପୁରରେ ଦୁନିଆର ସବୁଠୁ ବୟସ୍କ ମହିଳା ଅଛନ୍ତି, ଯାହାର ବୟସ ୧୩୦ ବର୍ଷ। ସେ ବିଶ୍ୱର ସବୁଠୁ ବୟସ୍କ ମହିଳା ବୋଲି ଦାବି କରାଯାଇଛି। ଇଣ୍ଡିଆ ଟିଭିର ରିପୋର୍ଟ ମୁତାବକ, ନିକଟରେ ନିର୍ବାଚନରେ ଭୋଟ ଦେବା ପାଇଁ ଉକ୍ତ ମହିଳା ବିଳାସପୁରର ପପଲାହ ଗ୍ରାମକୁ ଯାଇଥିଲେ। ସେଠାରେ ୧୮୯୦ରେ ତାଙ୍କର ଜନ୍ମ ହୋଇଥିବା ନେଇ ତାଙ୍କ ଆଧାର କାର୍ଡରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଥିଲା। ତାଙ୍କ ଜନ୍ମ ତାରିଖ ଦେଖି ଭୋଟିଂ ବୁଥିରେ ଉପସ୍ଥିତ ଥିବା ସମସ୍ତେ ଚକିତ ହୋଇଯାଇଥିଲେ ଏବଂ ତାଙ୍କୁ ବିଶ୍ୱର ସବୁଠାରୁ ବୟସ୍କା ମହିଳା ବୋଲି ଦାବି କରିଥିଲେ। ସୂଚନା ମୁତାବକ ଉକ୍ତ ମହିଳାଙ୍କ ନାଁ ମାଂସା ଦେବୀ। ତାଙ୍କ ପରିବାରରେ ତାଙ୍କର ୬ଜଣ ପିଲାଙ୍କୁ ମିଶାଇ ମୋଟ୍ ୮ଜଣ ଅଛନ୍ତି। ତେବେ ତାଙ୍କ ପରିବାରରେ କେହି ବି ଅଧିକ ଶିକ୍ଷିତ ନାହାନ୍ତି। ଏହି କାରଣ ଯୋଗୁଁ ମଂସା ଦେବୀଙ୍କ ବୟସ ସାମ୍ନାକୁ ଆସିପାରିନଥିଲା। ସେପଟେ ଏହି ମହିଳାଙ୍କ ବୟସ ସାମ୍ନାକୁ ଆସିବା ପରେ ସ୍ଥାନୀୟ ପ୍ରଶାସନ ଏନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ମହିଳାଙ୍କ ବୟସ ସହ ଜଡ଼ିତ ସମସ୍ତ ତଥ୍ୟକୁ ନେଇ ଯାଂଚ କରାଯିବ। ଯଦି ସେ ବୟସ୍କ ବୋଲି ପ୍ରମାଣିତ ହୁଅନ୍ତି ତେବେ ତାଙ୍କ ନାଁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରିବାକୁ ଦାମି କରାଯିବ। ଅଧିକାରୀଙ୍କ ରେକର୍ଡ ଅନୁଯାୟୀ ବିଶ୍ୱର ସବୁଠାରୁ ବୟସ୍କ ମହିଳା ହେଉଛନ୍ତି ଋଷର ଜିନ କେଲିମେଂଟ। ଯାହାର ୧୯୯୭ରେ ୧୨୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ ବର୍ତମାନ ବିଶ୍ୱର ସବୁଠାରୁ ବୟସ୍କ ମହିଳା ରୂପେ ଜାପାନର କେନ୍ ତନାକାଙ୍କ ନାଁ ସବୁଠୁ ଉପରେ ରହିଛି। ତାଙ୍କ ବୟସ ୧୧୮ ବର୍ଷ ରହିଛି ଏବଂ ସେ ଜୀବିତ ଅଛନ୍ତି।



## ଧର୍ମପରାୟଣ ମହିଳାଙ୍କ ପରଲୋକ

ବେଲଗୁଣ୍ଠା ,୮/୫(ନି.ପ୍ର): ବେଲଗୁଣ୍ଠା ଗୋପିନାଥ ସାହି ନିବାସୀ ଧର୍ମପରାୟଣ ମହିଳା ସରସ୍ୱତୀ ସ୍ୱାଇଁଙ୍କ ପରଲୋକ ଘଟିଛି ।ସେ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ସମାସ୍ୟାରେ ପିଡୀତ ଥିଲେ ।ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଛି ।ସେ ଜଣେ ଧର୍ମପରାୟଣ, ପରୋପକାରୀ,ମିଷ୍ଟଭାଷୀ ମହିଳା ଥିଲେ ।ତାଙ୍କ ମୃତ୍ୟୁରେ ବେଲଗୁଣ୍ଠା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସନ୍ତୋଷ,ସୁଶାନ୍ତ, ପ୍ରଶାନ୍ତ,ଦୁଇ ଭଉଣୀ,ପୁତ୍ରବଧୂ ଓ ନାତିନାତୁଣୀ,ଉପସ୍ଥିତ ଥିଲା ବେଳେ ବେଲଗୁଣ୍ଠା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ମୃତ୍ୟୁ ଖବର ଶୁଣି ବେଲଗୁଣ୍ଠାର ପୁର୍ବତନ ନଗରପାଳ ଚନ୍ଦ୍ରମଣି ସାମଲ, ପୁର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ,ପୁର୍ବତନ କାଉନସିଲର ଲିଙ୍ଗରାଜ ପାତ୍ର ଓ ଯତୀନ ପାତ୍ର,ବାଳକୃଷ୍ଣ ପାତ୍ର, ଶୁଭକାନ୍ତ ନାୟକ,ନୀଳାଚଳ ସାହୁ, ଜୟଦେବ ସାହୁ,ଗଣମାଧ୍ୟମ ପ୍ରତିନିଧି ନବକିଶୋର ମହାରଣା, ସୁର୍ଯ୍ୟ ନାରାୟଣ ତ୍ରୀପାଠୀ ଓ ସୁରେଶ ସୁବୁଦ୍ଧି,ମନୋଜ ଦଳାଇ,ଭାଲୁ ଜେନା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ସରସ୍ୱତୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପ୍ରକାଶ ଥାଉ କି, ସରସ୍ୱତୀଙ୍କ କନିଷ୍ଠ ପୁତ୍ର ବସନ୍ତ କୁମାର ସ୍ୱାଇଁ(କାଳିଆ) ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢୀଙ୍କ କାର୍ ଚାଳକ ଅଟନ୍ତି ।

## ପୋଖରିରେ ବୁଡି ମହିଳା ଙ୍କ ମୃତ୍ୟୁ

ପାଟଣା ,୮/୫(ନି.ପ୍ର): ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅଞ୍ଚଳ ଖିରେଇଟଙ୍ଗିରି ଗ୍ରାମରେ ଆଜି ପୂର୍ବାହ୍ନ ପାଖାପାଖି ୧୦ ଟା ସମୟରେ ଜଣେ ମହିଳା ପୋଖୋରୀରେ ଗାଧେଇବା ସମୟରେ ବୁଡି ଯାଇ ପ୍ରାଣ ହରାଇଛନ୍ତି ।ମୃତକ ସେହି ଗ୍ରାମ ରେ ଅନାଦି କାରୁଆ ଙ୍କ ପତ୍ନୀ ମାଳତୀ କରୁଆ ୬୧ ବୋଲି ଜଣାପଡିଛି ।ଗାଧେଇବା ସମୟରେ ଗୋଡ ଖସି ଯିବାରୁ ସେ ଗଭୀର ପାଣି କୁ ଚାଲିଯାଇଥିଲେ ।ପାଟଣା ଅଗ୍ନିଶମ ବାହିନୀ ଓ ତୁରୁମୁଙ୍ଗା ପୁଲିସ ଘଟଣା ସ୍ଥଳ ରେ ପହଞ୍ଚି ମାଳତୀ ଙ୍କ ଶବ କୁ ଉଦ୍ଧାର କରିଥିଲା ।ଏନେଇ ତୁରୁମୁଙ୍ଗା ଥାନାରେ ଏସ ଆଇ ସୁରେଶ ସାହୁ ୧୩/୨୦୨୫ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ୍ୟୁ ମହିଳା ଙ୍କ ର ଶବ ବ୍ୟବଚ୍ଛେଦ କରାଇଛନ୍ତି ।

## ଡେଣୁଆରେ ଚବିଶ ପ୍ରହର ନାମ ଯଜ୍ଞ



ପାଟଣା ,୮/୫(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ପଞ୍ଚାୟତ ଡେଣୁଆଁ ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଧୁମଧାମରେ ଅନୁଷ୍ଠିତ ହେଉଛି । ଏହା ୮ ତାରିଖରେ ନଗର କୀର୍ତ୍ତନ ସହ ଶେଷ ହେବ । ଏଠାରେ କେନ୍ଦୁଝର ଜିଲ୍ଲାର ଲୁଙ୍ଗା, ଖମୁଆଁ,ମୟୁରଭଞ୍ଜ ଜିଲ୍ଲାର ଦୀଘାରି ଅସ୍ତିଆ,ସହିତପୁର ଓ ପଶ୍ଚିମ ବଙ୍ଗର ଡେବରା ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ଅଖଣ୍ଡ ନାମ ସଙ୍କୀର୍ତ୍ତନ ପରିବେଷଣ କରୁଛନ୍ତି ।କର୍ତ୍ତା ନରହରି ସାହୁ ଓ ଭଗବାନ ସାହୁ ଙ୍କ ଉପସ୍ଥିତି ରେ ଧର୍ମାନନ୍ଦ ମିଶ୍ର ପୂଜାଦି ନୀତିକାନ୍ତି ସମ୍ପାଦନ କରିଛନ୍ତି ।କମିଟି ପକ୍ଷରୁ ସଭାପତି ଡମ୍ବରୁଧର ମହାନ୍ତ, ସମ୍ପାଦକ ସୁଧୀର କୁମାର ସାହୁ,ରକ୍ଷାକର ସାହୁ,କପିଳ ମହାନ୍ତ,କୃଷ୍ଣଚନ୍ଦ୍ର ସାହୁ,ସଞ୍ଜୟ ସାହୁ,ଓ ଉମାଶଙ୍କର ମହାନ୍ତ ପ୍ରମୁଖ ନାମ ଯଜ୍ଞ ପରିଚାଳନା କରିଛନ୍ତି ।

# ବୈତରଣୀ ବଂଚାଓ ଯାତ୍ରା ଆରମ୍ଭ

## ସାମିଲ ହେଲ ଜଳ ପୁରୁଷ ରାଜେନ୍ଦ୍ର ସିଂ



କେନ୍ଦୁଝର, ୮।୫: ବୈତରଣୀ ନଦୀର ସୁରକ୍ଷା ପାଇଁ ଆଜି ଜଳ ପୁରୁଷ ଡ଼ ରାଜେନ୍ଦ୍ର ସିଂ କେନ୍ଦୁଝର ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଆସି ବୈତରଣୀ,ସୁନା ଓ କାରୋ ବଂଚାଓ ଯାତ୍ରାରେ ସାମିଲ ହୋଇଛନ୍ତି। ବୈତରଣୀ ନଦୀର ଉତ୍ପତି ସ୍ଥଳ ଗୋନାସିକାରୁ ଏହି ଯାତ୍ରା ଆରମ୍ଭ ହୋଇ କାନପୁର ଡ୍ୟାମ୍‌ରେ ଶେଷ ହେବ। ଏହି ଅବସରରେ ବିଭିନ୍ନ ଲୋକଙ୍କ ସହିତ ଆଲୋଚନା କରି ବୈତରଣୀ ନଦୀର ସୁରକ୍ଷା ପାଇଁ କାମ କରିବାକୁ ସଙ୍କଳ୍ପ ନେଇଥିଲେ ଏବଂ ସଂଗଠିତ ଭାବେ ମିଶି କାମ କରିବେ ବୋଲି ନିଷ୍ପ□ ନେଇଛନ୍ତି। ସମାଜକୁ ଜଳ ବିଷୟରେ ସଚେତନ କରିବା ଓ ନଦୀ,ଜଙ୍ଗଲ,ଜମି ମଧ୍ୟରେ ଥିବା ସମ୍ପର୍କକୁ ବୁଝିବା ଏବଂ ସେ ସବୁର ସୁରକ୍ଷା କରିବା ଏହି ଯାତ୍ରାର ଲକ୍ଷ୍ୟ ବୋଲି ଡ଼ ସିଂ କହିଛନ୍ତି। ଆଜିକାଲି ଏହି ସବୁ ଜମି,ଜଳ,ଜଙ୍ଗଲ କୁ ଉଦ୍ୟୋଗପତିମାନେ କବଜା କରୁଛନ୍ତି। ଏଣୁ ଲୋକମାନେ ସଂଗଠିତ ହୋଇ ପ୍ରତିବାଦ କଲେ ଏହାକୁ ରୋକାଯାଇପାରିବ। ନଦୀ ହେଉଛି ଲୋକଙ୍କର,ଏଣୁ ସେ ସବୁର ସୁରକ୍ଷା କରିବା ଉଚିତ୍। ପାଣି ଉପରେ ଲୋକଙ୍କର ହକ୍ ରହିଛି। କମ୍ପାନୀମାନଙ୍କର ପାଣି ଉପରେ କୌଣସି ହକ୍ ନାହିଁ। ସ୍ଲରି ପାଇପ ଲାଇନରେ କମ୍ପାନୀମାନେ ଲୁହାଗୁଣ୍ଡ ପରିବହନ ପାଇଁ ପାଣି ବ୍ୟବହାର କରିବା ଆଦିବାସୀ,ଜଙ୍ଗଲ,ଜମି,ନଦୀ ଓ ପ୍ରକୃତି ପ୍ରତି ଅନ୍ୟାୟ କରୁଛନ୍ତି। ଏହି ଯାତ୍ରାରେ ମହାନଦୀ ବଂଚାଓ ଆନ୍ଦୋଳନରେ ପଦ୍ମଶ୍ରୀ ଦୈତାରୀ ନାଏକ,ମହାନଦୀ ବଂଚାଓ ଅଭିଯାନର ଆବାହକ ସୁଦର୍ଶନ ଦାସ,ସୁନା,କାରୋ,ବୈତରଣୀ ବଂଚାଓ ଅଭିଯାନର କନଭେନର ଅଶୋକ ଠକ୍କର ଙ୍କ ସମେତ ପ୍ରତାପ ପାଢୀ,ଗଣେଶ୍ୱର ପାତ୍ର,ଦିଲୁ ସ୍ୱାମୀ,ଛବିରାଣୀ ନାୟକ ବହୁ ଲୋକ ସାମିଲ ହୋଇ ବୈତରଣୀର ସୁରକ୍ଷା ପାଇଁ ଶପଥ ନେଇଛନ୍ତି। ପରେ ପରେ ବାଂଶପାଳ ବ୍ଲକ ଯାତ୍ରା ପଂଚାୟତର ଯାତ୍ରା ଏବଂ ଅଡାଳ ଗ୍ରାମରେ ବୈତରଣୀ ନଦୀର ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚିରସ୍ରୋତା ବୈତରଣୀ ନଦର ଜଳ ଦିନକୁ ଦିନ ହ୍ରାସ ପାଉଥିବାରୁ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଉଥିବା ଗ୍ରାମବାସୀମାନେ କହିଥିଲେ। ବୈତରଣୀ ବ□ମାନ ମରିବାକୁ ଯାଉଛି, ଏହା କେନ୍ଦୁଝର ସମେତ ମୟୁରଭଞ୍ଜ,ଯାଜପୁର ଏବଂ ଭଦ୍ରକର ଜୀବନରେଖା ଅଟେ। ବୈତରଣୀ ଗଙ୍ଗା ବୋଲି କୁହାଯାଏ। ୪ଟି ଜିଲ୍ଲାର ବୈତରଣୀ ଜୀବନରେଖା ବୋଲି କୁହାଯାଏ। ଏହି ଜୀବନରେଖା ମୁର୍ମୁଷୁ ଅବସ୍ଥାକୁ ଯାଉଛି। କମ୍ପାନୀମାନେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ଲକ୍ଷ ଲକ୍ଷ କ୍ୟୁସେକ ଜଳ ବ୍ୟବହାର କରୁଛନ୍ତି। ଜଳସମ୍ପଦ ବିଭାଗ ଏହାର ମନିଟରିଂ କରୁନଥିବାରୁ ଖରାଦିନରେ ମଧ କମ୍ପାନୀମାନେ ମନଇଚ୍ଛା ପାଣି ନଦୀରୁ ନେଉଥିବାରୁ ନଦୀ ଶୁଷ୍କ ହୋଇପଡିଛି। ଏହି ବୈତରଣୀ ନଦୀ ବଂଚିଲେ ମଣିଷ ଓ ପ୍ରକୃତି ବଂଚିବ। କମ୍ପାନୀମାନେ ଏହାକୁ ଶୋଷୁଛନ୍ତି। ଫଳରେ ମଣିଷ ଓ ବନ୍ୟପ୍ରାଣୀ ପାଣି ପିଇବା ପାଇଁ ପାଉନଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି ବୋଲି ଜଳ ପୁରୁଷ ରାଜେନ୍ଦ୍ର ସିଂ କହିଛନ୍ତି। ଏହି ଯାତ୍ରାକ୍ରମରେ ଆସନ୍ତାକାଲି ଝୁମ୍ପୁରା ବ୍ଲକ ବସନ୍ତପୁର ସ୍ଥିତ ଆର୍ସେଲର ମି□ଲ ନିପନ ଷ୍ଟିଲ କାରଖାନାର ଇନ୍‌ଟେକ ୱେଲ ଓ ସ୍ଲରି ପାଇପ ଲାଇନ ବୁଲି ଦେଖିବେ। ଏହି କମ୍ପାନୀ ବୈତରଣୀ ନଦୀରୁ ବେଧଡକ ପାଣି ନେଉଥିବାରୁ ତଳମୁଣ୍ଡରେ ଜଳ ସମସ୍ୟା ଦେଖାଦେଉଛି। ମାର୍ଚ୍ଚ ମାସରୁ ଜୁନ ମାସ ପର୍ଯ୍ୟନ୍ତ ବୈତରଣୀ ନଦୀରୁ ପାଣି ନେବା ପାଇଁ ଜଳ ସମ୍ପଦ ବିଭାଗର କଡା ନିୟମ ଥିଲେ ହେଁ କମ୍ପାନୀମାନେ ଦୈନିକ ଲକ୍ଷ ଲକ୍ଷ କ୍ୟୁସେକ ବୈତରଣୀ ନଦୀ ଜଳ ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି। ଚାଷୀଙ୍କୁ ପାଣି ଦେବା ପାଇଁ ବୈତରଣୀ ନଦୀ ଉପରେ କାନପୁର ଡ୍ୟାମ ନିର୍ମାଣ ହୋଇଥିଲେ ହେଁ ବହୁ କମ୍ପାନୀ ଏଠାରୁ ପାଣି ନେବା ପାଇଁ ଯୋଜନା କରିଛନ୍ତି। ସେହି ଦୃଷ୍ଟିରୁ ବୈତରଣୀ ଏବଂ ଅନ୍ୟାନ୍ୟ ନଦୀକୁ ବଂଚାଇବାକୁ ପଡିବ ବୋଲି ସୁଦର୍ଶନ ଦାସ କହିଛନ୍ତି। ନଦୀ ନ ବଂଚିଲେ ଏହା ଉପରେ ନିର୍ଭର କରୁଥିବା ପ୍ରକୃତି,ମଣିଷ,ଜୀବଜଗତ ମରିବ ବୋଲି ସେ କହିଛନ୍ତି। ସେହି ଦୃଷ୍ଟିରୁ ବୈତରଣୀ ବଂଚାଓ ଯାତ୍ର ଆରମ୍ଭ ହୋଇଛି ଏବଂ ଏହି ଯାତ୍ରାରେ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇ ବୈତରଣୀ ବଂଚାଇବାକୁ ବୈତରଣୀ ବଂଚାଓ ଅଭିଯାନର କନଭେନର ଅଶୋକ ଠକ୍କର ଅନୁରୋଧ କରିଛନ୍ତି।

### ପଶାସିଂ ଗାଁ’ରେ ପାନୀୟ ଜଳ ସାତ ସପନ

# ଚୁଆ ଜଳ ଭରସା, ୩୦ କିଡ଼ନୀ ରୋଗୀ



ଓଡ଼ାପଡ଼ା/ହିନ୍ଦୋଳ ,୮/୫(ନି.ପ୍ର): ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ମଧ ଆଧୁନିକଯୁଗରେ ପାନୀୟଜଳ ପାଇଁ ଗାତ ଓ ଚୁଆ ପାଣି ଉପରେ ନିର୍ଭରଶିଳ ପଶାସିଂ ଗ୍ରାମବାସୀ । ଏଭଳି ଏକ ଅଭାବନୀୟ ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଡାପଡ଼ାବ୍ଲକ ସଦାଶିବପୁର ପଂଚାୟତ ପଶାସିଂ ଗ୍ରାମରେ। ଗ୍ରାମରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ନଥିବାସହ କୂଅ କିମ୍ବା ନଳକୂପ ନଥିବାରୁ ନିକଟରେ ଥିବା ନାଳରୁ, ଶୁଖିଲା ପୋଖରୀ, ବିଲମାଳରୁ ଚୁଆ(ଗାତ) ଖୋଳି ଗ୍ରାମର ମହିଳାମାନେ ପ୍ରତିଦିନ ପିଇବା ପାଣି ଆଣୁଥିବାର ହୃଦୟ ବିଦାରକ ଦୃଶ୍ୟ ଛାତି ବାଡେଇ ପ୍ରକାଶକରୁଛି ଆଜିବି ଏହି ଅଞ୍ଚଳ ବିକାଶଠାରୁ ଅନେକ ଦୂରରେ। ଗ୍ରାମର ମହିଳାମାନେ କ୍ଷୋଭରସହ କୁହନ୍ତି ନିର୍ବାଚନ ଆସିଲେ ଅନେକ ମିଥ୍ୟା ପ୍ରତିଶୃତିରେ ପୋତିପକାନ୍ତି ନେତା,ରାଜନୈତିକ ଦଳମାନେ ମାତ୍ର ନିର୍ବାଚନ ଜିତିସାରିବା ପରେ ୫ବର୍ଷ ଯାଏ ପାଦ ପଡ଼େନି ତଳୁଉପର ଯାଏ ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କର, ପୂରଣ ହୁଏନି ପାନୀୟଜଳ ସମସ୍ୟାର ସମାଧାନ ।ସେହିପରି ଦୂଷିତପାଣି ପିଇକରି ଗାଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିହୋଇ କିଡ଼ନୀ ରୋଗରେ ମଧ ଆକ୍ରାନ୍ତ ଗ୍ରାମବାସୀ, ପ୍ରାୟ ୩୦ରୁ ଉର୍ଦ୍ଧ କୀଡୀନିରୋଗୀ ଅଛନ୍ତି ଏହି ଗ୍ରାମ ଆଖପାଖ ଅଞ୍ଚଳରେ। ଏଠାରେ ନାହିଁ ଭଲ ରାସ୍ତାଟିଏ,ବିଦ୍ୟୁତ,ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ସବୁକ୍ଷେତ୍ରରେ ଅବହେଳିତ ପଶାସିଂ ଗ୍ରାମବାସୀ ସତେ ଯେମିତି ସରକାରଙ୍କ ସାବତପୁଅ। ତେବେ ସ୍ଥାନୀୟ ପଂଚାୟତ ଅଫିସରୁ ବ୍ଲକ ଏବଂ ଜିଲ୍ଲା କାର୍ଯ୍ୟାଳୟ ସହ ଜନପ୍ରତିନିଧି ମାନଙ୍କ ପାଖକୁ ଦୌଡ଼ିଦୌଡ଼ି ବାରମ୍ବାର ଜଣାଇଲେ ମଧ ଆଜି ପର୍ଯ୍ୟନ୍ତ ସାମାନ୍ୟ ପାଣି ଟୋପାଏ ମଧ ପାଇପାରିଲୁନି ଏବଂ ନିଜ ଭାଗ୍ୟକୁ ଆଦରି ରହିଛୁ। ତେବେ ଜିଲ୍ଲା ଓ ବ୍ଲକ ପ୍ରଶାସନ, ସ୍ଥାନୀୟ ସାଂସଦ, ବିଧାୟକ,ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ତୁରନ୍ତ ଗ୍ରାମକୁ ଆସି ସମସ୍ୟା ଦେଖନ୍ତୁ ଏବଂ ତୁରନ୍ତ ସମାଧାନ କରନ୍ତୁ ବୋଲି ଦାବି କରିଛନ୍ତି ପଶାସିଂ ଗ୍ରାମବାସୀ ଏବଂ ରାଜ୍ୟସରକାର ମଧ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ଜୋର ଧରିଛି। ତେବେ ହିନ୍ଦୋଳ ନିର୍ବାଚନମଣ୍ଡଳୀ ବାସିଙ୍କର ଦେଖିବାକୁ ବାକିରହିଲା ବିକାଶର ନଗ୍ନଚିତ୍ର ପଶାସିଂ ଗ୍ରାମର ନକ୍ସା ବଦଳୁଛି କେବେ ?

## ଓଡ଼ାପଡ଼ା ବ୍ଲକ ସାଧାରଣ ବୈଠକ ରେ ଗଣମାଧ୍ୟମ କୁ ବାରଣ କଲା ଓଡ଼ାପଡ଼ା ବ୍ଲକ ପ୍ରଶାସନ



ଓଡ଼ାପଡ଼ା /ହିନ୍ଦୋଳ ,୮/୫(ନି.ପ୍ର): ଆଜି ଓଡ଼ାପଡ଼ା ବ୍ଲକ ସଭା ଗୃହ ମଧ୍ୟରେ ପଞ୍ଚାୟତ ସମିତି ର ନବମତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ାପଡ଼ା ବ୍ଲକ ଉପାଧକ୍ଷ ଅମିତାଭ ସ୍ୱାଇଁ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ରାଜକିଶୋର ରାଉତ, ବିଧାୟିକା ଙ୍କ ପ୍ରତିନିଧି ସହଦେବ ଉ, ସାଂସଦ ଙ୍କ ପ୍ରତିନିଧି ମନୋଜ କୁମାର ମହାରଣାଙ୍କ ସହିତ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ମାନେ ଯୋଗ ଦେଇଥିଲେ। ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଏହି ବୈଠକ ସଂମ୍ପର୍କରେ କୌଣସି ସୂଚନା ଗଣମାଧ୍ୟମ ର ପ୍ରତିନିଧି ମାନଙ୍କୁ ଦିଆଯାଇନଥିଲା। ଖବର ପାଇ ଓଡ଼ାପଡ଼ା ବ୍ଲକ ର କିଛି ଗଣମାଧ୍ୟମରେ ପ୍ରତିନିଧି ବୈଠକ ଗୃହ ମଧ୍ୟରେ ପ୍ରବେଶ କରି ଫଟୋ ଉଠେଇବା ସମୟରେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ କହିଥିଲେ କି ବୈଠକ ଗୃହ ମଧ୍ୟରେ ଥିବା ସାମ୍ବାଦିକ ବନ୍ଧୁ ମାନେ ବୈଠକ ଗୃହ ମଧ୍ୟରୁ ବାହାରକୁ ଚାଲି ଯିବାକୁ କହିଥିଲେ। ସାମ୍ବାଦିକ ମାନେ ଏହାର କାରଣ ସଂମ୍ପର୍କରେ ପଚାରିବାରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ କହିଥିଲେ କି ଜିଲ୍ଲାପାଳ ଙ୍କ ସହିତ ଆଲୋଚନା କରାଯାଇ ବୈଠକରେ କୌଣସି ଗଣମାଧ୍ୟମ ପ୍ରତିନିଧିମାନେ ରହି ପାରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିବା କହିଥିଲେ। ଯାହା ଫଳରେ ସାମ୍ବାଦିକମାନେ ବୈଠକ ଗୃହ ମଧ୍ୟରୁ ବାହାରକୁ ଚାଲି ଆସିଥିଲେ ।ଏ ସମ୍ପର୍କରେ ଢ଼େଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଙ୍କୁ ପଚାରିବାରୁ ଜିଲ୍ଲାପାଳ ମୋହଦୟ କହିଥିଲେ କି ପ୍ରଶାସନ ପକ୍ଷରୁ କୌଣସି ବାରଣ ନାହିଁ କିନ୍ତୁ ସେଠିକାର ଲୋକପ୍ରତିନିଧି ମାନେ ଚାହୁଁ ନଥିବା କହିଛନ୍ତି। ଏସମ୍ପର୍କରେ ଓଡ଼ାପଡ଼ା ବ୍ଲକ ର କିଛି ସରପଞ୍ଚ ଓ ସମିତି ସଭ୍ୟଙ୍କ ପଚାରିବାରୁ ସେମାନେ ନିଜର ନାମକୁ ଗୋପନ ରଖିବା ସର୍ତ୍ତରେ କହିଥିଲେ କି ବୈଠକ ରେ ସାମ୍ବାଦିକ ମାନେ ବସିବା ପାଇଁ ମନା କରିବା ସମ୍ପର୍କରେ କୌଣସି ନିଷ୍ପତ୍ତି ହେଇଥିବା ଆମ୍ଭେ ଜାଣି ନଥିବା କହିଛନ୍ତି ।ଏହି ପଞ୍ଚାୟତ ସମିତି ବୈଠକ ରେ ଜନସାଧାରଣଙ୍କ ସମସ୍ୟା ସଂମ୍ପର୍କରେ ଯେତିକି ଆଲୋଚନା କରାଯାଉନାହିଁ। ବିଭିନ୍ନ ଠିକଦାରି କରିବା ପାଇଁ ଅଧିକ ଆଲୋଚନା କରାଯାଉଥିବା ଜଣାପଡିଛି । ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମିଲ କରିବା ପାଇଁ ସରକାରୀ ନିୟମ ରହିଥିଲେ ମଧ୍ୟ ଓଡ଼ାପଡ଼ା ବ୍ଲକ ପ୍ରଶାସନ କୌଣସି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରୁନଥିବା ଅଭିଯୋଗ ହୋଇଛି ।ଏ ସମ୍ପର୍କରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଓଡ଼ାପଡ଼ା ସାମ୍ବାଦିକ ସଂଘ ପକ୍ଷରୁ ଦାବି ହୋଇଛି ।

## ଯୁବକଙ୍କ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ ,୮/୫(ନି.ପ୍ର): ହିଞ୍ଜିଳି ଥାନା ସାରୁ ଗ୍ରାମର ଏକ ଘର ଭିତରୁ ବୁଧବାର ହିଞ୍ଜିଳି ପୁଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ମୃତକ ଜଣଙ୍କ ହେଲେ ହିଞ୍ଜିଳି ଥାନା ସାରୁ ଗ୍ରାମର ବୁଲୁ ସେଠି (୪୫) । ପ୍ରକାଶ ଯେ, ବୁଲୁ ପ୍ରତିଦିନ ପରି ମଙ୍ଗଳବାର ରାତିରେ ଘରେ ରାତ୍ର ଭୋଜନ ସାରି ଘର ଭିତରେ ଶୋଇଥିଲେ । ବୁଧବାର ସକାଳେ ପରିବାର ଲୋକେ ତାଙ୍କୁ ନିଦରୁ ଉଠାଇଥିଲେ ମଧ ସେ ଉଠିନଥିଲେ। ପରିବାର ଲୋକେ ତାଙ୍କୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହକୁ ଜବତ କରିଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନମ୍ବର ୮/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି । ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିନାହିଁ। ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି ।

## ଦୁର୍ଘଟଣାରେ ଆହତ ମହିଳାଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ ,୮/୫(ନି.ପ୍ର): ମଙ୍ଗଳବାର ରାତ୍ର ପ୍ରାୟ ସାଢେ ୮ ଘଣ୍ଟା ସମୟରେ ହିଞ୍ଜିଳି ଥାନା ଅଞ୍ଚଳରେ ଦୁର୍ଘଟଣା ଘଟି ବାଇକ୍ ଚାଳକ ଓ ଜଣେ ମହିଳା ଗୁରୁତର ଆହତ ହୋଇଥିଲେ। ଆହତ ମାନେ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଞ୍ଚିଣିଆ ଅଞ୍ଚଳର ଲକ୍ଷ୍ମୀ ଦେବୀ ବିଷୋୟୀ (୬୨), ଆସିକା ଥାନା ପାକିଡି ଗ୍ରାମର ସୁରେନ୍ଦ୍ର ଜେନା (୩୦) । ଆହତ ଦ୍ୱୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ମହିଳାଙ୍କ ମୃତ୍ୟୁ ଘଟିଛି। ? ଖବର ପାଇ ହିଞ୍ଜିଳି ପୁଲିସ ବୁଧବାର ମୃତ ମହିଳାଙ୍କ ଘରେ ପଶି ମୃତଦେହକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ- ୩୭୩/୨୫ ରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଞ୍ଚିଣିଆ ଛକରେ ଲକ୍ଷ୍ମୀ ଦେବୀ ବିଷୋୟୀ ରାସ୍ତା ଅତିକ୍ରମ କରୁଥିବା ବେଳେ ଆସିକା ଥାନା ପାକିଡି ଗ୍ରାମର ସୁରେନ୍ଦ୍ର ଜେନା ବାଇକ୍ (ଓଡି୦୭ ଏକ୍ୟୁ ୧୩୮୬) ଯୋଗେ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଞ୍ଚିଣିଆ ଛକ ନିକଟରେ ମହିଳାଙ୍କୁ ଧକ୍କା ଦେବା ସହ ରାସ୍ତା ପାର୍ଶ୍ୱରେ ଥିବା ଏକ ମାଲ୍ ବୋଝେଇ ଟ୍ରକ (ଓଡି୦୫ ବିଏକ୍ସ ୧୦୯୫) ପଛକୁ ଧକ୍କା ଦେଇଥିଲେ । ଦୁର୍ଘଟଣାରେ ଉଭୟ ମହିଳା ଓ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିଲା।

## ପୋଖରି ପାଣିରେ ବୁଡି ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ବୁଗୁଡା ,୮/୫(ନି.ପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ଡାକରବାଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ସାଇରାମ ସ୍ୱାଇଁ(୯) ମଇ ୭ ତାରିଖ ଦିନ ସକାଳେ ପୋଖରି ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାପଡିଛି। ପ୍ରାୟ ୬ ବର୍ଷ ପୂର୍ବେ ତାଳସାକର ଗ୍ରାମର ସାଇରାମ ସ୍ୱାଇଁଙ୍କ ବାପା ଓ ମା କୌଣସି କାରଣରୁ ମୃତ୍ୟୁ ବରଣ କରିଥିବା ବେଳେ, ସାଇରାମ ତାଙ୍କ ଅଜାଘର ଡାକରବାଡିରେ ରହି ପାଠ ପଢୁଥିଲେ। ଗତକାଲି ଅଜାଙ୍କ ସହିତ ସାଇରାମ ଗୌଡିଆବୋରଦା ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ। ସକାଳେ ଗୌଡିଆବୋରଦା ଗ୍ରାମର ପୋଖରିକୁ ଅଜା ସହ ଗାଧେଇବା ପାଇଁ ଯାଇଥିବା ବେଳେ ପୋଖରିର ଗଭିର ଜଳ ଭିତରକୁ ସାଇରାମ ଚାଲିଯାଇଥିଲେ। ସାଇରାମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ହେଲେ ଡାକ୍ତର ସାଇରାମ ସ୍ୱାଇଁଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ବୁଗୁଡା ପୋଲିସ ମେଡ଼ିକାଲରେ ପହଞ୍ଚି ମର ଶରୀରକୁ ଜବତ କରିବାସହ ୮/୨୫ ପ୍ରକାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ପଠା ଯାଇଥିବା ଜଣାପଡିଛି।



# ବେଲଘର ସୁ ସମାଚାର ମହୋତ୍ସବ କୁ ନେଇ ଅସନ୍ତୋଷ

## ଯୀଶୁ ଖ୍ରୀଷ୍ଟଙ୍କ ଧର୍ମବାଣୀ ସଭାକୁ ନେଇ ଚାପା ଉତ୍ତେଜନା ,କଡା ସୁରକ୍ଷା

ବାଲିଗୁଡା ,୮/୫(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ବେଲଘର ନିକଟସ୍ଥ ଝାଲିପଡା ଠାରେ ଦୁଇ ଦିନିଆ ଯୀଶୁ ଖ୍ରୀଷ୍ଟଙ୍କ ଧର୍ମବାଣୀ ସଭାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଛି । ବୁଧବାର ଠାରୁ ଏହା ଆରମ୍ଭ ହୋଇଥିବା ବେଳେ ଏହି ସଭାକୁ ପଞ୍ଜାବ ରୁ ଧର୍ମ ଜାଜକ କିଶୋର ସାଗର ଓ ରାୟଗଡା ରୁ ଇସ୍ରାଇଲ କୋଷଲା ଆସି ଧର୍ମ ବାଣୀ ପ୍ରଦାନ କରିଥିଲେ । ସ୍ଥାନୀୟ କର୍ଣ୍ଣେଲିୟ ନାୟକ ସଭା ପରିଚାଳନା କରିଥିବା ବେଳେ ବନାମ୍ର ନାୟକ ସହଯୋଗ କରିଥିଲେ । ଉତ୍ତେଜନା କୁ ଆଖି ଆଗରେ ରଖି ସଭା ସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଜେନା , ବାଲିଗୁଡା ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ର ଅତିରିକ୍ତ ଜିଲ୍ଲାପାଳ ଧୀରଜ ପାତ୍ର , ତହସିଲଦାର ଙ୍କ ସମେତ ଡିଏସପି ଗୋବିନ୍ଦ ଚନ୍ଦ୍ର ବୁର୍ଦ୍ଦା , ଅରୁଣ କୁମାର ନାୟକ ,ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ଙ୍କ ସମେତ ଦୁଇ ପ୍ଲାଟୁନ ଫୋର୍ସ ମୃତୟନ ହୋଇଥିଲେ । ଘଟଣା କୁ ନଜରରେ ରଖି କନ୍ଧମାଳ ଏସପି ହରିଶ ବିଶି ଓ ବାଲିଗୁଡା ଏସଡିପିଓ ରମେନ୍ଦ୍ର ପ୍ରସାଦ ପହଞ୍ଚି ସ୍ଥାନୀୟ ସରପଞ୍ଚ ସମେତ ଗୁମା ସରପଞ୍ଚ ବିଲାମାଳ ସମେତ ଅଞ୍ଚଳର ୪୦ ରୁ ୫୦ ବ୍ୟକ୍ତି ଙ୍କୁ ଡାକି ବୁଝା ସୁଝା କରିଥିଲେ । ସ୍ଥାନୀୟ ଲୋକ ପ୍ରତିନିଧି ଙ୍କୁ ନ ଜଣାଇ କିଭଳି ପ୍ରଶାସନ ଅନୁମତି ଦେଲା ତାହା ଲୋକ ଦୋହୋରାଇବା ସହ ଅପ୍ରୀତିକର ବାତାବରଣ ସୃଷ୍ଟି ହେଲେ ପ୍ରଶାସନ ଦାୟୀ ରହିବ ବୋଲି କହିଥିଲେ । କଡା ସୁରକ୍ଷା ମଧ୍ୟରେ ଆଜି ଧର୍ମ ସଭା ଶେଷ ହୋଇଥିବା ସ୍ଥାନୀୟ ଥାନା ଅଧିକାରୀ ସୋମ୍ୟ ରଞ୍ଜନ ପଟି କହିଛନ୍ତି । ବେଲଘର ଅଞ୍ଚଳରେ ଆଦିମ ଜନଜାତି କୁଟିଆ ଜନଜାତି ସମ୍ପ୍ରଦାୟ ର ଲୋକ ବସବାସ କରନ୍ତି ଏହା ସହ ସାଧାରଣ ବର୍ଗ ଓ ଅନୁସୂଚିତ ଜାତି ଲୋକ ମିଳିତ ଭାବେ ବିଭିନ୍ନ ଯାନିଯାତ୍ରା କରୁଥିବା ବେଳେ କିଛି ବିଦେଶୀ ବ୍ୟକ୍ତି ଅଞ୍ଚଳ ରେ ପ୍ରବେଶ କରି ସରଳ ଲୋକଙ୍କୁ ପ୍ରଲୋଭନ ଦେଖାଇ ଧର୍ମାନ୍ତିକରଣ କରାଉଥିବାକୁ ଦେଖାଦେଇଛି ଚାପା ଉତ୍ତେଜନା । ସ୍ଥାନୀୟ ବେଲଘର ସରପଞ୍ଚ ଗୋବିନ୍ଦ ମାଝି ଗୁମା ସରପଞ୍ଚ ସଞ୍ଜୁ ମାଝି ,ବିଲାମାଳ ସରପଞ୍ଚ ବାବିତା ମାଝି ,ଝିରିପାଣି ସରପଞ୍ଚ , ଅଭିଯୋଗ କରିଛନ୍ତି ଏହି ଅଞ୍ଚଳ ରେ ଲୋକେ ଡିମ୍ବୁଲି , ଶ୍ରମ୍ବୁଲି ଓ ସପାଙ୍ଗଡା ପ୍ରକୃତିକୁ ପୂଜା କରନ୍ତି । କିନ୍ତୁ କିଛି ବର୍ଷ ହେବ ବିଦେଶୀ ଶକ୍ତି ପ୍ରବେଶ କରି ଲୋକଙ୍କୁ ପ୍ରଲୋଭନ ଦେଖାଇ ବି ଧର୍ମ କୁ ନେଇ ଯାଉଛନ୍ତି ଯାହାକୁ ନେଇ ସେମାନଙ୍କ ଧରଣୀ ପେନୁ ପୂଜା ସ୍ଥଳକୁ ନଷ୍ଟ କରିଦେଉଛନ୍ତି । ଏହି ଅଞ୍ଚଳ ରେ ୯୦ ଭାଗରୁ ଉର୍ଦ୍ଧ ଆଦିମ ଜନଜାତି ରହୁଥିବା ବେଳେ ୧୦ ଭାଗ ଅନ୍ୟ ସମ୍ପ୍ରଦାୟ ର ମାତ୍ର କିଛି ବର୍ଷ ହେବ ୨୦ ରୁ ୨୫ ପରିବାର ଧର୍ମ ପରିବର୍ତ୍ତନ କରିଛନ୍ତି । ଏତିକି ସମୟରେ ଏଠାକାର ଲୋକ ଶାନ୍ତି ପୂର୍ଣ ରହିଥିବା ବେଳେ କାହାରୀକୁ ନ ପଚାରି ପ୍ରଶାସନ ଯୀଶୁ ଖ୍ରୀଷ୍ଟଙ୍କ ଧର୍ମବାଣୀ ସଭାକୁ ମଞ୍ଜୁରୀ ଦେବାକୁ ନେଇ ଉଠିଛି ପ୍ରଶ୍ନ । ବିଗତ ଦିନରେ ଜିଲ୍ଲା ପ୍ରଶାସନ ରୁଷିମାଳ ପର୍ବତରେ ୩ ଦିନିଆ କାର୍ଯ୍ୟ କାର୍ଯ୍ୟ କ୍ରମ କୁ ୩ ଦିନ ଅନୁମତି ଦେଇଥିବା ବେଳେ ୨ ଦିନରେ କରିବାକୁ ଚାପ ସୃଷ୍ଟି କରିଥିବା କହିଛନ୍ତି ଧର୍ମ ଜାଗରଣ ସମୁଖ୍ୟ ସଦସ୍ୟ ମାନେ ।

## ୫ଟି ଆଇଆଇଟି ଭିତ୍ତିଭୂମିର ସମ୍ପ୍ରସାରଣ ସହ ଆଇଟିଆଇର ବିକାଶ ନେଇ କ୍ୟାବିନେଟର ନିଷ୍ପତିକୁ ସ୍ୱାଗତ

# ଭୁବନେଶ୍ୱରରେ ଦକ୍ଷତା ବିକାଶ ପାଇଁ ପ୍ରତିଷ୍ଠା ହେବ ଜାତୀୟ ଉତ୍କର୍ଷ କେନ୍ଦ୍ର - ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ମଇ ୦୮ – ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଭାରତରେ ଧନ୍ଦାମୂଳକ ଶିକ୍ଷାରେ ପରିବର୍ତ୍ତନ ଆଣିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ମୋଟ୍ ୬୦,୦୦୦ କୋଟି ଟଙ୍କା ବ୍ୟୟରେ ଜାତୀୟ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆଇଟିଆଇ)ର ଉନ୍ନତିକରଣ ଯୋଜନା ଏବଂ ଦକ୍ଷତା ବୃଦ୍ଧି ପାଇଁ ପାଞ୍ଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ ଅନୁମୋଦନ ମିଳିଛି, ଯାହାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି । ଏହି ଯୋଜନାରେ ୧୦୦୦ ସରକାରୀ ଆଇଟିଆଇର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯିବ ଏବଂ ଏହି ଅନୁଷ୍ଠାନଗୁଡ଼ିକରେ ଦକ୍ଷତା ପାଇଁ ପାଞ୍ଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ସହିତ ଶିଳ୍ପ ସଂଯୁକ୍ତ ସଂଶୋଧିତ ଟ୍ରେଡ୍ (ପାଠ୍ୟକ୍ରମ) ଏବଂ ୫ଟି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ଅନୁଷ୍ଠାନର ଦକ୍ଷତା ବୃଦ୍ଧି ଉପରେ ଆଲୋଚନା କରାଯିବ । ଏହି ଯୋଜନା ଅଧୀନରେ ଭୁବନେଶ୍ୱର, ଚେନ୍ନାଇ, ହାଇଦ୍ରାବାଦ, କାନପୁର ଓ ଲୁଧିଆନା ଭଳି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରଶିକ୍ଷକଙ୍କ ଉନ୍ନତ ପ୍ରଶିକ୍ଷଣ ପାଇଁ ଭିତ୍ତିଭୂମି ଉନ୍ନତିକରଣ କରାଯିବ । ଏଥିସହ ୫୦ ହଜାର ପ୍ରଶିକ୍ଷକଙ୍କୁ ପ୍ରାକ୍ ସେବା ଓ ଚାକିରିକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ନିଷ୍ପତି ଦକ୍ଷତା ବିକାଶ ପରିସଂସ୍ଥାନକୁ ପ୍ରୋତ୍ସାହିତ କରିବ । ଦୀର୍ଘଦିନର ଚ୍ୟାଲେଞ୍ଜର ସମାଧାନ ହେବ । ପାରମ୍ପରିକ ଏବଂ ନୂତନ ଯୁଗର ବାଣିଜ୍ୟରେ ଶିଳ୍ପ-କର୍ମଚାରୀ ବ୍ୟବଧାନ ଦୂର ହେବ । ଆମ ଆଇଟିଆଇଗୁଡ଼ିକୁ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିବ । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୨୦ ଲକ୍ଷରୁ ଅଧିକ ଯୁବକଙ୍କୁ ଦକ୍ଷତା ଏବଂ ଉନ୍ନତ ଦକ୍ଷତା ପ୍ରଦାନ କରିବା ଦିଗରେ ବିଶେଷ ସହାୟକ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଦକ୍ଷତା ବିକାଶ ଏକ ବିକଳ୍ପ ନୁହେଁ- ବରଂ ଏକ ଜାତୀୟ ଆବଶ୍ୟକତା । ଏହି ଦୂରଦର୍ଶୀ ନିଷ୍ପତ୍ତି ଭବିଷ୍ୟତର କର୍ମଚାରୀଙ୍କ ପାଇଁ ଏକ ମଜଭୁତ୍



ରେଖା ଟାଣିବ ଏବଂ ବିଶ୍ୱର ଦକ୍ଷତା ରାଜଧାନୀ ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ । ଦକ୍ଷତା ବିକାଶ ପରିଦୃଶ୍ୟରେ ପରିବର୍ତ୍ତନ ଆଣିବା, ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ମାନବସମ୍ବଳ ପ୍ରସ୍ତୁତ କରିବା ଦିଗରେ ଏହା ଏକ ବଡ ପଦକ୍ଷେପ । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ୫ଟି ଆଇଆଇଟି ତଥା ଆଇଆଇଟି ତିରୁପତି, ଆଇଆଇଟି ପଲକ୍କଡ, ଆଇଆଇଟି ଭିଲାଇ, ଆଇଆଇଟି ଜମ୍ମୁ ଏବଂ ଆଇଆଇଟି ଧାରୱାଡ଼ର ଶୈକ୍ଷିକ ଏବଂ ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ମୋଟ ୧୧ ହଜାର ୮୨୮.୭୯ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ବିଶ୍ୱସ୍ତରୀୟ ଶିକ୍ଷା, ନବସୃଜନ ଏବଂ ଗବେଷଣାର ଅଧିକ ସୁଯୋଗ ସହିତ ଭାରତର ଯୁବକମାନଙ୍କୁ ସଶକ୍ତ କରିବା ଦିଗରେ ଏହି ପଦକ୍ଷେପ ନେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ ଏକ୍ସରେ ଏହି ନିଷ୍ପତିକୁ ସ୍ୱାଗତ କରିବା ସହ କହିଛନ୍ତି ଯେ ଏହା ଦ୍ୱାରା ଏହି ଆଇଆଇଟିଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬,୫୦୦କୁ ବୃଦ୍ଧି ପାଇବ । ୫ଟି ନୂତନ ଅତ୍ୟାଧୁନିକ ଗବେଷଣା ପାର୍କ ପାଇଁ ରାସ୍ତା ପ୍ରଶସ୍ତ ହେବ । ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ । ଉଦ୍ଭାବନ ଓ ପ୍ରଗତିକୁ ପ୍ରୋତ୍ସାହନ ମିଳିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଗତି ମିଳିବ । ସେ ଆହୁରି କହିଛନ୍ତି ଯେ ବିଗତ ଏକ ଦଶନ୍ଧି ମଧ୍ୟରେ ମୋଦୀ ସରକାରରେ ୨୩ଟି ଆଇଆଇଟିରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୦୦ ପ୍ରତିଶତ ବୃଦ୍ଧି ହୋଇଛି । ସେତେବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୫,୦୦୦ ଥିବା ବେଳେ ଏବେ ତାହା ବଢି ୧ ଲକ୍ଷ ୩୫ ହଜାରରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ଯୁବାକାଂକ୍ଷାକୁ ପୂରଣ କରିବା ସହ ସେମାନଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରିଛନ୍ତି । ସେହିପରି ଶିକ୍ଷାଗତ ସାମଞ୍ଜସ୍ୟକୁ ଦୂର କରିବା, ଯୁବଶକ୍ତିଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ତଥା ନବସୃଜନ-ନେତୃତ୍ୱାଧୀନ ଅଭିବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ବଦ୍ଧ ପରିକର ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି ।

# ବିଧାନସଭାରେ ସହଯୋଗ - ପଂଚାୟତ ସମିତିରେ ଭାଇ ଭାଗ

ନିଶ୍ଚିନ୍ତକୋଇଲି ,୮/୫(ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ପରେ ରାଜ୍ୟରେ ବିଜେପି ସରକାର ଚାଲୁଛି । ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ ମାହାଙ୍ଗା ବିଧାନସଭା କ୍ଷେତ୍ରରୁ ସ୍ୱାଧୀନ ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ ବିଜୟଶ୍ରୀ ପ୍ରାପ୍ତ ହୋଇ ପ୍ରତିନିଧିତ୍ୱ କରୁଛନ୍ତି । ସେ ତାଙ୍କର ସମର୍ଥନ ବିଧାନସଭାରେ ରାଜ୍ୟ ବିଜେପିକୁ ଦେଇଛନ୍ତି । ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ୪୧ ଗୋଟି ପଂଚାୟତକୁ ନେଇ ଗଠିତ । ୨୭ ଗୋଟି ପଂଚାୟତ ମାହାଙ୍ଗା ବିଧାନସଭା କ୍ଷେତ୍ର ଅଧିନରେ ଆସୁଥିଲା ବେଳେ ଅନ୍ୟ ୧୪ ଗୋଟି ପଂଚାୟତ କଟକ ସଦର ବିଧାନସଭା କ୍ଷେତ୍ର ଅଧିନରେ ଆସୁଛି । ଏହି ପଂଚାୟତ ସମିତିକୁ ୨ ଜଣ ସାଂସଦ ଯଥା କେନ୍ଦ୍ରାପଡା ଲୋକସଭା କ୍ଷେତ୍ର ଓ କଟକ ଲୋକସଭା କ୍ଷେତ୍ରର ବିଜେପି ସାଂସଦ ପ୍ରତିନିଧିତ୍ୱ କରୁଛନ୍ତି । କଟକ ସଦର ବିଧାନସଭା କ୍ଷେତ୍ରରୁ ବିଜେପି ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ବିଜୟଶ୍ରୀ ପ୍ରାପ୍ତ ହୋଇ ପ୍ରତିନିଧିତ୍ୱ କରୁଛନ୍ତି । ବିଜେଡି ସରକାର ବଦଳିଲା ପରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତିରେ ରାଜନୀତିକ ପାଣିପାଗ ଏକ ରକମ ସରଗରମ ହୋଇ ରହିଛି । ନିକଟ ଅତୀତରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଉପାଧ୍ୟକ୍ଷଙ୍କ ଇସ୍ତଫା ଓ ପରେ ଉପାଧ୍ୟକ୍ଷଙ୍କ ଉପନିର୍ବାଚନ । ଉପ ନିର୍ବାଚନରେ ସ୍ୱାଧୀନ ବିଧାୟକଙ୍କ ସମର୍ଥୀତ ପ୍ରାର୍ଥୀ ବିଜୟୀ ହେବା । ବିଜୟୀ ଖୁସୀରେ ସ୍ୱାଧୀନ ବିଧାୟକଙ୍କ ସମର୍ଥକମାନେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଜେନା ଓ ବ[illegible]ମାନର କଟକ ସଦରବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ବରକନ୍ୟା ବେଶରେ ସଜାଇ ସେମାନଙ୍କ କୁଶପୁତଳିକା ଦାହ କରିଥିଲେ । କେବଳ ସେତିକି ନୁହେଁ ଉଭୟ ପ୍ରକାଶ ଓ ପ୍ରତାପଙ୍କୁ ବିଭିନ୍ନ କଟୂ ଭାଷାରେ ସମାଲୋଚନା ମଧ୍ୟ କରିଥିଲେ । ଉପାଧ୍ୟକ୍ଷ ଉପ ନିର୍ବାଚନରେ ସ୍ୱାଧୀନ ବିଧାୟକଙ୍କ ସମର୍ଥୀତ ପ୍ରାର୍ଥୀ ୨୪ ଖଣ୍ଡ ଭୋଟ ପାଇଥିବା ବେଳେ ଇଂ. ପ୍ରକାଶ ଚନ୍ଦ୍ର




ସେଠୀଙ୍କ ସମର୍ଥୀତ ପ୍ରାର୍ଥୀ ୧୬ ଖଣ୍ଡ ଭୋଟ ପାଇଥିଲେ । ଏବେ ଚଳିତ ମାସ ୧୩ ତାରିଖରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବର ଭୋଟ ହେବ । ଏଥିରେ ୪୧ ଟି ସରପଂଚ ୪୧ ସମିତିସଭ୍ୟ ସଭ୍ୟା ଓ ଦୁଇ ସାଂସଦ ଓ ଦୁଇ ବିଧାୟକ ଅଂଶ ଗ୍ରହଣ କରିବାର ବିଧି ଅଛି । ହେଲେ ଏହି ଅନାସ୍ଥାରେ ଉଭୟ ସାଂସଦ ଭାଗ ନେବେ ନାହିଁ ବୋଲି ଏକ ବିଶେଷ ସୂତ୍ରରୁ ଜଣାପଡିଛି । ୪୧ ସରପଂଚ ଓ ୪୧ ସମିତିସଭ୍ୟ ସଭ୍ୟାଙ୍କ ସମେତ ଦୁଇ ବିଧାୟକ ଏଥିରୁ ଭାଗ ନେବା ଏକରକମ ନିଶ୍ଚିନ୍ତ ଜଣାପଡୁଛି । ଏହାରି ମଧ୍ୟରେ ସ୍ୱାଧୀନ ବିଧାୟକଙ୍କ ପାଖରେ ୩୧ ରୁ ଉର୍ଦ୍ଧ୍ୱ ସରପଂଚ ସମିତିସଭ୍ୟ ସଭ୍ୟା ରହିଥିବା ବେଳେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ୧୮ ରୁ ୨୦ ସରପଂଚ ଓ ସମିତି ସଭ୍ୟସଭ୍ୟାଙ୍କୁ ନିଜ ପାଖରେ ରଖିଥିବା ଦେଖିବାକୁ ମିଳୁଛି । ଏ ଦୁହିଁଙ୍କ ବାଦ୍ ପ୍ରତାପ ଜେନା ମଧ୍ୟ ଅଧ୍ୟକ୍ଷା ଅନାସ୍ଥା ପାଇଁ ଚୁପ୍ ହୋଇ ବସିନାହାଁନ୍ତି । ବିଜେଡି ଦଳ ରାଜ୍ୟ ମୁଖିଆ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଉଭୟ ମାହାଙ୍ଗା ପୂର୍ବତନ ବିଧାୟକ ପ୍ରତାପ ଜେନା ଓ କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା ଏକାଠି ହୋଇ ଅନାସ୍ଥା ସପକ୍ଷରେ କାର୍ଯ୍ୟ କରିବାକୁ ଏକାଠି ହୋଇଥିବା ସାଧାରଣରେ ଆଲୋଚନା ହେଉଛି । ଉଭୟଙ୍କ ପାଖରେ ୩୦ ରୁ ୩୨ ଜଣ ସରପଂଚ ସମିତିସଭ୍ୟ ସଭ୍ୟା ଥିବା ଆଲୋଚନା ହେଉଛି । ତେବେ ଅନାସ୍ଥାରେ ଅଧ୍ୟକ୍ଷାକୁ କାଟିବାକୁ ହେଲେ ସଂଖ୍ୟା ୫୮ର ଆବଶ୍ୟକତା ଅଛି । ଅନାସ୍ଥା ହେବାକୁ ଏକ ସପ୍ତାହ ବାକି ଥିବା ବେଳେ ଏବେଠାରୁ ସମସ୍ତ ନିଜ ନିଜର ରଣ କୌଶଳ ଆପଣାଇଛନ୍ତି । ଦେଖିବାକୁ ବାକି ରହିଲା ୧୩ ତାରିଖ ଅନାସ୍ଥା ଫଳାଫଳ କାହା ସପକ୍ଷରେ ଯାଉଛି । ଏଠାରେ ସୂଚନ ଥାଉ କି ମାହାଙ୍ଗା ସ୍ୱାଧୀନ ବିଧାୟକ ବିଧାନ ସଭାରେ ରାଜ୍ୟ ବିଜେପିକୁ ସହଯୋଗ କରୁଥିବାରୁ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି କ୍ଷେତ୍ରରେ କଟକ ସଦର ବିଜେପି ବିଧାୟକଙ୍କଠାରୁ ଭାଇ ଭାଗ ନେବା ପାଇଁ ଯୋଜନାକୁ ସାଧାରଣରେ ନାପସନ୍ନ କରାଯାଉଛି ।

# ବେଲଗୁଣ୍ଠା ଐତିହାସିକ ଠାକୁରାଣୀ ଯାତ୍ରା

## କୋଳି ସାହି ତରଫରୁ ମାଁ ଙ୍କ ପ୍ରଥମ ନଗର ପରିକ୍ରମା

ବେଲଗୁଣ୍ଠା ,୮/୫(ନି.ପ୍ର): ବେଲଗୁଣ୍ଠାରେ ଚାଲିଥିବା ଐତିହାସିକ ଦ୍ୱିବାର୍ଷିକ ମାଁ ବ୍ରାହ୍ମଣ ଦେବୀଙ୍କ ଅବସରରେ ମାଁ ବ୍ରାହ୍ମଣ ଦେବୀଙ୍କ ବାପଘର କୋଳି ସାହି ଯାତ୍ରା କମିଟି ତରଫରୁ ଶନିବାର ଦିନ ମାଁ ଙ୍କ ସିଂହବାହିନୀ ବେଶରେ ଶତାଧିକ ଭକ୍ତଙ୍କ ଗହଣରେ ଏକ ଚିତ୍ତାକର୍ଷକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଛନ୍ତି ।ସଂଧ୍ୟା ୮ ଘଣ୍ଟା ସମୟରେ ମାଁ ବ୍ରାହ୍ମଣ ଦେବୀଙ୍କୁ ରୀତିନୀତି ଅନୁସାରେ ଅସ୍ଥାୟୀ ମଣ୍ଡପରେ ଆରତୀ ପରେ ମାଁ ଙ୍କୁ ସିଂହ ବାହିନୀ ବେଶରେ ସଜ୍ଜିତ କରାଯାଇଥିଲା ।ପରେ ଘଣ୍ଟ, ମୃଦଙ୍ଗ,ଦୁଲ୍ ଦୁଲି, ବିଭିନ୍ନ ପ୍ରକାର ବେଶ ଭୂଷା ସହିତ ମାଁ ଙ୍କ ପ୍ରଥମ ନଗର ପରିକ୍ରମା ଆରମ୍ଭ ହୋଇଥିଲା ।କୋଳି ସାହି ଠାରୁ କଂସାରୀ ସାହି ଛକ, ଜଗନ୍ନାଥ ପାଟଣା ସାହି ଦେଇ ବଡ ଦାଣ୍ଡରେ



ପହଞ୍ଚିଥିଲେ । ସେଠାରେ ବିଭିନ୍ନ ପ୍ରକାରର ଆତସବାଜି,ପାରମ୍ପରିକ ବାଘ ଷଣ୍ଢ,ହନୁମାନ ବେଶ,ଡି.ଜେ,କାଳୀକା ବେଶ ସହିତ ବିଭିନ୍ନ ପ୍ରକାରର କଳାକାରୀ ପ୍ରଦର୍ଶନ ଶୋଭାଯାତ୍ରାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥିଲା । ବଡ଼ଦାଣ୍ଡଠାରେ ପରମ୍ପରା ଅନୁଯାୟୀ ବଡ଼ଦାଣ୍ଡ ପରିକ୍ରମା ସମାପ୍ତ କରି ଅସ୍ଥାୟୀ ପୀଠ ଅଭିମୁଖେ ଯାତ୍ରା କରିଥିଲେ ।ଏହି ଅବସରରେ ଜଗନ୍ନାଥ ପାଟଣା ସାହି ତରଫରୁ ମାଁ'ଙ୍କୁ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରିବା ସହିତ ୧୦୮ ଆରତୀ କରାଯାଇଥିଲା ।ପ୍ରଥମ ନଗର ପରିକ୍ରମା ଥିବାରୁ ସିଂହ ବାହିନୀ ବେଶ ଦେଖିବା ପାଇଁ ବେଲଗୁଣ୍ଠା ବଡ଼ଦାଣ୍ଡରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ବେଲଗୁଣ୍ଠା ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଆଗାମୀ ଦିନରେ ବିଭିନ୍ନ ସାହି ତରଫରୁ ବିଭିନ୍ନ ପ୍ରକାରର ଆତସବାଜି ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଛି ଯାହାକି ବେଲଗୁଣ୍ଠା ଠାକୁରାଣୀ ଯାତ୍ରାର ସ୍ୱତନ୍ତ୍ରତା ବୋଲି କୁହାଯାଏ ।

# ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କ ନିର୍ଦ୍ଦେଶ




ନିଶ୍ଚିନ୍ତକୋଇଲି ,୮/୫(ନି.ପ୍ର): ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାର ଏକ ବଡ ବ୍ୟବସାୟିକ ପେଣ୍ଠସ୍ଥଳୀ । ନିଶ୍ଚିନ୍ତକୋଇଲିଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ସ୍ଥାୟୀ ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନେକ ଅସ୍ଥାୟୀ ଦୋକାନମାନ ଖୋଲାଯାଇ ବ୍ୟବସାୟ ଚାଲୁ ରହିଛି । ବ୍ୟବସାୟୀମାନେ ସେମାନଙ୍କ ଦୋକାନ ସମ୍ମୁଖରେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନର ପ୍ରଚାରପତ୍ର ଓ ବ୍ୟବସାୟିକ ଜିନିଷପତ୍ର ପ୍ରଦର୍ଶିତ କରିବା ପାଇଁ ରଖିଥିବାରୁ ବ୍ୟବସାୟ ପ୍ରତିଷ୍ଠାନକୁ କିଣାବିକା କରିବାକୁ ଆସୁଥିବା ଗ୍ରାହକମାନେ ସେମାନଙ୍କ ବ୍ୟବହୃତ ଚାରିଚକିଆ ଓ ଦୁଇ ଚକିଆ ଯାନଗୁଡିକୁ ରଖିଥାଆନ୍ତି । ଫଳରେ ଅନେକ ସମୟରେ ନିଶ୍ଚିନ୍ତକୋଇଲି ବଜାରରେ ରାସ୍ତାରେ ଭିଡ ଜମି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ । ସମୟ ସମୟରେ ଅଗ୍ନିସମ ବାହିନୀ ଗାଡି, ଆମ୍ବୁଲାନ୍ସ ଓ ଜରୁରୀକାର୍ଯ୍ୟରେ ଯାଉଥିବା ବ୍ୟକ୍ତିମାନେ ମଧ୍ୟ ଦୀର୍ଘସମୟ ଅପେକ୍ଷା କରିବାକୁ ପଡିଥାଏ । ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଏବେ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖାଦେଇଛି । ନିଶ୍ଚିନ୍ତକୋଇଲି ତହସିଲଦାର ଅନୀତା ନାୟକ ଜବରଦଖଲ ଉଚ୍ଛେଦ ପାଇଁ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ସହଯୋଗ ଲୋଡିଛନ୍ତି । ବଜାର ବ୍ୟବସାୟୀ ସଂଘ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସମସ୍ତ ବ୍ୟବସାୟୀମାନଙ୍କୁ ଏ ବାବଦରେ ଅବଗତ କରାଯାଇଛି । ହେଲେ ତହସିଲଦାରଙ୍କ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ବା ସମୟସୀମା ନିର୍ଦ୍ଧାରିତ କରାଯାଇ ନାହିଁ । ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲକାରୀମାନେ ସ୍ୱଇଚ୍ଛାରେ ଜବରଦଖଲ ସ୍ଥାନ ଛାଡିବା ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ଓ ସମୟସୀମା ସ୍ଥିର କରି ବ୍ୟବସାୟୀମାନଙ୍କୁ ଜଣାଇବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି । ଦୀର୍ଘଦିନ ପରେ ତହସିଲଦାରଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଥିଲା ବେଳେ ତହସିଲ ପ୍ରଶାସନର କୋହଳ ନୀତିକୁ ନେଇ ଅନେକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତେବେ ବାକି ରହିଲା ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ନିଶ୍ଚିନ୍ତକୋଇଲି ବଜାରର ଜବରଦଖଲ ଉଚ୍ଛେଦ କେବେ କରୁଛି ।

# ବଜ୍ରପାତରେ ୨ ବଳଦ ମୃତ

ପାଟଣା ,୮/୫(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ମିରିଗିଖୋଜି ଗ୍ରାମର ମାଟିଖଣି ସାହିରେ ଆଜି ଅପରାହ୍ନରେ କାଳବୈଶାଖୀ ବର୍ଷା ଓ ବଜ୍ରପାତ ସମୟରେ ୨ ବଳଦ ପ୍ରାଣ ହରାଇଛନ୍ତି ।ବଳଦ ୨ ଟି ବର୍ଷା ରୁ ରକ୍ଷା ପାଇବା ପାଇଁ ଗଛମୂଳେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ହୋଇଥିଲା ।ବଜ୍ରପାତ ରେ ମାଟିଖଣି ସାହିର ସନ୍ତୋଷ ନାଏକ ଙ୍କର ଗୋଟିଏ ଏବଂ ଭକ୍ତ ବିଶ୍ୱାଳଙ୍କର ଗୋଟିଏ ବଳଦ ପ୍ରାଣ ହରାଇଥିବା ଜଣାପଡ଼ିଛି ।ରାଜସ୍ୱ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ପରିବାର କୁ ସହାୟତା ଯୋଗାଇ ଦେବାକୁ ସାହିବାସୀ ଦାବି କରିଛନ୍ତି ।

# ନୂଆ ଅବକାରୀ ନୀତିରେ ରହିପାରେ ନିର୍ବାଚନୀ ପ୍ରତିଶ୍ରୁତି

ଭୁବନେଶ୍ୱର,୮/୫: ଓଡିଶାକୁ ନିଶାମୁକ୍ତ କରିବାପାଇଁ ଗତ ନିର୍ବାଚନବେଳେ ବିଜେପି ଯେଉଁ ସଙ୍କଳ୍ପ ଘୋଷଣା କରିଥିଲା ତାହା ନୂଆ ଅବକାରୀ ନୀତିରେ ପ୍ରତିଫଳିତ ହୋଇପାରେ । ରାଜ୍ୟରେ ଯେଭଳି ଉଭୟ ଲାଇସେନ୍ସପ୍ରାପ୍ତ ଓ ଚୋରା ନିଶାର ପ୍ରସାର ଘଟୁଛି ଏବଂ ସେଥିଯୋଗୁଁ ଯେଭଳି ବ୍ୟାପକ ଧନଜୀବନ ନଷ୍ଟହେବା ସହ ଓଡିଶାର ଅସ୍ମିତା ଉପରେ ପ୍ରଶ୍ନ ଉଠୁଛି ତାହାକୁ ଆଖିଆଗରେ ରଖି ନିର୍ବାଚନୀ ପ୍ରତିଶ୍ରୁତି ଭିତ୍ତିରେ ରାଜ୍ୟ ସରକାର ତାଙ୍କ ନୂଆ ଅବକାରୀ ନୀତିରେ ସ୍ୱତନ୍ତ୍ର ବ୍ୟବସ୍ଥା ଆଣିପାରନ୍ତି ବୋଲି ବିଭିନ୍ନ ମହଲରେ ଏବେ ଜୋରଦାର ଚର୍ଚ୍ଚା ଚାଲିଛି । ଏଠାରେ ଉଲ୍ଲେଖନୀୟ ଯେ ବିଜେଡି ଶାସନ ସମୟରେ ଓଡିଶାରେ ଅବକାରୀ ରାଜସ୍ୱ ୨୪ବର୍ଷ ଭିତରେ ୬୦ଗୁଣରୁ ଅଧିକ ବୃଦ୍ଧି ପାଇବା ସହିତ ଲାଇସେନ୍ସପ୍ରାପ୍ତ ଦୋକାନଗୁଡିକରେ ମଦ ସମେତ ଅନ୍ୟାନ୍ୟ ନିଶା କାରବାର ଢେର ବଢିଛି । ଏହାଛଡା ଚୋରା ମଦ, ଗଞ୍ଜେଇ, ଚରସ, ହେରୋଇନ୍, ବ୍ରାଉନସୁଗାର ଆଦିର ବି ପ୍ରସାରଣ ଗାଁ ଗହଳ ପର୍ଯ୍ୟନ୍ତ ବେଧଡକ ଭାବେ ଚାଲୁଛି । ଏହି ସମସ୍ୟାକୁ ଆଖିଆଗରେ ରଖି ୨୦୨୪ର ସାଧାରଣ ନିର୍ବାଚନବେଳେ ଓଡିଶା ଶାଖା ବିଜେପି ପକ୍ଷରୁ ରାଜ୍ୟ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି ଓ ବିଜେପିର ସଙ୍କଳ୍ପ ଘୋଷଣା କରାଯାଇଥିଲା । ଗତବର୍ଷ ଜୁନ୍ ୧୨ତାରିଖରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡିଶାରେ ନୂଆ ସରକାର ଗଠନ କରାଯାଇଥିଲା । ଏହି ସରକାରକୁ ବର୍ଷେ ପୂରିବାକୁ ଯାଉଥିବା ପରିପ୍ରେକ୍ଷୀରେ ମୋଦୀଙ୍କ ଗ୍ୟାରେଣ୍ଟି ଓ ଓଡିଶା ଶାଖା ବିଜେପିର ନିର୍ବାଚନୀ ସଙ୍କଳ୍ପ କେତେ କାର୍ଯ୍ୟକାରୀ ହୋଇଛି ଏବଂ ନୂଆ ସରକାର ବିଭିନ୍ନ କ୍ଷେତ୍ରରେ କ'ଣସବୁ ସଫଳତା ସାଉଁଟିଛନ୍ତି ତାହାର ବ୍ୟାପକ ପ୍ରଚାର ପ୍ରସାର କରିବାପାଇଁ ବିଭାଗୱାରୀ ପ୍ରସ୍ତୁତି ଚାଲିଛି । ରାଜ୍ୟରେ ନୂଆ ସରକାର ଗଢାଯିବା ପରେ ଗତବର୍ଷ ଯେଉଁ ରାଜ୍ୟ ଅବକାରୀ ନୀତି ପ୍ରଣୟନ କରାଯାଇଥିଲା ତାହାର ସମୟସୀମା ୨୦୨୫ ମାର୍ଚ୍ଚରେ ସରିଯିବା ପରେ ଏହି ପୁରୁଣା ନୀତିକୁ ରାଜ୍ୟ ସରକାର ଅସ୍ଥାୟୀ ଭାବେ ବଢାଇ ଚାଲିଛନ୍ତି । ତେବେ



ଏଯାବତ୍ ନୂଆ ଅବକାରୀ ନୀତି ଘୋଷଣା ହୋଇନଥିବାବେଳେ ସଙ୍କଳ୍ପପତ୍ରର ପ୍ରତିଶ୍ରୁତିକୁ ଆଖିଆଗରେ ରଖି ୨୦୨୫-୨୬ ବର୍ଷର ଅବକାରୀ ନୀତି ପ୍ରସ୍ତୁତି ଚାଲିଛି ବୋଲି ଶୁଣିବାକୁ ମିଳୁଛି । ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟଶାଖା ବିଜେପି ଘୋଷଣା କରିଥିବା ତାହାର ସଙ୍କଳ୍ପରେ ନିର୍ବାଚନବେଳେ କହିଥିଲା ଯେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡିଶା ସୃଷ୍ଟି କରାଯିବା ସହ ସମ୍ବିଧାନର ୪୭ଧାରାକୁ କଡାକଡି ଭାବରେ କାର୍ଯ୍ୟକାରୀ କରି ବିଷାକ୍ତ ପାନୀୟ ତଥା ଡ୍ରଗ୍ସକୁ ନିୟନ୍ତ୍ରଣ କରାଯିବା ଏବଂ ସଚେତନତା ଅଭିଯାନ ବ୍ୟାପକ କରିବା ସଂଗେ ସଂଗେ ନିଶା ନିବାରଣକେନ୍ଦ୍ରମାନ ଗଢି 'ଉତ୍କୃଷ୍ଟ ଜୀବନ' ପଦକ୍ଷେପ ଆରମ୍ଭ କରାହେବ । ପ୍ରଚଳିତ ଓଡିଶା ଅବକାରୀ ଆଇନ୍‌ର ୯୩ଧାରାରେ ନିଶା ନିବାରଣ କଥା କୁହାଯାଇଥିବାବେଳେ ପୂର୍ବରୁ ଚାଲି ଆସିଥିବା ବିହାର ଓଡିଶା ଅବକାରୀ ଆଇନ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମଧ୍ୟ ନିଶା ନିବାରଣ ଥିଲା । ଏହାଛଡା ୧୯୫୬ ମସିହାରେ ଓଡିଶା ବିଧାନସଭାରେ ପାରିତ ହୋଇ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଥିବା ଓଡିଶା ନିଶା ନିବାରଣ ଆଇନକୁ ଏଯାବତ୍ କାର୍ଯ୍ୟକାରୀ କରାଯାଇନାହିଁ । ବିଭାଗୀୟ କର୍ତ୍ତୃପକ୍ଷ କେବେ ଠାରୁ କେଉଁ ଅଞ୍ଚଳରେ କିମ୍ବା ସାରା ରାଜ୍ୟରେ ନିଶା ନିବାରଣ ଆଇନ୍ କାର୍ଯ୍ୟକାରୀ କରିବେ ସେ ସଂକ୍ରାନ୍ତରେ ବିଜ୍ଞପ୍ତିଟିଏ ଜାରି ହେଲେ ୧୯୫୬ମସିହାର ଏହି ଆଇନ୍ କାର୍ଯ୍ୟକ୍ଷମ ହେବାକଥା ।

## ଶଶୁର ଘରେ ସ୍ତ୍ରୀ ଙ୍କ ସହ କଳି ରୁ ଫାଶୀ ଲଗାଇ ଲେ ଜ୍ୱାଇଁ

ପାଟଣା ,୮/୫(ନି.ପ୍ର): ପାଟଣା ଥାନା ଅଞ୍ଚଳ ସାହରପଡା ବ୍ଲକ ମାଛଗଡ ନିକଟସ୍ଥ ଓସ୍ତଯୋଡ଼ି ଗ୍ରାମର ମହେଶ୍ୱର ନାଏକ (୨୩) ଦୁଇ ବର୍ଷ ତଳେ ଦିଗିପଶି ଗ୍ରାମ ରେ ବିବାହ କରିଥିଲେ ।ଶଶୁର ଘର କୁ ଆସିଥିବା ମହେଶ୍ୱର ଙ୍କ ର ନିଜ ପତ୍ନୀ ଙ୍କ ସହ କୌଣସି କାରଣ ରୁ ଗତକାଲି କଳି ଝଗଡ଼ା ହେବା ପରେ ଶଶୁର ଘର ଲୋକଙ୍କ ଅଜ୍ଞାତ ରେ ଗତ ରାତି ସେହି ଗ୍ରାମ ର ଏକ ନିମ୍ବ ଗଛ ରେ ନିଜ ଗାମୁଛା ରେ ଫାଶୀ ଲଗାଇ ଝୁଲି ପଡ଼ିଥିଲେ ।ଆଜି ସକାଳୁ ଘଟଣା ଜଣାପଡିବା ପରେ ସାହରପଡା ଫାଣ୍ଡି ଅଧିକାରୀ ପାର୍ଡୋ ଓରାମ ଦିଗିପଶି ଗ୍ରାମ କୁ ଯାଇ ମହେଶ୍ୱର ଙ୍କ ର ଶବ କୁ ଉଦ୍ଧାର କରିଥିଲେ ।ଏ ନେଇ ପାଟଣା ଥାନା ଅପମୃତ୍ୟୁ ମାମଲା ୧୧/୨୦୨୫ ମୂଳେ ଆଜି ପାଟଣାରେ ମୃତକ ଙ୍କ ର ଶବ ବ୍ୟବଚ୍ଛେଦ କରାଯାଇଛି ।

# ସଠିକ୍ ସମୟରେ ଖୋଲୁନାହିଁ କାର୍ଯ୍ୟାଳୟ-ଉପସ୍ଥିତ ରହୁନାହାଁନ୍ତି ଅଧିକାରୀ, ସାଧାରଣ ଲୋକେ ଭୋଗୁଛନ୍ତି ଅସୁବିଧା

ନିଶ୍ଚିନ୍ତକୋଇଲି ,୮/୫(ନି.ପ୍ର): : ନିଶ୍ଚିନ୍ତକୋଇଲି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ଜନସୂଚନା ଅଧିକାରୀ ତଥା ରେଜିଷ୍ଟ୍ରାର ହିନ୍ଦୁ ବିବାହ ପଞ୍ଜିକରଣ କାର୍ଯ୍ୟାଳୟ ସରକାରୀ କାର୍ଯ୍ୟ ଦିବସର ସଠିକ୍ ସମୟରେ ଖୋଲୁନଥିବା ଏବଂ ବିବାହ ପଞ୍ଜିକରଣ କାର୍ଯ୍ୟ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରିଣୀ ଜଣକ ଅନୁପସ୍ଥିତ ଥିବାରୁ ବହୁ ଲୋକ ବିବାହ ପଞ୍ଜିକରଣ କାର୍ଯ୍ୟ ପାଇଁ ଆସି ନିରାଶରେ ଫେରୁଥିବା ସାଧାରଣରେ ଅଭିଯୋଗ ହେଉଛି । ଏହାର ଏକ ନମୁନା ଦେଖିବାକୁ ମିଳିଥିଲା ତା, ୭.୫.୨୦୨୫ ରିଖ ବୁଧବାର ଦିନ । ପ୍ରାୟ ଦିନ ୧୧ ଟା ସମୟ ହେବ ବିବାହ ପଞ୍ଜିକରଣ କାର୍ଯ୍ୟ ପାଇଁ ଆସିଥିବା ବହୁ ଦମ୍ପତି ଦୀର୍ଘ ସମୟ ଅପେକ୍ଷା କରି ସେମାନଙ୍କ ମଧ୍ୟରୁ ଅନେକ ନିରାସରେ ଫେରିଯାଇଥିଲେ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସରକାରୀ କାର୍ଯ୍ୟାଳୟ ଗୁଡିକୁ ସକାଳୁଆ କରିଥିବା ବେଳେ ଦିନ ୧୧ ଟା ପରେ ଅସହ୍ୟ ଗରମ ଗୁଳୁଗୁଳିରେ ଲୋକମାନେ ଉକ୍ତ କାର୍ଯ୍ୟାଳୟକୁ ଆସି ଅଧିକାରିଣୀଙ୍କ ଦେଖା ନପାଇ ଦୀର୍ଘ ସମୟ ଅପେକ୍ଷା କରି ବିରକ୍ତି ପ୍ରକାଶ କରିଥିଲେ । ସଂପୃକ୍ତ ବିଭାଗୀୟ ଅଧିକାରିଣୀ ସରକାରୀ କାର୍ଯ୍ୟ ଦିବସରେ ସଠିକ୍ ସମୟରେ କାର୍ଯ୍ୟାଳୟରେ ଉପସ୍ଥିତ ରହି ଲୋକମାନଙ୍କୁ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ପଡୋଶୀ ଙ୍କ ମାରଣାନ୍ତକ ଆକ୍ରମଣରେ ଜଣେ ଗୁରୁତର

ପାଟଣା ,୮/୫(ନି.ପ୍ର): ପାଟଣା ଥାନା ଅଞ୍ଚଳ ଟାଙ୍ଗରପଡା ଗ୍ରାମରେ ଜଣେ ପଡୋଶୀ ଙ୍କ ମାରଣାନ୍ତକ ଆକ୍ରମଣରେ କୁଶ ମହାରଣା ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି ।ଗ୍ରାମର ଜଣେ ବ୍ୟକ୍ତି କୁଶ କୁ ପିଟି ପିଟି ମାରି ଦେଇଥିବା ଖବର ପାଇ ପାଟଣା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୁମୂର୍ଷୁ କୁଶ କୁ ଉଦ୍ଧାର କରି ପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି ।ତେବେ ତାଙ୍କ ଅବସ୍ଥା ବିପଦ ମୁକ୍ତ ଥିବା ଥାନାଧିକାରୀ ମାନସ କୁମାର ମହାକୁଳ ସୂଚନା ଦେବା ସହ ଏନେଇ ଥାନା ରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା କହିଛନ୍ତି ।

## ଭାରସାମ୍ୟ ହରାଇ ଦୋକାନ ଘରକୁ ଧକ୍କା ଦେଲା ବରଯାତ୍ରୀ ବସ

ପାଟଣା ,୮/୫(ନି.ପ୍ର): ପାଟଣା ବ୍ଲକ ଅଞ୍ଚଳ କେନ୍ଦେଇପଶି - ରାଜନଗର ରାସ୍ତାର ଡେଣୁଆଁ ନିକଟରେ ଆଜି ମଧ୍ୟାହ୍ନ ପରେ ପରେ ଏକ ବରଯାତ୍ରୀ ବସ ଭାରସାମ୍ୟ ହରାଇ ଏକ ଦୋକାନ ଘରକୁ ଧକ୍କା ଦେଇଥିଲା । ଦୁର୍ଘଟଣା ରେ ଦୋକାନ ଘରର ଆଂଶିକ କ୍ଷତି ଘଟିଥିଲେ ମଧ୍ୟ କୌଣସି ଜୀବନ ହାନି ହୋଇନାହିଁ ।ତେବେ ଘର ମାଲିକ ଙ୍କ ସହ ଆପୋଷ ବୁଝାମଣା କରି ବସ ଟି ଘଟଣା ସ୍ଥଳରୁ ଗନ୍ତବ୍ୟ ପଥରେ ଚାଲି ଯାଇଥିବା ଜଣାପଡିଛି ।

# କାଳବୈଶାଖୀ ରେ ଭାଙ୍ଗିଲା ଗଛ ପଡ଼ି ରାସ୍ତା ଅବରୋଧ

ପାଟଣା ,୮/୫(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ ପାଟଣା ପଞ୍ଚାୟତର ଗୁଲୁଦିପଶି ଗ୍ରାମରେ ଆଜି କାଳ ବୈଶାଖୀ ହେବାରୁ ଗୁଲୁଦିପଶି ଦେଇ ପାଟଣା ରୁ ଖମୁଆ ଯାଇଥିବା ରାସ୍ତା ଉପରେ ଏକ ବଡ଼ ଯାମୁ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଥିଲା ଯାହାଫଳରେ ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ଦଶରଥ ବାରିକ୍ ପାଟଣା ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ବଡ଼ ଯାମୁ ଗଛ କୁ ମେସିନ ଦ୍ୱାରା କାଟି ରାସ୍ତା ସଫା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ଛାତ୍ରଙ୍କ ବଦାନ୍ୟତ, ଦାମୀ ମୋବାଇଲ ପାଇ ମୋବାଇଲ ଫେରାଇ ଦେଲେ

ନିମାପଡା ,୮/୫(ନି.ପ୍ର): ନିମାପଡା ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ତପବ୍ରତ ରଥ କୋଚିଂ ନେବା ପାଇଁ ଆସୁଥିବା ବେଳେ ନିମାପଡା ସାଇଲୋଟସ ମଣ୍ଡପ ନିକଟରେ ଏକ ଦାମୀ ମୋବାଇଲ ରାସ୍ତାରେ ପଡିଥିବା ଦେଖିବାକୁ ପାଇଥିଲେ ।ତପବ୍ରତ ମୋବାଇଲଟିକୁ ପାଇ କୋଚିଂ ସେଣ୍ଟରକୁ ଆସି ଅଧାପିକାଙ୍କୁ ଜଣାଇଥିଲେ । ତେବେ ଏହି ସମୟରେ ମୋବାଇଲ ହଜି ଯାଇଥିବା ବ୍ୟକ୍ତି ଜଣଙ୍କ ଉକ୍ତ ମୋବାଇଲକୁ କଲ କରିଥିଲେ । ତପବ୍ରତ ଫୋନ ଉଠାଇ ସେ ମୋବାଇଲ ପାଇଥିବା ଜଣାଇ କୋଚିଂ ସେଣ୍ଟରକୁ ଆସି ମୋବାଇଲ ନେଇଯିବା ପାଇଁ କହିଥିଲେ । ତେବେ ପରେ ଜଣା ପଡିଥିଲା ନିମାପଡା ଥାନାରେ କାର୍ଯ୍ୟରତ କନଷ୍ଟବଲଙ୍କ ଉକ୍ତ ମୋବାଇଲଟି ରାସ୍ତାରେ ପଡିଯାଇଥିଲା । ତପବ୍ରତ ମୋବାଇଲଟି ହଜି ଯାଇଥିବା ବ୍ୟକ୍ତିଙ୍କୁ ଫେରାଇ ବହୁତ ଖୁସି ଅନୁଭବ କରିଥିବା କହିଛନ୍ତି ।

# ବିଶ୍ୱ ମୁକ୍ତ ଗଣମାଧ୍ୟମ ଦିବସ ପାଳିତ

## ଆମେ ନିରପେକ୍ଷ, ନିର୍ଦ୍ୱନ୍ଦ୍ୱ ଏବଂ ସାହସିକତା ବଜାୟ ରଖିବୁ




ଭୁବନେଶ୍ୱର : ଗଣମାଧ୍ୟମରେ କାର୍ଯ୍ୟରତ ଏବଂ ଗଣମାଧ୍ୟମକୁ ଆପଣାଇଥିବା ପାଠକ ସମସ୍ତ ବ୍ୟକ୍ତିଙ୍କ ପାଇଁ ଏହା ଏକ ଆନନ୍ଦିତ ଅବସର। ଆମେ ମୁକ୍ତ, ସ୍ୱାଧୀନ ଓ ନିରପେକ୍ଷ ଏହା କହିବା ସହଜ, ହେଲେ କରି ଦେଖାଇବା କଷ୍ଟସାଧ। ତଥାପି ଆମେ ଆମର ଲଢେଇ ଜାରି ରଖିଛୁ। ଲୋକଙ୍କୁ ନ୍ୟାୟ ଦେବା ପାଇଁ ଆମେ ବଳିଦାନ ବି ଦେଇପାରୁ, ଏଭଳି ସ୍ପଷ୍ଟ ମନ୍ତବ୍ୟ ରଖିଥିଲେ 'ବଡ଼ ଖବର'ର ଓ ଖୁବ୍ ଶୀଘ୍ର ଲୋକାର୍ପଣ କରିବାକୁ ଯାଉଥିବା 'ସମାଲୋଚନା'ର ସମ୍ପାଦକ ଅର୍ଦ୍ଧେନ୍ଦୁ କୁମାର ଦାସ। ସାମ୍ବାଦିକତା ନାମକୁ ମାତ୍ର, ହେଲେ ଏ କ୍ଷେତ୍ରରେ କାର୍ଯ୍ୟରତ ଯେଉଁ ବ୍ୟକ୍ତି ନିଜ ନିର୍ଭୀକତାରେ ସମାଜର କଲ୍ୟାଣ ପାଇଁ କାମ କରୁଛନ୍ତି ସେମାନଙ୍କୁ ଆମେ ଶ୍ରଦ୍ଧା ଓ ସମ୍ମାନ ଜଣାଉଛୁ। ଆଗାମୀ ଦିନରେ ଲୋକଙ୍କ ପାଇଁ ସାମ୍ବାଦିକତା ମାଧ୍ୟମରେ ସେବା ଦେବାକୁ ସଂକଳ୍ପବଦ୍ଧ ବ୍ୟକ୍ତିଙ୍କୁ ଆମେ ଆଶିଷ ଓ ସାହସ ପ୍ରଦାନ କରୁଛୁ। ଏଭଳି ମାର୍ଗଦର୍ଶନ ଓ ଆର୍ଶୀବଚନ ଦେଇଥିଲେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ।କିଏ କହିଲା ସାମ୍ବାଦିକ ଜଣେ ସାଧାରଣ ମଣିଷ। ନା... ଆମେ ରାଜନେତା, ସୁରକ୍ଷା କର୍ମୀ, ଆଇନଜୀବୀ ଅଥବା ଅନ୍ୟ ଯେତେ ବୁଦ୍ଧିଜୀବୀ ଅଛନ୍ତି, ଏ ସମସ୍ତଙ୍କ ମଧ୍ୟରେ ସାମ୍ବାଦିକତା କରୁଥିବା ବ୍ୟକ୍ତି ସ୍ୱତନ୍ତ୍ର ଓ ସମ୍ମାନସ୍ପଦ। ଅନ୍ୟତମ ଅତିଥି ନୀଳାଦ୍ରି ଭୂଷଣ ମହାପାତ୍ର ଏଭଳି ମତବ୍ୟକ୍ତ କରିଥିଲେ।ଡେନିମ୍ ଆଣ୍ଡ ବ୍ଲୁଜ୍ ପକ୍ଷରୁ ଆୟୋଜିତ 'ବିଶ୍ୱ ମୁକ୍ତ ଗଣମାଧ୍ୟମ ଦିବସ' ପାଳନ ଅବସରରେ ଅତିଥି, ସାମ୍ବାଦିକ, ସାହିତ୍ୟିକ, କଳାକାର, କ୍ରୀଡ଼ାବିତ ଏବଂ ସମାଜସେବୀମାନେ ଏକାଠି ହୋଇ ଏଭଳି ମାର୍ଗଦର୍ଶକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହିଦ ନଗରସ୍ଥିତ ହମ୍ପି ଡମ୍ପି ସ୍କେଚ୍ ପକ୍ଷରୁ କୁନି କୁନି ପିଲାମାନେ 'ଜୟ ହୋ' ଓ 'ର୍‌ୟାମ୍ପ ଶୋ' ପରିବେଷଣ କରିଥିଲେ। ସେହିଭଳି ବାଲିପାଟଣା ବସନ୍ତମାଳରେ ଗଢି ଉଠିଥିବା ଆରଆଇଟି ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ 'ଫିର୍ ଭି ଦିଲ୍ ହୈ ହିନ୍ଦୁସ୍ତାନୀ' ଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱାବାଣୀର ବିନୋଦ ସାହୁ, ଓମ୍ ସାର୍ଥକର କୃଷ୍ଣଚନ୍ଦ୍ର ବାରିକ, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ବାଳକୃଷ୍ଣ ରାଉତ, ପ୍ରମେୟର ପ୍ରତିନିଧି ଶୁଭ୍ରାଂଶୁ କୁମାର ମହାରଣା, ସାମ୍ବାଦିକା ସାବିତ୍ରୀ ଏବଂ ଫ୍ୟାଶନ ଡିଜାଇନର ରିଚାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପ୍ରିୟାଂଶୁ ପ୍ରିୟଦେବ।

# ଦାରୁଚୋରେ ସେବାୟତଙ୍କୁ ଗିରଫ ଦାବିରେ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର




ଭୁବନେଶ୍ୱର, : ପଶ୍ଚିମ ବଙ୍ଗଳାରେ ଦୀଘାଠାରେ ଗତ ଅକ୍ଷୟ ତୃତୀୟା ଦିନ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥଙ୍କର ଦାରୁ ବିଗ୍ରହ ସ୍ଥାପନରେ ପୁରୀ ଜଗନ୍ନାଥ ମନ୍ଦିରର ଯେଉଁ ସେବାୟତମାନେ ସମ୍ପୃକ୍ତ, ସେମାନଙ୍କୁ ଗିରଫ କରିବାକୁ ଦାବି କରି ଶନିବାର ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ମାଷ୍ଟର କ୍ୟା□ନଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।ଅସ୍ମିତା ପରିଷଦର ଆବାହକ ରବି ବେହେରାଙ୍କ ଦ୍ୱାରା ପ୍ରଦ□ ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, କିଛି ଦଇତାପତି ନବକଳେବର ସମୟରେ ପୁରୀ ଜଗନ୍ନାଥ ମନ୍ଦିରରେ ଗଚ୍ଛିତ ଥିବା ପବିତ୍ର ବିଗ୍ରହଙ୍କର ଦାରୁକୁ ଲୁଚାଛପାରେ ନେଇ ପଶ୍ଚିମବଙ୍ଗଳା ଦୀଘାଠାରେ ତିଆରି ହୋଇଥିବା ଜଗନ୍ନାଥଙ୍କ ବିଗ୍ରହରେ ଲଗାଇଛନ୍ତି। ଏହା ଏକ ଗର୍ହିତ ଅପରାଧ ଏବଂ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା ପ୍ରତି ଏକ ଚରମ ଅପମାନ ଯାହା ବିଶ୍ୱବ୍ୟାପୀ କୋଟି କୋଟି ଜଗନ୍ନାଥଙ୍କ ଭକ୍ତମାନଙ୍କ ଭାବାବେଗକୁ ଆଘାତ ଦେଇଛି। ଦଇତାପତି ଓ ଅନ୍ୟାନ୍ୟ ସେବାୟତ ନିଯୋଗମାନେ ନିଜର ଅଧିକାରକୁ ଆଇନର ଉର୍ଦ୍ଧ୍ୱରେ ବୋଲି ଭାବି ଜଗନ୍ନାଥ ସଂସ୍କୃତି ସହିତ ସବୁବେଳେ ଖେଳ ଖେଳୁଛନ୍ତି। ଯେଉଁମାନେ ଏହି ବଳକା ପବିତ୍ର ଦାରୁଚୋରିରେ ସମ୍ପୃକ୍ତ, ସେମାନଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଓ ଜଗନ୍ନାଥଙ୍କ ମନ୍ଦିର ପ୍ରଶାସନ ପକ୍ଷରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ତଥା ପୋଲିସ୍‌ରେ ଏତଲା ଦେବାକୁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଜଗନ୍ନାଥଙ୍କ ସ□ଲିପିରେ ସେମାନଙ୍କର ଥିବା ଅଧିକାରକୁ ବିଚ୍ଛିନ୍ନ କରିବା ସହିତ ସେମାନେ ଭୋଗ ଦଖଲ କରି ଆସୁଥିବା ଜଗନ୍ନାଥଙ୍କ ଜମିରୁ ସେମାନଙ୍କୁ ଉଚ୍ଛେଦ କରାଯାଉ। ଜଗନ୍ନାଥଙ୍କ ସଂସ୍କୃତିକୁ ଅପମାନିତ କରିଥିବା ଯୋଗୁ ଏହି ସେବାୟତମାନେ ଜଗନ୍ନାଥପ୍ରେମୀଙ୍କ ପାଖରେ କ୍ଷମା ମାଗିବାକୁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଯଦି ରାଜ୍ୟ ସରକାର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ଏବଂ ସମ୍ପୃକ୍ତ ସେବାୟତଙ୍କୁ ଗିରଫ କରାନଯାଏ, ତେବେ ଆଗାମୀ ଦିନରେ ଏହାକୁ ନେଇ ରାଜ୍ୟବ୍ୟାପୀ ଗଣ ଆନ୍ଦୋଳନ କରାଯିବ ବୋଲି ଅସ୍ମିତା ପରିଷଦ ପକ୍ଷରୁ ଚେତାବନୀ ଦିଆଯିବା ସଙ୍ଗେ ସଙ୍ଗେ କୋଟି କୋଟି ଜଗନ୍ନାଥପ୍ରେମୀ ଏହି ଆନ୍ଦୋଳନରେ ସାମିଲ୍ ହେବାକୁ ନିବେଦନ କରାଯାଇଛି। ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାର ଦୀଘା ଜଗନ୍ନାଥ ଧାମ ନାମ କାଟିବା ପାଇଁ ଓଡ଼ିଶାଗସ୍ତରେ ଆସୁଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପଶ୍ଚିମ ବଙ୍ଗଳା ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀଙ୍କ ସହିତ ଆଲୋଚନା କରିବାକୁ ଅସ୍ମିତା ପରିଷଦ ଦାବି କରିଛି। ଏହି ବିକ୍ଷୋଭରେ ଆବାହକ ଶ୍ରୀ ବେହେରାଙ୍କ ସମେତ ଯୁବନେତା ଦେଶପ୍ରିୟ ଦାସ, ନାରୀନେତ୍ରୀ ସାବିତ୍ରୀ ବେହେରା, ଛାତ୍ରୀନେତ୍ରୀ ପ୍ରିୟଙ୍କା ବେହେରା, ବଳରାମ ନାୟକ, ସୁବାସ ତାରଣିଆ, ଅରୁଣ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀଙ୍କୁ ଭେଟିଲା ଅଲ୍ ଓଡ଼ିଶା ଲେୟର୍ସ ଫାର୍ମର୍ସ ଆସୋସିଏସନ



ଭୁବନେଶ୍ୱର, : ଅଲ୍ ଓଡ଼ିଶା ଲେୟର ଫାର୍ମର୍ସ ଆସୋସିଏସନର ଏକ ପ୍ରତିନିଧି ଦଳ ମତ୍ସ୍ୟ ଓ ପଶୁପାଳନ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ସାକ୍ଷାତ୍ ଆଲୋଚନା ବେଳେ ସଂଘ ନିଜର ଅବଧି ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ବେଳେ ଏହାର ସମାଧାନ ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ନ୍ୟାସନାଲ ଏଗ୍ କୋର୍ଡ଼ିନେସନ କମିଟି (ଏନ୍‌ଇସିସି) ପକ୍ଷରୁ ଅଣ୍ଡା ପିଛା ଯେଉଁ ଦର ଧାର୍ଯ୍ୟ ହୋଇଛି, ସେଥିରେ ଚାଷୀ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସାକ୍ଷାତ୍ ସମୟରେ ଏ ନେଇ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ସମସ୍ୟାର ତ୍ୱରିତ ସମାଧାନ ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଏନ୍‌ଇସିସି କ□ୃପକ୍ଷଙ୍କ ସହ ଆଲୋଚନା କରିବେ। ଏପରିକି, ଉପରୋକ୍ତ ବିଷୟ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଖୁବ୍ ଶୀଘ୍ର କେନ୍ଦ୍ର ମତ୍ସ୍ୟ ଏବଂ ପଶୁପାଳନ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ସମୟ ଧାର୍ଯ୍ୟ କରାଯିବ। ମନ୍ତ୍ରୀଙ୍କ ସହ ସଂଘର ଏକ ପ୍ରତିନିଧି ମଣ୍ଡଳୀ ମଧ୍ୟ ଦିଲ୍ଲୀ ଗସ୍ତ କରିବେ ବୋଲି ଆଲୋଚନାରେ ନିଷ୍ପ□ ଗ୍ରହଣ କରାଯାଇଛି। ରାଜ୍ୟ ସରକାର ରାଜ୍ୟରେ ଅଧିକରୁ ଅଧିକ ଅଣ୍ଡା ଉତ୍ପାଦନ ଏବଂ ଏହାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଅଣ୍ଡାଚାଷୀ ଏବଂ ଏହି ଶିଳ୍ପର କଲ୍ୟାଣ ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ। ଏପରିକି ଆଗାମୀ ଦିନରେ ଅଧିକରୁ ଅଧିକ ଅଣ୍ଡାର ବ୍ୟବହାର ଏବଂ ସଠିକ୍ ବ□ନ ବ୍ୟବସ୍ଥାର ପରିଚାଳନା ପାଇଁ ଏମ୍‌ଡ଼ିଏମ୍ (ମଧ୍ୟାହ୍ନ ଭୋଜନ) ଏବଂ ଏସ୍‌ଏନ୍‌ପିରେ ଅଣ୍ଡା ଚାଷୀଙ୍କୁ ସିଧାସଳଖ ଅଂଶଗ୍ରହଣ ପାଇଁ ସୁଯୋଗ ଦେବାକୁ ସରକାର ଚିନ୍ତା କରୁଥିବା ନେଇ ମନ୍ତ୍ରୀ କହିଥିବା ଜଣାପଡ଼ିଛି। ଏହି ପ୍ରତିନିଧି ମଣ୍ଡଳୀରେ ସଂଘର ସଭାପତି ଦେବଦ□ ବିଶ୍ୱାଳ, ଉପସଭାପତି ପ୍ରସନ୍ନ ବସ୍ତିଆ, ଦୀପକ ମିଶ୍ର, ସାଧାରଣ ସମ୍ପାଦକ ସରୋଜ କୁମାର ପାତ୍ର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପାତ୍ର, ଏନ୍‌ଇସିସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଡିଷ୍ଟ୍ରିବ୍ୟୁଟର ଆସୋସିଏସନ ର ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା : ଡିଷ୍ଟ୍ରିବ୍ୟୁଟର ଆସୋସିଏସନ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶଶିକାନ୍ତ ମିଶ୍ର ଙ୍କ ସଭାପତିତ୍ୱ ରେ ଗୀତା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡିଷ୍ଟ୍ରିବ୍ୟୁଟର ଆସୋସିଏସନ ର ସଭାପତି ପରମେଶ ସୁବୁଦ୍ଧି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ସମ୍ପାଦକ ଗୋପାଳ ଅଗ୍ରୱାଲ ଉପସ୍ଥିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ବୈଠକ ରେ ଓଡିଶା ବ୍ୟବସାୟୀ ମହାସଂଘ ର ସମ୍ପାଦକ ସୁଧାକର ପଣ୍ଡା, ଆଇନ ଉପଦେଷ୍ଟା ଶକ୍ତି ଶଙ୍କର ମିଶ୍ର, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ ଯୋଗଦେଇ ବ୍ୟବସାୟୀ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଭ୍ୟ ମାନଙ୍କ ଭିତରେ ଏକତା ଏବଂ ସଚୋଟତା ବିଷୟରେ ଆଲୋଚନା କରିବା ସହ ଆଗାମୀ ଦିନରେ ନୟାଗଡ, ଦଶପଲ୍ଲା, ବେଗୁନିଆ, ଜଟଣୀ, ଟାଙ୍ଗୀ, ବାଲୁଗାଁ ବ୍ୟବସାୟୀ ମାନଙ୍କୁ ନେଇ ଏକ ବୈଠକ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିଲା ।

# ଓଡ଼ିଆ ସ୍ଥାପତ୍ୟଙ୍କୁ ଦେଶ ରତ୍ନ ସମ୍ମାନ

## ଓଡ଼ିଶାକୁ ସମ୍ମାନ ଆଣିଲେ ପଦ୍ମଶ୍ରୀ ପ୍ରଭକର ମହାରଣା




ଭୁବନେଶ୍ୱର : ଓଡ଼ିଶାର ସ୍ଥାପତ୍ୟ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା ଦେଶ ରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଜୀବନ ବ୍ୟାପି ସମର୍ପିତ କାର୍ଯ୍ୟ ପାଇଁ ଏହି ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀର କାମିନୀ ଅଡିଟରୀୟମରେ ଆୟୋଜିତ ଏକ ଭବ୍ୟ ସମାରୋହରେ ସ୍ଥାପତ୍ୟ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କୁ ଅତିଥିମାନେ ଦେଶ ରତ୍ନ ସମ୍ମାନ ଦେବା ଅବସରରେ ପ୍ରଂଶସା କରି କହିଥିଲେ ଯେ, ଭାରତବର୍ଷ କଳା ସଂସ୍କୃତିର ପ୍ରାଣକେନ୍ଦ୍ର । ଦେଶର ଭାବାବେଗ ସହ ଏହା ଜଡ଼ିତ । ଆମ କଳା ଭାସ୍କର୍ଯ୍ୟ ସଂସ୍କୃତିକୁ ଅଧିକ ଉତ୍କର୍ଷ କରି ଜାତୀୟ ଏକତାକୁ ସୁଦୃଢ଼ କରି ରଖିଛି । ଓଡ଼ିଶାର ପ୍ରସ୍ତରଶିଳ୍ପୀ ଅତି ନିଖୁଣ ଭାବେ ମୂର୍ତି ଓ ମନ୍ଦିରକୁ ଗଢ଼ି ଜୀବନ୍ତ ରୂପ ଦେଇଥାନ୍ତି । ଓଡ଼ିଶାର କଳାକୃତି ପ୍ରାଚୀନ କାଳରୁ ଅର୍ଜିତ ପାରଦର୍ଶିତା ଆମ ଦେଶର ଐତିହ୍ୟର ପରିଚୟ ଦେଇ ଆସୁଛି । ଓଡ଼ିଆଙ୍କର କଳା ନୈପୁଣ୍ୟ ବହୁ ପୁରାତନ କାଳରୁ ପ୍ରକାଶିତ ହୋଇଆସୁଛି ଓ ସାରା ପୃଥିବୀରେ ସୁନାମ ଓ ପ୍ରସଂଶିତ ହୋଇଆସୁଛନ୍ତି । ସେଥିମଧ୍ୟରୁ ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କ କଳା ନୈପୁଣ୍ୟ ଅନନ୍ୟ। ଏଥିପାଇଁ ତାଙ୍କୁ ଦେଶ ରତ୍ନରେ ସମ୍ମାନିତ କରାଯାଇଥିଲା ବୋଲି ଅତିଥିମାନେ କହିଥିଲେ। ଏଥିରେ ଅତିଥି ଭାବେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାବତ, ଉତର ପ୍ରଦେଶ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ରଘୁରାଜ ସିଂ, ପ୍ରସିଦ୍ଧ ଚଳଚିତ୍ର ତାରକା ସୁରେନ୍ଦ୍ର ପାଲ ସିଂ, ମୁସ୍ତାଖ ଖାନ, ସ୍ୱାମୀ ସନ୍ଦୀପାନି, ଅନୁଭବ ଅରୋରା ସାମିଲ ହୋଇ ଥିଲେ । କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ଜାମ୍ମୁ କାଶ୍ମୀର ପର୍ଯ୍ୟଟନ ବିଭାଗ ଦ୍ୱାରା ସହଯୋଗରେ ଏହି କାର୍ଯ୍ୟକ୍ରମକୁ ଭାରତୀ ଯୁବା ୱେଲଫାୟାର ପକ୍ଷରୁ ମୋହିତ ନାରାୟଣ ଓ ସୁମିତ ନାରାୟଣ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର : ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ବରିଷ୍ଠ ନାଗରିକ ସଙ୍ଘ ପକ୍ଷରୁ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସନ୍‌ସାଇନ୍ ହସ୍ପିଟାଲର ହୃଦରୋଗ ବିଭାଗ ବିଶେଷଜ୍ଞ ଡ. ଶ୍ୱେତାଙ୍ଗ ଦାଶ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ସିଦ୍ଧାର୍ଥ ପ୍ରଧାନ, ଭେଷଜ ବିଶେଷଜ୍ଞ ଡ. ମୌସୁମୀ ପତି ଯୋଗଦେଇ ବ□ମାନ ପରିସ୍ଥିତିରେ କିପରି ଜୀବନଶୈଳୀରେ ବ□ବାକୁ ହେବ ସେ ଉପରେ ପରାମର୍ଶ ଦେଇଥିଲେ। ଏବଂ ଲୋକମାନଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ, କୋଷାଧ୍ୟକ୍ଷ ବଂଶୀଧର ନାୟକ, ଯୁଗ୍ମସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ଓ ସହକୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ସଂଘର ରାଜ୍ୟ ସଭାପତି ଡ. ମଧୁମାଧବ ଜେନା, ସମ୍ପାଦକ ଯୁଗଳ କିଶୋର ସାହୁ ସହଯୋଗ କରିଥିଲେ। ଉପସଭାପତି ପବିତ୍ର ମୋହନ ପରିଚ୍ଛା ଧନ୍ୟବାଦ ଦେଇଥିଲେ।

# ଖୋର୍ଦ୍ଧାରୋଡ଼ ମଣ୍ଡଳ ର ପାଞ୍ଚ ଜଣ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାରରେ ସମ୍ମାନିତ

ନିରାପଦ ଏବଂ ସୁଗମ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଖୋର୍ଦ୍ଧାରୋଡ଼ ମଣ୍ଡଳ ର ପାଞ୍ଚ ଜଣ ରେଳ କର୍ମଚାରୀଙ୍କୁ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, (ଅପରେସନ) ଶ୍ରୀ ପି.କେ.ବେହେରା, ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି। ଡ଼ି ଅର୍ ଏମ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ, ସମସ୍ତ ଶାଖା ଅଧିକାରୀଙ୍କ ଉପସ୍ଥିତିରେ ଏହି ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ କରାଯାଇଥିଲା।ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ



କର୍ମଚାରୀମାନଙ୍କ ମଧ୍ୟରେ ଅଛନ୍ତି, ଶ୍ରୀ ବିନୟ କୁମାର ବିଶ୍ୱକର୍ମା, ସୁରକ୍ଷା ପରାମର୍ଶଦାତା / ଇଞ୍ଜିନିୟରିଂ, ଶ୍ରୀ ସାନ୍ତୋଶ ବେହେରା, ଟ୍ରାକ ମେଣ୍ଟେନର/ ଗୋରକନାଥ, ଶ୍ରୀ ଅରବିନ୍ଦା ଶୁକ୍ଳା, ସିନିୟର୍ ଟ୍ରେନ୍ ମ୍ୟାନେଜର / ଜାଖପୁରା, ଶ୍ରୀ ଗଣେଶ୍ୱର ସିଂ ବଦ୍ରା, ଟେକ୍ନିସିଆନ / ଗଙ୍ଗାଧରପୁର ଏବଂ ଶ୍ରୀ ଲକ୍ଷ୍ମଣ ଟୁଡୁ, ଜୁନିୟର ଇଞ୍ଜିନିୟର, ମେମୁ ସେଡ, ଖୋର୍ଦ୍ଧା ରୋଡ଼ । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ପି.କେ.ବେହେରା, କର୍ତ୍ତବ୍ୟ ପାଳନ ସମୟରେ ଏହି କର୍ମଚାରୀମାନଙ୍କର ସତର୍କତା, ଶୀଘ୍ର ପ୍ରତିକ୍ରିୟା ଏବଂ ଉତ୍ସର୍ଗତାକୁ ପ୍ରଶଂସା କରିଥିଲେ, ଯାହା ଦ୍ୱାରା ଯାତ୍ରୀ ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ସୁନିଶ୍ଚିତ କରାଯାଇପାରିଛି ।

# ଜିଲ୍ଲା ପ୍ରେସ କ୍ଲବ ନିର୍ବାଚନ ଶୁଭ୍ରାଂଶୁ ସଭାପତି, ଦିଲ୍ଲୀପ ସମ୍ପାଦକ ଭାବେ ପୁନଃ ନିର୍ବାଚିତ

ଖୋର୍ଦ୍ଧା- ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ର ୨୦୨୫-୨୦୨୬ ବର୍ଷ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରେସ କ୍ଲବ ର ବରିଷ୍ଠ ସଦସ୍ୟ ତପନ କୁମାର ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ନିର୍ବାଚନ ପରିଚାଳନା ଅଧିକାରୀ ଭାବରେ ଅବ୍ୟକ୍ତ ହରି ହର ଖାଡ଼ଙ୍ଗା ଙ୍କୁ ନିଯୁକ୍ତ କରାଯାଇଥିଲା କ୍ଷ ପ୍ରେସ କ୍ଲବ ପରିଚାଳନା ପରିଷଦ ସଦସ୍ୟ ଙ୍କ ମତାମତ ଆଧାର ରେ ସର୍ବସମ୍ମତିକ୍ରମେ ପ୍ରେସ କ୍ଲବ ର କର୍ମକର୍ତ୍ତା ଚୟନ କରାଯାଇଥିଲା କ୍ଷ କ୍ଲବ ର ସଦସ୍ୟ ରଞ୍ଜିତ ସାମନ୍ତରାୟ ସଭାପତି ପ୍ରାର୍ଥୀ ଭାବେ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ଓ କୃଷ୍ଣ ଚନ୍ଦ୍ର ଦାଶ ସମର୍ଥନ କରିଥିଲେ କ୍ଷ ଜିତେନ୍ଦ୍ର କୁମାର ଭଞ୍ଜ ସମ୍ପାଦକ ପ୍ରାର୍ଥୀ ଭାବେ ଦିଲ୍ଲୀପ କୁମାର ପଟ୍ଟନାୟକ ଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ପ୍ରସନ୍ନ ପାଇକରାୟ ଏବଂ ମହମ୍ମଦ ମୋତାହାର ୟୁସୁଫ ସମର୍ଥନ କରିଥିଲେ କ୍ଷ ଉପ-ସଭାପତି ଭାବେ ପ୍ରସନ୍ନ ପାଇକରାୟ ଓ ଲଳିତ ମୋହନ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ରଞ୍ଜିତ କୁମାର ପାଟଶାଣୀ ଓ ଗୋପାଳ କୃଷ୍ଣ ପ୍ରଧାନ, ସହ-ସମ୍ପାଦକ ସୟଦ ଲିୟାକତ ଅଲ୍ଲୀ, କୋଷାଧ୍ୟକ୍ଷ ଶୁଭ୍ରକାନ୍ତ ମହାପାତ୍ର, ଆବାହକ ପ୍ରକାଶ କୁମାର ହାତୀ, ଆଇନ ପରାମର୍ଶଦାତା ଅବ୍ୟକ୍ତ ହରି ହର ଖାଡ଼ଙ୍ଗା ଓ ସଂଗ୍ରାମ କେଶରୀ ହୋତା, ମୁଖ୍ୟ ପରାମର୍ଶଦାତା, ତପନ କୁମାର ନାୟକ,ଗଣମାଧ୍ୟମ ସଂଯୋଜକ ଭାବେ ସନ୍ତୋଷ ଚୌଧୁରୀ ଏବଂ ପରିଚାଳନା ସଦସ୍ୟ ଭାବେ, ଗୋପାଳ କୃଷ୍ଣ ଦାସ, ରାମ ନାରାୟଣ ଦାଶ, ସନ୍ଦୀପ ବର୍ମନ, ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସନ୍ତୋଷ ବାରିକ, ପ୍ରବୀଣ ଭଞ୍ଜ, ପ୍ରକାଶ ପଟ୍ଟନାୟକ ଓ ଜିତେନ୍ଦ୍ର ଭଞ୍ଜ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ଖାଡ଼ଙ୍ଗା ଘୋଷଣା କରିଥିଲେ ।

# ମଧୁସୂଦନ ପାର୍କରେ ହାସ୍ୟ ଦିବସ ପାଳିତ

ଭୁବନେଶ୍ୱର : -ସ୍ଥାନୀୟ ପୋଖରୀପୁଟ୍ ମଧୁସୂଦନ ପାର୍କସ୍ଥିତ ଯୋଗ ମଣ୍ଡପରେ ୱାକାର୍ସ ଆସୋସିଏସନ୍ ପକ୍ଷରୁ ବରିଷ୍ଠ ସାମ୍ବାଦିକ, ପାକ୍ଷିକ ସମ୍ବାଦପତ୍ର ' ବିରଜା ଭୂମି'ର ସମ୍ପାଦକ ତଥା ପ୍ରାତଃ ଭ୍ରମଣକରୀ ସଂଘର ସଭାପତି ନିର୍ମଳ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ହାସ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟେକ ମଣିଷର ସୁସ୍ଥ ରହିବାରେ ଯୋଗାଭ୍ୟାସ ବିଶେଷ କରି ହାସ୍ୟାସନର ଉପକାରିତା ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ହାସ୍ୟାସନ ମଣିଷ ମନକୁ ପ୍ରଫୁଲ୍ଲ ରଖିବା ସଙ୍ଗେ ସଙ୍ଗେ ରକ୍ତଚାପ ଓ ମଧୁମେହ ପରି ରୋଗ ନିରାକରଣ କରେ ବୋଲି ମତବ୍ୟକ୍ତ କରିଥିଲେ। ଏମ୍.ଏସ୍.ପାର୍କ ମର୍ଣ୍ଣିଙ୍ଗ ୱାକର୍ସ୍ ଏସୋସିଏସନ୍ ର ସମ୍ପାଦକ ଆଇନିଜୀବୀ ତଥା ଯୋଗଗୁରୁ ଲକ୍ଷ୍ମୀ ନାରାୟଣ ପାଢ଼ୀ ' ବିରଜା ଭୂମି ସମ୍ବାଦପତ୍ର' ସାହିତ୍ୟ ପୃଷ୍ଠାରେ ପାଠକ ମାନଙ୍କ ମନୋରଞ୍ଜନ ପାଇଁ ହାସ୍ୟରସ ସମ୍ବଳିତ ବ୍ୟଙ୍ଗ, ରମ୍ୟ ରଚନା ଆଦି ପ୍ରକାଶ କରିବା ପାଇଁ ସମ୍ପାଦକ ଶ୍ରୀ ସାମଲଙ୍କୁ ଅନୁରୋଧ କରିଥିଲେ। ଏହି ଉତ୍ସବରେ ଲକ୍ଷ୍ମୀ ନାରାୟଣ ପାଢ଼ୀ ଓ ଏ. ମନୋଜ ରାଜୁଙ୍କ ଜନ୍ମ ଦିନ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶିର ଦାଶ, ଅଶୋକ ପ୍ରଧାନ,ପଠାଣି ବେହେରା, ପ୍ର. ବାଳକୃଷ୍ଣ, ସୁଦର୍ଶନ ମହାଳିକ, ସଞ୍ଜୀବ ସାହୁ, ଦଶରଥ ନନ୍ଦ, ବାଇଧର ପାତ୍ର, ତରଣୀ ସେନ ନାୟକ, ଅଭୟ ମହାପାତ୍ର, ହର୍ଷବର୍ଦ୍ଧନ ଉଦ୍ଗତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୃଷ୍ଣ ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ